

₹: 25
@amarisatya
www.amarisatya.in

# ଆମରି ସତ୍ୟ

# AMARI SATYA

ଚତୁର୍ଦ୍ଦଶ ବର୍ଷ, ଏକାଦଶ ସଂଖ୍ୟା
ମଇ ୨୦୨୪, ପୃଷ୍ଠା ସଂଖ୍ୟା ୩୬
RNI Regn. No. : ODI/ODI/2010/350521
Postal Regd. No. : PURI-33/2022-24





# GANAPATI POLY CLINIC

Near Bhagabati Saw Mill, Hari Bhaina Chhaka, Jatni

**Contact : 7008606240, 9827677640**



## Dr. KARMAJEET RATH

MBBS. MD. (SCB Medical College, Cuttack)
Diabetelogist & General Physician
Prof, IMS & SUM Hospital
**Every Tuesday, Thursday - 4pm to 6pm**



## Dr. Smt. SHASHI SINGH

MBBS. MS. O&G FMAS Senior Consultant
Gynecologist & Infertility Specialist
Apollo Hospital, Bhubaneswar
**Everyday - 2pm to 4pm**



## Dr. SAMBIT KUMAR BEHERA

MD (Medicine), DM (Gastroenterology)
Associate Professor
(SCB Medical College, Cuttack)
**Every Month 2nd & 4th Sunday**



## Dr. P. R. SAMAL (MD)

Unique Hospital, Cuttack
Skin, Cosmetic &
Hair Transplant Surgeon
**Every Monday - 10am to 1pm**

GANAPATI PATHOLAB : Blood, Stool, Urine, Sperm Test Available Here

www.amarisatya.in

# ଆମରି ସତ୍ୟ

ଭିନ୍ନସ୍ୱାଦର ମାସିକ ପତ୍ରିକା...

ଚତୁର୍ଦ୍ଦଶ ବର୍ଷ ❖ ଏକାଦଶ ସଂଖ୍ୟା ❖ ମଇ ୨୦୨୪

| ପ୍ରତିଷ୍ଠାତା | ସମ୍ପାଦକ | ସହଯୋଗୀ ସମ୍ପାଦକ | ମୁଖ୍ୟ ସହ ସମ୍ପାଦକ |
|---|---|---|---|
| ଡ. ପ୍ରମୋଦ ଚନ୍ଦ୍ର ଦାଶ<br>୯୪୩୭୨୮୧୬୫୫ | ଡ. ପ୍ରସନ୍ନ କୁମାର ଜେନା<br>୯୮୬୧୦୧୬୩୪୯ | ଶ୍ରୀ ସତ୍ୟବାଦୀ ବଳିଆରସିଂହ<br>୯୨୩୭୦୮୯୫୦୯ | ଶ୍ରୀ ତ୍ରିଲୋଚନ ମହାପାତ୍ର<br>୯୯୩୮୯୯୪୮୨୨ |

**ସହ ସମ୍ପାଦକ ମଣ୍ଡଳୀ**

ଶ୍ରୀ ସତ୍ୟନାରାୟଣ ସାମନ୍ତରାୟ ୯୪୩୮୭୩୪୮୧୬ | ଡ. ଅଜୟ କୁମାର ସ୍ୱାଇଁ ୯୪୩୭୨୮୧୪୮୨ | ଡ. ଭବାନୀ ଶଙ୍କର ଦାଶ ୯୪୩୭୧୩୧୯୯୬ | ଶ୍ରୀମତୀ ରଶ୍ମିତା ନାୟକ ୯୪୩୮୩୬୩୦୩୦

**ସଂଯୋଜକ**

ଡ. ନିରଞ୍ଜନ ମହାନ୍ତି ୯୪୩୭୧୬୦୩୫୫

ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ ୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ ମଣ୍ଡଳୀ**

ଶ୍ରୀ ସମରଜିତ୍ ପଟ୍ଟନାୟକ ୯୮୬୧୧୨୧୨୦୫

ଶ୍ରୀ ସର୍ବେଶ୍ୱର ମହାପାତ୍ର ୯୯୩୮୪୪୨୪୨୮

ଶ୍ରୀ ବିଭୁପ୍ରସାଦ ହରିଚନ୍ଦନ ୭୦୭୭୯୮୩୮୪୦

ଡ. ପ୍ରେମଚାନ୍ଦ ମହାନ୍ତି ୯୪୩୭୧୨୭୮୨୦

ଡ. ଗୌରହରି ମିଶ୍ର ୯୪୩୭୪୧୧୭୦୯

**ଅଙ୍ଗସଜ୍ଜା**

ଶ୍ରୀ ରାଜୀବ ରଥ ୭୫୦୪୬୬୯୭୯୨

ଶ୍ରୀ ପ୍ରୀତମ୍ ବଳୀୟାରସିଂହ ୯୯୩୭୫୮୧୩୧୮

## ପରାମର୍ଶଦାତା ମଣ୍ଡଳୀ

❖**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପ୍ରାକ୍ତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ

❖**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

❖**ଡ. ଅଭୟ କୁମାର ନାୟକ**
କୁଳସଚିବ, ନାଇଜର, ଭୁବନେଶ୍ୱର

❖**ଡ. ଶରଚ୍ଚନ୍ଦ୍ର ମହାପାତ୍ର**
ପ୍ରାକ୍ତନ ଅଧ୍ୟକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ, ପୁରୀ

❖**ଡ. ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ୍ ଓ ସମାଜସେବୀ, ଭୁବନେଶ୍ୱର

❖**ଡ. ବସନ୍ତ କିଶୋର ସାହୁ**
ଶିଶୁ ସାହିତ୍ୟିକ, କୁସୁପୁର, କଟକ

❖**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା

❖**ଡ. ଗୌରୀଶଙ୍କର ପ୍ରହରାଜ**
ଶିକ୍ଷାବିତ୍, ଭୁବନେଶ୍ୱର

❖**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ

❖**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା

❖**ରାମଶଙ୍କର**
ଅଧ୍ୟକ୍ଷ, ବିଶ୍ୱାମିତ୍ର ଜନ ସେବା ଟ୍ରଷ୍ଟ, ଖୋରଧା

**ମୁଖ୍ୟ କାର୍ଯ୍ୟାଳୟ (ଖୋର୍ଦ୍ଧା):**
'ଆମରି ସତ୍ୟ'
ଏମ୍-୧/୫,
ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ଼ କଲୋନୀ
ପୋ.- ପି.ଏନ୍. କଲେଜ, ଜି: ଖୋର୍ଦ୍ଧା,
ପିନ୍: ୭୫୨୦୫୭, ଓଡ଼ିଶା
ମୋ:୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ:**
ଶ୍ରୀ ରମେଶ ଚନ୍ଦ୍ର ମହାପାତ୍ର
ନିର୍ଦ୍ଦେଶକ, ଆମରି ସତ୍ୟ
ଏମ-୫/୨୩,
ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୧୩, ଓଡ଼ିଶା
ମୋ:୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ:**
ଶ୍ରୀ ପଦ୍ମନାଭ ପାଣିଗ୍ରାହୀ
ବନମାଳୀ କଲୋନୀ, ଜଟଣୀ
ମୋ:୭୮୪୮୮୮୪୬୦୬

**ଗ୍ରାହକମାନଙ୍କ ପାଇଁ ସୂଚନା**

ପ୍ରତି ଖଣ୍ଡ ଦେୟ ଟ.୨୫/-
ବାର୍ଷିକ ଦେୟ ଟ.୨୫୦/-
ଆଜୀବନ ସଦସ୍ୟତା (୧୪ ବର୍ଷ) ଟ.୩୦୦୦/-

'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ।


ଦେୟ 'ଆମରିସତ୍ୟ' ନାମରେ ମନି ଅର୍ଡର, ଡ୍ରାଫଟ୍, ଚେକ୍ ତଥା UPI ମାଧ୍ୟମରେ ପଠାଇବାକୁ ଅନୁରୋଧ ।
ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ A/c No. 31033974226, IFSC-SBIN0012027, MICR-752002151

AMARISATYA : AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS
Website: www.amarisatya.in Email:amarisatya@gmail.com



## ସକାଳ ବନ୍ଦନା : ସଞ୍ଜ ପ୍ରାର୍ଥନା

ରମେଶ ମଙ୍ଗରାଜ



ମହାପ୍ରଭୁ ତୁମ ଦର୍ଶନ ପାଇଲେ
ଭୋକିଲା ମନଟା ପୂରିଯାଏ
ତୁମକୁ ଦେଖିଲେ ସୁଖିଲା ଓଠରେ
ଅଜାଣତେ ହସ ଝରିଯାଏ ।।୦।।

ଆଖିରୁ ବହିଲେ ଟୋପାଏ ଲୋତକ
ମୋତି ପାଲଟଇ ତୁମ ପାଇଁ
ଦରଦୀ କଣ୍ଠର ପଦଟିଏ ଗୀତ
ତମରି ବନ୍ଦନା ଯାଏ ହୋଇ
ଚଲିଗଲେ ପାଦେ ତୁମ ପାଇଁ ପ୍ରଭୁ
ଆତ୍ମାକୁ ସନ୍ତୋଷ ମିଳିଥାଏ ।।୧।।
ମହାପ୍ରଭୁ ତୁମ..........

ତୁମରି ଭାବନା ଭାବରେ ମଜ୍ଜିଲେ
ସବୁ ଦୁଃଖ ଯାଏ ଦୂର ହୋଇ
ନାମ ବହିଅଛ ଜଗନ୍ନାଥ ତୁମେ
ଜଗତର ହିତେ ଭାବଗ୍ରାହୀ
ତୁମ ନାମ ଧରି ହାତ ଟେକିଦେଲେ
ସଂସାର ବନ୍ଧନ ହଟିଯାଏ ।।୨।।
ମହାପ୍ରଭୁ ତୁମ.........

**କବି ଓ କବିତା ଭବନ**
**ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା**
**ମୋ - ୯୧୭୮୬୨୬୨୮୦**

## ଅମର ଲେଖନୀରୁ

ନୁହେ ଯା'ର ଚିତ୍ତ ଦୃଢ଼ ଏକାଗ୍ର ନିଶ୍ଚଳ
ତେଜି ନାହିଁ ମନ ଯା'ର ବିଷୟ ପଟଳ,
ବୈରାଗ୍ୟ ନିର୍ମଳ ଶାନ୍ତ ହୋଇ ନାହିଁ ମତି,
ହୁଏ ନାହିଁ ତା'ର କେବେ ଆତ୍ମା ପରାପତି।

# ହିତବାଣୀ

## ଗୀତା

ମାତ୍ରାସ୍ପର୍ଶାସ୍ତୁ କୌନ୍ତେୟ, ଶୀତୋଷ୍ଣସୁଖଦୁଃଖଦାଃ।
ଆଗମାପାୟିନୋଽନିତ୍ୟା, ସ୍ତାଂସ୍ତିତିକ୍ଷସ୍ୱ ଭାରତ।।
ଯଂ ହି ନ ବ୍ୟଥୟନ୍ତ୍ୟେତେ, ପୁରୁଷଂ ପୁରୁଷର୍ଷଭ।
ସମଦୁଃଖସୁଖଂ ଧୀରଂ, ସୋଽମୃତତ୍ୱାୟ କଳ୍ପତେ।।

ଇନ୍ଦ୍ରିୟର ବଶବର୍ତ୍ତୀ ହୋଇ ମନୁଷ୍ୟ ସୁଖ ଦୁଃଖ ଭୋଗ କରେ। ଏହି ଯାହା ସବୁ ଅନିତ୍ୟ ଏ ସବୁରେ ତୁମେ ବିଚଳିତ ହୁଅ ନାହିଁ। ଯେଉଁ ଲୋକ ସୁଖ ଦୁଃଖକୁ ସମାନ ଜ୍ଞାନ କରେ ସେ କେବେ ବିଚଳିତ ହୁଏ ନାହିଁ, ତେଣୁ ସେ ମୁକ୍ତି ପାଏ।

## ଭାଗବତ ବାଣୀ

ଚିତ୍ତ ବିଶୁଦ୍ଧ ଯା'ର ନାହିଁ। ତା'ର ବୈରାଗ୍ୟ ଜ୍ଞାନ କାହିଁ।।
ଦଣ୍ଡିବା ଶକ୍ତି ଯା'ର ଥାଇ। ସେ ପୁଣି କ୍ଷମା ଆଚରଇ।।

## ଚାଣକ୍ୟ ନୀତି

ଠିକ୍ ସମୟରେ ପରିଚୟ ମିଳିଥାଏ :

ଜାନୀୟାତ୍ପ୍ରେଷଣେଭୃତ୍ୟାନ୍ ବାନ୍ଧବାନ୍ ବ୍ୟସନାଽଽଗମେ।
ମିତ୍ରଂ ଚାଽଽପତ୍ତିକାଳେଷୁ ଭାର୍ଯ୍ୟାଂ ଚ ବିଭବକ୍ଷୟେ।।

କୌଣସି ମହତ୍ୱପୂର୍ଣ୍ଣ କାର୍ଯ୍ୟରେ ପଠାଇଲା ବେଳେ ଚାକର ବା ସେବକକୁ ପରୀକ୍ଷା କରାଯାଇଥାଏ। ଦୁଃଖ ସମୟରେ ବନ୍ଧୁବାନ୍ଧବମାନଙ୍କୁ, ବିପଦଆପଦ ବେଳେ ମିତ୍ରଙ୍କୁ ତଥା ଧନ ନଷ୍ଟ ହୋଇଗଲେ ପତ୍ନୀଙ୍କୁ ପରୀକ୍ଷା କରାଯାଇଥାଏ।

## ନୀତିଶ୍ଳୋକ

ସ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ୍।
ପରିବର୍ତ୍ତିନି ସଂସାରେ ମୃତଃ କୋ ବା ନ ଜାୟତେ।।

ଯେଉଁ ପୁତ୍ର ଜାତ ହେବା ଦ୍ୱାରା କୁଳର ଗୌରବ ବୃଦ୍ଧି ପାଏ ତାହାର ଜନ୍ମ ସାର୍ଥକ। ତାହା ନ ହେଲେ ପରିବର୍ତ୍ତନଶୀଳ ସଂସାରରେ କେତେ ଅବା ମରୁ ନାହାନ୍ତି ପୁଣି ମରିବା ପରେ ଜନ୍ମ ହେଉ ନାହାନ୍ତି।

## କୁହତ ଦେଖି


ଢିଙ୍କି ବସିଛି ପଣେ
ଶୁଖେଇ ଦେବାକୁ ଜଣେ।

- ଜିଭ

## ବୁଦ୍ଧି ପ୍ରୟୋଗ

ଉଡ଼ିଗଲା ଚଢ଼େଇର ପର ଗଣିବା -
ବୁଦ୍ଧି ପ୍ରୟୋଗ କରି ସବୁ ଜାଣିପାରିବା।





# ସମ୍ପାଦକୀୟ....

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ଏହାର କୃଷକ ବିଭିନ୍ନ ଋତୁରେ ଭିନ୍ନ ଭିନ୍ନ କୃଷି ନିମନ୍ତେ ପ୍ରସ୍ତୁତ ହୋଇ କ୍ଷେତ୍ରମାନଙ୍କରେ ସବୁଜ ଶ୍ୟାମଳ ଶସ୍ୟର ଶୋଭା ସମ୍ପଦ ଫୁଟାଇଦିଏ। ସମସ୍ତ କୃଷି ମଧ୍ୟରେ ଧାନଚାଷ ହେଉଛି ଏହାର ପ୍ରଧାନ କୃଷି। ଓଡ଼ିଶାର କୃଷକ ଧାନକୁ ମା’ ମହାଲକ୍ଷ୍ମୀ ରୂପେ ପୂଜା କରେ। ଏହି ଚାଷ ଗ୍ରୀଷ୍ମ ଋତୁରୁ ଆରମ୍ଭ ହୋଇ ହେମନ୍ତ ଋତୁରେ ପ୍ରାୟତଃ ସମାପ୍ତ ହୁଏ। ମୌସୁମୀ ବାୟୁର ଗତିବିଧିକୁ ଆକଳନ କରି ଓଡ଼ିଶାର କୃଷକ ପ୍ରଚଣ୍ଡ ନିଦାଘକୁ ଖାତିର ନକରି ଗ୍ରୀଷ୍ମ ଋତୁର ପ୍ରଥମ ମାସ ବୈଶାଖରୁ ଧାନ ବୁଣା ଆରମ୍ଭ କରିଦିଏ। ଏହି କାର୍ଯ୍ୟ ଯେଉଁ ତିଥିରେ ଅନୁକୂଳ କରାଯାଏ ତାହାର ନାମ ହେଉଛି ଅକ୍ଷୟ ତୃତୀୟା। ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥିକୁ ଅକ୍ଷୟ ତୃତୀୟା କୁହାଯାଏ। ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ବୈଜ୍ଞାନିକ ଓ ଭୌଗୋଳିକ ଦୃଷ୍ଟିକୋଣରୁ ଏହି ତିଥି ବହନ କରିଛି ଏକ ସ୍ୱତନ୍ତ୍ର ମହତ୍ତ୍ୱ। ଶ୍ରୀଗୁଣ୍ଡିଚା, ଦଶହରା ଓ ବସନ୍ତ ପଞ୍ଚମୀ ପରି ଅକ୍ଷୟ ତୃତୀୟା ପ୍ରାୟତଃ ସମସ୍ତ ଶୁଭକାର୍ଯ୍ୟର ଅନୁକୂଳ ପାଇଁ ଏକ ପଶସ୍ତ ତିଥି।

ଅତଏବ ଓଡ଼ିଆ ଜାତିର ପଖାଳ ହାଣ୍ଡିର ମୁଖ୍ୟ ସମ୍ବଳ, ପ୍ରାଣର ପରିତୋଷକ ତଥା ମା’ ମହାଲକ୍ଷ୍ମୀଙ୍କର ଶସ୍ୟସ୍ୱରୂପ ଧାନର ଚାଷ ପାଇଁ ଓଡ଼ିଶାର କୃଷକ ଏହି ଅକ୍ଷୟ ତୃତୀୟା ତିଥିରେ ବିହନ ମୁଠି ବୁଣିବାର ଅନୁକୂଳ କରିଥାଏ। ଏହାକୁ ଅକ୍ଷିମୁଠି ଅନୁକୂଳ ନାମରେ ନାମିତ କରିଥାଏ। ଯେଉଁ ତୃତୀୟା ତିଥିରେ ଆରମ୍ଭ ଶୁଭ କାର୍ଯ୍ୟରେ କୌଣସି କ୍ଷୟ (କ୍ଷତି, ନଷ୍ଟ) ନଥାଏ ତାହା ହିଁ ଅକ୍ଷୟ ତୃତୀୟା।

ଆମ୍ଭର ପିତୃପିତାମହଙ୍କ ମୁଖରୁ ଶୁଣାଯାଉଥିଲା ଯେ ଦେବସ୍ନାନ ପୂର୍ଣ୍ଣିମା (ଜ୍ୟେଷ୍ଠ ପୂର୍ଣ୍ଣିମା) ସମୟକୁ କୃଷକ ତା’ର ଧାନ୍ୟକ୍ଷେତ୍ରରେ ବେଉଷଣ କାର୍ଯ୍ୟ କରୁଥିଲା, ଯାହା ଆଜି ଶୁଣିଲେ ସ୍ୱପ୍ନ ପରି ମନେହୁଏ। ସେହି ଦେବସ୍ନାନ ପୂର୍ଣ୍ଣିମା ପରଠାରୁ ଘନଘୋର ଆଷାଢ଼ ମାସ ଧରାବତରଣ କରେ। ସ୍ୱର୍ଣ୍ଣାଙ୍ଗୀ ସୌଦାମିନୀର ହାସ୍ୟ ଓ ଲାସ୍ୟରେ ଧରଣୀ ମୁହୁର୍ମୁହୁ କ୍ଷଣକ୍ଷଣକ ପାଇଁ ସ୍ୱର୍ଣ୍ଣିମ ଆଲୋକରେ ଉଦ୍ଭାସିତ ହୁଏ। ବଜ୍ରର ଗର୍ଜନରେ ସ୍ତବ୍ଧ ଚକିତ ହୁଅନ୍ତି ମନୁଷ୍ୟ ଓ ଇତରପ୍ରାଣୀ ସମୂହ। ଅବାରିତ ମେଘ ପୁଷ୍ପାଞ୍ଜଳିରେ ସବୁଜ ଶ୍ୟାମଳ ପାଟରେ ମାଟି ମା’ର ଅଙ୍ଗ ଆଚ୍ଛାଦିତ ହୁଏ। ଠିକ ସେହି ସମୟରୁ ଧାନ୍ୟକ୍ଷେତ୍ରର ବେଉଷଣ କାର୍ଯ୍ୟ କରିବା ଲକ୍ଷ୍ୟରେ ଓଡ଼ିଶାର କୃଷକ ଏହି ଅକ୍ଷୟ ତୃତୀୟାରୁ ଧାନ ବୁଣାର ଶୁଭାରମ୍ଭ କରେ।

ଏସବୁ ପରମ୍ପରା ଆଜି କର୍ପୂର ଉଡ଼ିଯାଇଥିବା କନା ପରି ରହିଅଛି। ସମଗ୍ର ବିଶ୍ୱର ପରିବେଶ ଆଜି ପ୍ରଦୂଷିତ। ନାହିଁ ସେ ନିବିଡ଼ ସବୁଜ ବନାନୀ, ନାହିଁ ନିବିଡ଼ ତରୁଲତା ଆଚ୍ଛାଦିତ ତରଙ୍ଗ ଭଙ୍ଗିଳ ଶୈଳରାଶି, ଆଉ ନାହିଁ ସେକାଳ ମେଘମାଳାର ଯଥା ସମୟରେ ଉପସ୍ଥିତି। ହଜାର ହଜାର ଏକର ଜମିରେ ଆଜି ଠିଆହୋଇଛି ଅଭ୍ରଙ୍କଷ ବହୁତଳ ପ୍ରାସାଦ। ଅର୍ଥକୁ ଜୀବନର ସର୍ବସ୍ୱ ଭାବି କୃଷକ ତା’ର ଅନ୍ନାଧାର ସ୍ୱରୂପ କୃଷିକ୍ଷେତ୍ରକୁ କିଛି ଅର୍ଥ ବିନିମୟରେ ଟେକି ଦେଇଛି ବିଲ୍ଡର ଦଳଙ୍କ ହସ୍ତରେ। କେବଳ ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେଇ ଏହି ପର୍ବପାଳନ କରାଯାଉଛି। ବଳଦ ଓ ହଳ ଲଙ୍ଗଳ କହିଲେ ଆଜିର ଛାତ୍ରଛାତ୍ରୀ ତା’ର ଅର୍ଥ ବୁଝୁନାହାନ୍ତି। ଗୋବର ଓ ରଙ୍ଗ ମାଟିଲିପା ଗଉଣି ଉପରେ କୃଷକ ବଧୂର ହସ୍ତାଙ୍କିତ ଧଳାଝୋଟି ଆଉ ଲଙ୍ଗଳରେ ଅଙ୍କିତ ସେହି ଦିବ୍ୟଚିତା ଆଜି ପରିଲକ୍ଷିତ ହେଉନାହିଁ। କର୍ମପ୍ରବଣ କର୍ମଜୀବୀ କୃଷକ ଆଜି ସତେ ଯେମିତି ପାଲଟିଯାଇଛି କର୍ମକୁଣ୍ଠ।

ଶ୍ୱେତବସ୍ତ୍ର ପରିହିତ ଓ ପାଗବନ୍ଧା ଶିରରେ ବଡ଼ବଡ଼ିଆଙ୍କର ଯେଉଁ ମୁଠି ଅନୁକୂଳର ଆସ୍ଫାଳନ ତାହା ଏ ଜାତି ଓ ସଂସ୍କୃତିକୁ ଉପହାସ ପରି ମନେ ହେଉଛି। ଅବାଧ ଜମି ବିକ୍ରି ଓ ବହୁତଳ ଅଟ୍ଟାଳିକା ନିର୍ମାଣରେ କିଛି ସରକାରୀ ଶୃଙ୍ଖଳା ଥିବା ପରି ମନେ ହେଉ ନାହିଁ। ନିଜ ମହକକୁ ନେଇ ଉଡ଼ିଯାଇଛି ସେ କପୂର, ଆଉ ତା’କୁ ବାନ୍ଧି ରଖିଥିବା କନା ପରି ପଡିରହିଛି ଏ ଓଡ଼ିଆ ଜାତି ଓ ସଂସ୍କୃତି। “ଆଲୋ ସଖି ! ଆପଣା ମହତ ଆପେ ରଖି”ଏ ଦୃଷ୍ଟିରୁ ଆସନ୍ତୁ ଭ୍ରାତୃତ୍ୱର ବନ୍ଧନରେ ଆବଦ୍ଧ ହୋଇ ପାଳନ କରିବା ଆମ ସଂସ୍କୃତି, ବଜାୟ ରଖିବା ଆମ ପରମ୍ପରା ଆଉ ଆମ ଜାତିର ଗୌରବ।

ଡ ପ୍ରସନ୍ନ କୁମାର ଜେନା

# ସୂଚୀପତ୍ର


| କ୍ର.ସଂ. | ବିଷୟ | ବ୍ୟକ୍ତିତ୍ୱ | ପୃଷ୍ଠା |
|---|---|---|---|
| ୧. | ସୁସ୍ଥ ଗଣତନ୍ତ୍ର ପାଇଁ ମତଦାନ... | ଡ. ପ୍ରମୋଦ ଚନ୍ଦ୍ର ଦାଶ | ୫ |
| ୨. | ମତଭେଦ ସ୍ୱୀକାର୍ଯ୍ୟ: ଶତ୍ରୁତା ନୁହେଁ | ତୁଳସୀ ଜୈନ | ୭ |
| ୩. | ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ ନିର୍ବାଚନ... | ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି | ୯ |
| ୪. | ଉତ୍ତମ ମଣିଷ | ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀ | ୧୦ |
| ୫. | କବିତ୍ୱ କବିର ସୁରକ୍ଷା କବଚ | ରମାକାନ୍ତ ମିଶ୍ର | ୧୨ |
| ୬. | ସ୍ୱପ୍ନ ରହିଗଲା ଅଧା | ଦେବବ୍ରତ ବାରିକ | ୧୪ |
| ୭. | ବୋଉ ତୁ ଗଲାପରେ | ଚିତ୍ତରଞ୍ଜନ ପଟ୍ଟନାୟକ | ୧୫ |
| ୮. | ପ୍ରକୃତି କହୁଛି | ସବିତା ଶୁକ୍ଳା | ୧୬ |
| ୯. | ସତ୍ୟର ସଂଜ୍ଞା (ପରିଭାଷା) | ବିଦ୍ୟାଧର ରାଉତରାୟ | ୧୬ |
| ୧୦. | ମଶାଣି | ପ୍ରଦୀପ ନାୟକ | ୧୬ |
| ୧୧. | ଉଡ଼ି ଉଡ଼ି ଯାଏ | ଡ. ଚପଳା ପଣ୍ଡା | ୧୭ |
| ୧୨. | ମୋ’ ଗାଁ | କାର୍ତ୍ତିକ ଚନ୍ଦ୍ର ରଥ | ୧୭ |
| ୧୩. | ଚେସ୍ ତାରକା ଗୁକେଶଙ୍କ କୃତିତ୍ୱ | ଆଶିଷ କୁମାର ରାୟ | ୧୮ |
| ୧୪. | ସୁନାରଙ୍ଗର ବିରାଡ଼ି | ମନୋଜ କୁମାର ମହାପାତ୍ର | ୧୯ |
| ୧୪. | ବିଜ୍ଞାନ ବିଚିତ୍ରା | ଡ. ପ୍ରେମଚାନ୍ଦ ମହାନ୍ତି | ୨୦ |
| ୧୫. | ସମ୍ବାଦ ବିଚିତ୍ରା | | ୨୪ |
| ୧୬. | ସାଧାରଣ ଜ୍ଞାନ ଏବଂ ପ୍ରତିଯୋଗିତାଭିତ୍ତିକ ପ୍ରଶ୍ନୋତ୍ତର | | ୨୫ |
| ୧୭. | ପର୍ବପର୍ବାଣୀ ଓ ମୁଖ୍ୟ ଦିବସ | | ୩୨ |



## ବିଶେଷ ସୂଚନା

**ଆପଣମାନଙ୍କ ଦ୍ୱାରା ଆଦୃତ ଏହି ମାସିକ ଜ୍ଞାନବର୍ଦ୍ଧକ ପତ୍ରିକା ମାଧ୍ୟମରେ ଅତି ସୁଲଭ ମୂଲ୍ୟରେ ‘ବିଜ୍ଞାପନ’ ପ୍ରକାଶନ ସୁଯୋଗର ଲାଭ ଉଠାନ୍ତୁ।**



ଯୋଗାଯୋଗ : ମୁଖ୍ୟ କାର୍ଯ୍ୟାଳୟ (ଖୋର୍ଦ୍ଧା)

**ଆମରି ସତ୍ୟ**

ଏମ୍ - ୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ଼ କଲୋନୀ

ପୋ - ପି.ଏନ୍. କଲେଜ, ଖୋର୍ଦ୍ଧା - ୭୫୨୦୫୭,

ଓଡ଼ିଶା

ମୋ : ୯୪୩୭୨୮୧୬୫୫




“କ୍ଷମତାର ଖେଳ ତ ଚାଲିବ,
ସରକାର ଆସିବେ-ଯିବେ,
ଦଳ ଗଠନ ହେବେ-ଭାଙ୍ଗିବେ...
କିନ୍ତୁ ଏ ଦେଶ ରହିବା ଆବଶ୍ୟକ...
ଏହି ଦେଶର ଗଣତନ୍ତ୍ର ଅମର ରହିବା ଆବଶ୍ୟକ।”

~ ଶ୍ରୀ ଅଟଳ ବିହାରୀ ବାଜପେୟୀ


# ସୁସ୍ଥ ଗଣତନ୍ତ୍ର ପାଇଁ ମତଦାନ ସାକ୍ଷରତା



**ଡ. ପ୍ରମୋଦ ଚନ୍ଦ୍ର ଦାଶ**

ଏକ ଗଣତାନ୍ତ୍ରିକ ସମାଜରେ ପିଲାମାନେ ନାଗରିକ ଭାବରେ ସେମାନଙ୍କର ଦାୟିତ୍ୱ ଏବଂ ସଂସ୍କୃତି ଜାଣିବା ଆବଶ୍ୟକ ଅଟେ। ମତଦାନ ସାକ୍ଷରତା ସେମାନଙ୍କୁ ନିର୍ବାଚନ ପ୍ରକ୍ରିୟା ବିଷୟରେ ଶିକ୍ଷା ଦେବ ଏବଂ ଭାରତ ପରି ବିବିଧତାରେ ପରିପୂର୍ଣ୍ଣ ଦେଶରେ ନିର୍ବାଚନର ସୁଗମ ପରିଚାଳନାରେ ସାହାଯ୍ୟ କରିବ।

ଗଣତାନ୍ତ୍ରିକ ପ୍ରକ୍ରିୟା ଏବଂ ମତଦାନ କରିବାର ଗୁରୁତ୍ୱକୁ ସହଜରେ ବୁଝିବା ପାଇଁ ମତଦାନ ସାକ୍ଷରତା ସାହାଯ୍ୟ କରେ। ଏଥିରେ ସରକାରଙ୍କ ବିଷୟରେ ସୂଚନା ଅନ୍ତର୍ଭୁକ୍ତ; ରାଷ୍ଟ୍ର ସମ୍ମୁଖୀନ ହେଉଥିବା ପ୍ରମୁଖ ଅର୍ଥନୈତିକ, ସାମାଜିକ ଏବଂ ରାଜନୈତିକ ପ୍ରସଙ୍ଗଗୁଡ଼ିକ; ଗଣତନ୍ତ୍ରର ମୂଲ୍ୟ ଏବଂ ଅନ୍ୟାନ୍ୟ ମଧ୍ୟରେ ମହିଳା ଏବଂ ପୁରୁଷମାନଙ୍କ ସମାନ ଅଧିକାର। ଏକ ସୁସ୍ଥ ଗଣତନ୍ତ୍ର ସୁନିଶ୍ଚିତ କରିବା ପାଇଁ ମତଦାତାମାନଙ୍କ ପାଖରେ ଏକ ସ୍ପଷ୍ଟ ଧାରଣା ଏବଂ ମତ ରହିବା ଆବଶ୍ୟକ।




ଭାରତର ନିର୍ବାଚନ ଆୟୋଗ ଅନୁଯାୟୀ, ଶିକ୍ଷାନୁଷ୍ଠାନ ମାଧ୍ୟମରେ ମତଦାନ ସାକ୍ଷରତାକୁ ମୁଖ୍ୟଧାରାରେ ପକାଇବା ଆବଶ୍ୟକ, କାରଣ ଏହା ଜରୁରୀ ଅଟେ କି ନୂତନ ପିଢ଼ିର ମତାମତ ଗ୍ରହଣ କରାଯାଉ ଏବଂ ମତଦାନ ସାକ୍ଷରତାରେ ଭଲ ଭାବରେ ପ୍ରସ୍ତୁତ କରାଯାଇଥିବା ରଣନୀତି ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷିତ ତଥା ସଶକ୍ତ କରିବା ଦ୍ୱାରା ଭବିଷ୍ୟତ ପାଇଁ ନିର୍ବାଚନଗୁଡ଼ିକରେ ସକ୍ରିୟ ଅଂଶଗ୍ରହଣ କରିପାରୁଥିବା ଆତ୍ମବିଶ୍ୱାସୀ ନାଗରିକ ସମୂହ ସୃଷ୍ଟି କରିବାରେ ସାହାଯ୍ୟ ମିଳିବ। ଏହାଦ୍ୱାରା ସେମାନଙ୍କୁ ସୂଚିତ ଏବଂ ନୈତିକ ମତଦାନ ନିର୍ଣ୍ଣୟ କରିବାରେ ସାହାଯ୍ୟ କରିବ।

ଭାରତର ଶିକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ସଂରଚିତ ପାଠ୍ୟକ୍ରମ, ସହ-ପାଠ୍ୟକ୍ରମ ଏବଂ ବହିର୍ବିଭାଗ କାର୍ଯ୍ୟକଳାପ ଦ୍ୱାରା ଭବିଷ୍ୟତରେ ନୂତନ ଭୋଟରମାନଙ୍କୁ ଅଧିକ ନିର୍ବାଚନରେ ଅଂଶଗ୍ରହଣ ପାଇଁ ପ୍ରସ୍ତୁତ କରିବା ତଥା ବାସ୍ତବରେ ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ସହାୟକ ହେବ। ଯୁବଗୋଷ୍ଠୀ ଚିନ୍ତାଧାରାଗୁଡ଼ିକର ଧ୍ୟାନ ଆକର୍ଷଣ କରିବା ସହ ସେମାନଙ୍କୁ ପ୍ରତ୍ୟେକ ନିର୍ବାଚନରେ ସେମାନଙ୍କର ମତଦାନର ମହତ୍ତ୍ୱ ଏବଂ ମୂଲ୍ୟ ବିଷୟରେ ଶିକ୍ଷା ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିରନ୍ତର ନିର୍ବାଚନ ଏବଂ ଗଣତନ୍ତ୍ର ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଭାବରେ ସହରାଞ୍ଚଳ ତଥା ଯୁବ ଭୋଟରଙ୍କ ମଧ୍ୟରେ ଉଦାସୀନତା ଭଳି ସମସ୍ୟାର ସମାଧାନ କରିବାକୁ ମଧ୍ୟ ଏହ ଏକ ଉଲ୍ଲେଖନୀୟ ପଦକ୍ଷେପ। ଏହା ଫଳରେ ଭବିଷ୍ୟତର ଭୋଟରମାନଙ୍କୁ ଦାୟିତ୍ୱବାନ ନାଗରିକ ଭାବରେ ନିର୍ବାଚନରେ ଅଧିକ ସକ୍ରିୟ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିବ।


ବିଦ୍ୟାଳୟ ପାଠ୍ୟକ୍ରମରେ ମତଦାନ ସାକ୍ଷରତା ଛାତ୍ରମାନଙ୍କୁ ଗଣତନ୍ତ୍ରର କାର୍ଯ୍ୟକାରିତା, ରାଜନୈତିକ ବ୍ୟବସ୍ଥା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନାଗରିକମାନଙ୍କର ଅଧିକାର ଏବଂ କର୍ତ୍ତବ୍ୟ ଯାହା ସୂଚନାଯୋଗ୍ୟ ତଥା ଦାୟିତ୍ୱବାନ ନାଗରିକତା ପାଇଁ ମହତ୍ୱପୂର୍ଣ୍ଣ, ସେଗୁଡ଼ିକ ବିଷୟରେ ଗଭୀର ଧାରଣା ବିକଶିତ କରିବାରେ ସାହାଯ୍ୟ କରିପାରିବ। ଏହାଦ୍ୱାରା ଛାତ୍ରମାନଙ୍କ ମଧ୍ୟରେ ଆଲୋଚନାତ୍ମକ ଜ୍ଞାନକୌଶଳର ବିକାଶ ଏବଂ ସେମାନଙ୍କୁ ଉପସ୍ଥିତ ରାଜନୈତିକ ନିଷ୍ପତ୍ତି ନେବା, ଗଣତାନ୍ତ୍ରିକ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ କରିବାକୁ ସଶକ୍ତ କରାଯାଇପାରିବ।

'ବ୍ୟବସ୍ଥିତ ମତଦାନ ଶିକ୍ଷା ଏବଂ ନିର୍ବାଚନୀ ଅଂଶଗ୍ରହଣ' ଅଭିଯାନ ଅଧୀନରେ ସମଗ୍ର ଦେଶରେ ବିଦ୍ୟାଳୟ ଏବଂ କଲେଜ କ୍ୟାମ୍ପସରେ 'ମତଦାନ ସାକ୍ଷରତା କ୍ଲବ୍' ଆକାରରେ ମତଦାନ ସାକ୍ଷରତା ଉପରେ ଶିକ୍ଷାଦାନ ୨ ବର୍ଷ ହେଲା ଚାଲିଛି। ଏହା ନିର୍ବାଚନ ବିଷୟରେ ସଚେତନତା ସୃଷ୍ଟି କରିବ ଏବଂ ପିଲାଦିନରୁ ସେମାନେ ଏହା ବିଷୟରେ ସଠିକ ଜ୍ଞାନ ପାଇବେ। ସେମାନଙ୍କୁ ଗଣତନ୍ତ୍ରର ଶକ୍ତି ବିଷୟରେ ଅବଗତ କରାଯିବା ଏବଂ ସେମାନେ ସେମାନଙ୍କର ଗଣତାନ୍ତ୍ରିକ ଅଧିକାରଗୁଡ଼ିକୁ ବୁଝିବା ଆବଶ୍ୟକ।

ନିର୍ବାଚନ ପ୍ରକ୍ରିୟାରେ ଭବିଷ୍ୟତର ମତଦାତା ଭାବରେ ବିଦ୍ୟାଳୟ ଏବଂ କଲେଜ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଭୂମିକା ଏବଂ ଦାୟିତ୍ୱ ସହିତ ପରିଚିତ କରାଇବା ପାଇଁ 'ନ୍ୟାସନାଲ କାଉନସିଲ୍ ଅଫ୍ ଏଜୁକେସନାଲ୍ ରିସର୍ଚ୍ଚ୍ ଆଣ୍ଡ୍ ଟ୍ରେନିଂ' ବିଦ୍ୟାଳୟ ପାଠ୍ୟ ପୁସ୍ତକରେ ମତଦାନ ସାକ୍ଷରତା ଉପରେ ବିଷୟବସ୍ତୁ ଅନ୍ତର୍ଭୁକ୍ତ କରିବାକୁ ନିଷ୍ପତ୍ତି ନେଇଛି। ଗତ ବର୍ଷ ଭାରତର ନିର୍ବାଚନ ଆୟୋଗ ଏବଂ କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରଣାଳୟ ମଧ୍ୟରେ ମତଦାନ ସାକ୍ଷରତା ଉପରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

ଏହା ବାସ୍ତବରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ, ତଥାପି ଏକ ସର୍ବାଙ୍ଗୀଣ ଏବଂ ନିରପେକ୍ଷ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ଯତ୍ନ ସହକାରେ ପଦକ୍ଷେପ ନେବା ଉଚିତ୍। ପାଠ୍ୟକ୍ରମକୁ ଏପରି ଭାବରେ ପ୍ରସ୍ତୁତ କରାଯିବା ଆବଶ୍ୟକ ଯେପରି ଏହା ଆମର ଯୁବଗୋଷ୍ଠୀକୁ ବିଭିନ୍ନ ରାଜନୈତିକ ବିଚାରଧାରା ଏବଂ ଦୃଷ୍ଟିକୋଣ ସହିତ ସହଜରେ ଅବଗତ ହେବ ସହିତ ସେମାନଙ୍କୁ ଏକ ନିଜସ୍ୱ ଆଭିମୁଖ୍ୟ ବିକାଶ କରିବାରେ ସାହାଯ୍ୟ କରିବ, ଯେଉଁଠାରେ ସେମାନେ ବିବିଧ ବିଚାରଗୁଡ଼ିକୁ ସମ୍ମାନ ଦେଇ ଏକ ସୁସ୍ଥ ସମାଜ ଗଠନ କରିବାରେ ସହଯୋଗ କରିବେ।

ରାଜନୈତିକ ଦଳଗୁଡିକ ମତଦାତାମାନଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ସେମାନେ ନୂତନ ପ୍ରତିଶ୍ରୁତି ତାଲିକା ପ୍ରକାଶ କରନ୍ତି ଏବଂ କ୍ଷମତା ମିଳିଲେ ସମସ୍ତ ପ୍ରତିଶ୍ରୁତି ପୂରଣ କରିବାକୁ ପ୍ରତିଜ୍ଞା କରନ୍ତି। ସାଧାରଣ ନିର୍ବାଚନରେ ପ୍ରାର୍ଥୀ କିମ୍ବା ଦଳ ପ୍ରତି ବିଜୟ ନିଶ୍ଚିତ କରିବାରେ ପ୍ରତିଶ୍ରୁତି ତାଲିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପାରିଛି। ବର୍ତ୍ତମାନ ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିବା ଏକ ପ୍ରତାରଣାକାରୀ ପଦ୍ଧତିରେ ପରିଣତ ହୋଇଛି ଏବଂ ରାଜନୈତିକ ଦଳମାନେ ଦେଶର ନାଗରିକଙ୍କୁ ନିର୍ବୋଧ କିମ୍ବା ଅବୋଧ ମନେ କରୁଛନ୍ତି। ରାଜନୈତିକ ନେତାମାନେ ଏପରି ଢଙ୍ଗରେ ସେମାନଙ୍କର ପ୍ରତିଶ୍ରୁତି ତାଲିକା ପ୍ରସ୍ତୁତ କରୁଛନ୍ତି ଯେ ନାଗରିକମାନେ ନିର୍ବାଚନ ପରେ ବିଶ୍ୱାସଘାତକତା ଅନୁଭବ କରୁଛନ୍ତି।




***ପ୍ରତିଶ୍ରୁତି ନୁହେଁ ତ ଏହା ପ୍ରଲୋଭନ ! ?***

ଭାରତ ଭଳି ଏକ ଗଣତାନ୍ତ୍ରିକ ଦେଶରେ, ସମଗ୍ର ଦେଶର ବିକାଶ ପାଇଁ ନିର୍ବାଚନ ପ୍ରତିଶ୍ରୁତି ତାଲିକାରେ ଉଲ୍ଲେଖ କରାଯାଇଥିବା ପ୍ରତିଶ୍ରୁତିଗୁଡିକୁ ପୂରଣ କରିବା ପ୍ରତ୍ୟେକ ରାଜନୈତିକ ଦଳର ଏକ ସାମାଜିକ ଏବଂ ନୈତିକ ଦାୟିତ୍ୱ। ପ୍ରତ୍ୟେକ ନେତା, ରାଜନେତା ତଥା ରାଜନୈତିକ ଦଳମାନଙ୍କ ଏକମାତ୍ର ଉଦ୍ଦେଶ୍ୟ ହେବା ଦରକାର ଦେଶର ତଥା ଦେଶର ନାଗରିକମାନଙ୍କର ସେବା କରିବା। ଯେତେବେଳେ କୌଣସି ରାଜନୈତିକ ଦଳ ନିର୍ବାଚନ ପ୍ରତିଶ୍ରୁତି ତାଲିକା ପ୍ରକାଶ କରୁଛନ୍ତି ସେତେବେଳେ ସେମାନଙ୍କର ଦୃଷ୍ଟିକୋଣ, ଆଦର୍ଶ, ଉଦ୍ଦେଶ୍ୟ ଏବଂ ନୈତିକତାକୁ ପ୍ରଦର୍ଶନ କରୁଛନ୍ତି, ଯାହା ଶାସନର ଅବଧି ମଧ୍ୟରେ ସେମାନେ ପୂରଣ କିମ୍ବା ବିକାଶ କରିବେ। କିନ୍ତୁ, ଯେତେବେଳେ ସେମାନେ ସେମାନଙ୍କର ପ୍ରତିଶ୍ରୁତି ପୂରଣ କରନ୍ତି ନାହିଁ, ସେତେବେଳେ କ'ଣ ହୁଏ ?

ଭାରତରେ କୌଣସି ନିୟମ ନାହିଁ ଯେ ନାଗରିକମାନେ ଏହାର ମୁକାବିଲା କରିପାରିବେ। ଆମର ଆଇନ ବ୍ୟବସ୍ଥା କୌଣସି ଆଧାର ପ୍ରଦାନ କରେ ନାହିଁ ଯାହା ମାଧ୍ୟମରେ ପ୍ରତିଶ୍ରୁତି ପୂରଣ ନ କରିବା ପାଇଁ କେହି ଅଦାଲତରେ ମକଦ୍ଦମା କରିପାରିବେ। ଏପରିକି, ପ୍ରତ୍ୟେକ ଥର ନିର୍ବାଚନ ପୂର୍ବରୁ ସେମାନେ ନୂଆ ନୂଆ ପ୍ରତିଶ୍ରୁତି ନେଇ ଆସନ୍ତି ଏବଂ ସେମାନେ ଜାତି, ସାମାଜିକ ବ୍ୟବସ୍ଥା, ଧର୍ମ ଆଧାରରେ ନିର୍ବାଚନ ଜିତନ୍ତି। ତା'ପରେ ସବୁ ପ୍ରତିଶ୍ରୁତି ଭୁଲିଯାଆନ୍ତି। ଏପରିକି, ଯେତେବେଳେ ସେମାନଙ୍କର ଅସମ୍ପୂର୍ଣ୍ଣ ପ୍ରତିଶ୍ରୁତି ଯଦି ବି ମନେପଡେ, ସେତେବେଳେ ସେମାନେ କିଛି କରିପାରିବା ସ୍ଥିତିରେ ମଧ୍ୟ ନଥା'ନ୍ତି। ଯେକୌଣସି ପ୍ରକାରରେ କ୍ଷମତା ହାସଲ ପାଇଁ ଏହା ଏକ ଅତ୍ୟନ୍ତ ଅନୈତିକ ଉପାୟରେ ପରିଣତ ହୋଇଛି।

ଭାରତ ସ୍ୱାଧୀନ ହେବାର ୭୭ ବର୍ଷ ବିତିଗଲାଣି। ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ରାଜନୈତିକ ଦଳଗୁଡିକ ନୂତନ ପ୍ରତିଶ୍ରୁତି ତାଲିକା ସହିତ ଆସନ୍ତି ଏବଂ ଏହା ପରେ ସେମାନେ ଏହାକୁ ଭୁଲିଯାଆନ୍ତି। ଦେଶର ବିକାଶ ନହେବା ପାଇଁ ଗୋଟିଏ କାରଣ ହେଉଛି ନିର୍ବାଚନ ପ୍ରତିଶ୍ରୁତି ପୂରଣ ନକରିବା। ସେଥିପାଇଁ ସଂସଦରେ ଏକ କଠୋର ଆଇନ ପ୍ରସ୍ତୁତ କରିବା ଉଚିତ ଯେପରି ସେମାନେ ସେମାନଙ୍କର ହୀନ ମାନସିକତାକୁ ବଦଳାଇ ନୈତିକ କର୍ତ୍ତବ୍ୟକୁ ଆଇନଗତ କର୍ତ୍ତବ୍ୟରେ ପରିବର୍ତ୍ତନ କରିପାରିବେ।

ଭାରତର ସମ୍ବିଧାନ କ୍ଷମତାର ପୃଥକତା ପ୍ରଦାନ କରେ। ଏହାର ଅର୍ଥ ସରକାର ବିଭିନ୍ନ ଶାଖାରେ ବିଭକ୍ତ ଏବଂ ପ୍ରତ୍ୟେକଙ୍କର ସ୍ୱାଧୀନ ଶକ୍ତି ଅଛି। ତେଣୁ, ଗୋଟିଏ ଶରୀର ଅନ୍ୟ ଶରୀରର କାର୍ଯ୍ୟରେ ହସ୍ତକ୍ଷେପ କରିପାରିବ ନାହିଁ। ସଂସଦରେ କୌଣସି କାର୍ଯ୍ୟ ସଂଶୋଧନ କରିବାକୁ କିମ୍ବା କୌଣସି ନୂତନ ଆଇନ କରିବାକୁ ନିର୍ଦ୍ଦେଶ ଦେବାକୁ ସର୍ବୋଚ୍ଚ ନ୍ୟାୟାଳୟର କୌଣସି କ୍ଷମତା ନାହିଁ। ଯଦି ନିର୍ବାଚନ ପ୍ରତିଶ୍ରୁତି ତାଲିକା ଉପରେ ସଂସଦ ଆଇନ ପ୍ରଣୟନ କରେ, ତେବେ ଦୁର୍ନୀତିଗ୍ରସ୍ତ ପ୍ରଥା ବନ୍ଦ ହୋଇଯିବ। ଫଳରେ ନୈତିକ ଅଭ୍ୟାସକୁ ଆଇନଗତ ଅଭ୍ୟାସରେ ପରିବର୍ତ୍ତନ କରିବ ଏବଂ ଏହା ଯେକୌଣସି ପରିସ୍ଥିତିରେ ରାଜନୈତିକ ଦଳଗୁଡିକ ଦ୍ୱାରା ପ୍ରତିଶ୍ରୁତି ପୂରଣ କରିବା ପାଇଁ ଆଇନଗତ ଭାବରେ ବାଧ୍ୟତାମୂଳକ ହେବ।

ନିର୍ବାଚନ ସମୟରେ ପ୍ରତିଶ୍ରୁତି ତାଲିକା ପ୍ରଦାନ କରିବା ସମଗ୍ର ବିଶ୍ୱରେ ଏକ ସାଧାରଣ ଅଭ୍ୟାସ। ନିର୍ବାଚନ ପ୍ରତିଶ୍ରୁତି ତାଲିକା ସାଧାରଣତଃ ଏକ ଘୋଷଣାନାମା ଯାହାକି ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ ପ୍ରସଙ୍ଗରେ ବ୍ୟାପକ ନୀତି ତଥା କାର୍ଯ୍ୟକ୍ରମଗୁଡିକର ପ୍ରତିଶ୍ରୁତି ଧାରଣ କରିଥାଏ।

ନିର୍ବାଚନ ପ୍ରତିଶ୍ରୁତି ତାଲିକା ସମ୍ବିଧାନରେ ସାମ୍ବିଧାନିକ ବ୍ୟବସ୍ଥାର ଅଭାବ ରହିଛି ଯେଉଁଥିପାଇଁ ସମସ୍ତ କ୍ଷମତା ନିର୍ବାଚନ ଆୟୋଗଙ୍କ ଉପରେ ନ୍ୟସ୍ତ ହୋଇଛି। ଜାତୀୟ ଦଳର ସ୍ୱୀକୃତି ବଣ୍ଟନ କରିବାର ନିର୍ବାଚନ ଆୟୋଗର କ୍ଷମତା ଅଛି, ତେବେ ନିର୍ବାଚନ ପ୍ରତିଶ୍ରୁତି ତାଲିକା ଉପରେ ଆଇନ ପ୍ରଣୟନ କରିବାର ବ୍ୟବସ୍ଥା ରହିବା ଉଚିତ। ଦିନକୁ ଦିନ ରାଜନୈତିକ ଦଳଗୁଡିକ ବିପକ୍ଷ ଦଳର ନିର୍ବାଚନ ପ୍ରତିଶ୍ରୁତି ତାଲିକାକୁ ପରିହାସ କରୁଛନ୍ତି ଏବଂ ନାଗରିକଙ୍କ ପ୍ରତି ବିଶ୍ୱସନୀୟତା ହରାଉଛନ୍ତି। ନିର୍ବାଚନ କମିଶନ, ନିର୍ବାଚନ ପ୍ରତିଶ୍ରୁତି ତାଲିକା ସମ୍ବନ୍ଧରେ ନୂତନ ନିର୍ଦ୍ଦେଶାବଳୀ ଆଣିବା ଉଚିତ ଯାହା ଦ୍ୱାରା ଏହି ଗଣତାନ୍ତ୍ରିକ ଦେଶରେ ଗଣତନ୍ତ୍ରର ଶୋଭା ବଜାୟ ରହିବ।




ସଂଯମୀ କ୍ରୋଧର ଅପଚୟ କରେନାହିଁ, ସେଥିରୁ ସେ ଶକ୍ତି ସଞ୍ଚୟ କରେ।

# ମତଭେଦ ସ୍ୱୀକାର୍ଯ୍ୟ: ଶତ୍ରୁତା ନୁହେଁ



ତୁଳସୀ ଜୈନ

ବିଗତ ଚାରିପା ଦଶକରୁ ଭାରତୀୟ ରାଜନୀତିରେ ସମ୍ବେଦନଶୀଳତା ତୀବ୍ର ଭାବରେ ହ୍ରାସ ପାଇଛି ଏବଂ ଅସହନଶୀଳତା ବଢ଼ିଛି । ଅନ୍ତଃକରଣର ପବିତ୍ରତା ବହୁତ ଦୂରର କଥା ଔପଚାରିକ ଶିଷ୍ଟାଚାର ବି ଦେଖିବାକୁ ମିଳୁନାହିଁ । ଆମ ନିର୍ବାଚିତ ସାଂସଦ, ବିଧାୟକ ଓ ଜନପ୍ରତିନିଧିମାନେ ସଂସଦ ଓ ବିଧାନସଭା ରୂପୀ ଦେବାଳୟକୁ ଶୌଚାଳୟରେ ପରିଣତ କରିବାରେ ଜମା ସଙ୍କୋଚ କରୁନାହାନ୍ତି । ସଂସଦ ଭିତରେ ଓ ବାହାରେ ଏପରି ଅଶ୍ଳୀଳ, ଦରିଦ୍ର ଓ ପାଷଣ୍ଡ ଭାଷା ପ୍ରୟୋଗ ହେଉଛି, ଯାହା ସମାଜକୁ ଲଜ୍ଜିତ ଏବଂ କଳଙ୍କିତ କରୁଛି ଆମ ଉଦାର ସଂସ୍କୃତିକୁ । ସମ୍ପ୍ରତି ପାରସ୍ପରିକ ପ୍ରମୋଦ ଭାବ ଡାୟନୋସର ସଦୃଶ ଅନ୍ତର୍ହିତ । ଅନ୍ୟକୁ ବାମନ ସିଦ୍ଧ କରିବାରେ ସମସ୍ତେ ପ୍ରମତ୍ତ । ନିଜ ଉଚ୍ଚତା ବଢ଼ାଇବା ପ୍ରତି କେହି ଉଦ୍ୟମ କରୁନାହାନ୍ତି । ଆମ ବାପା, ଜେଜେ କହୁଥିଲେ ଯେ, ଆମ ରାଜନେତା ଓ ଓକିଲମାନେ ସାର୍ବଜନୀନ ରୂପରେ ପରସ୍ପର ଲଢ଼ିଥା'ନ୍ତି, କିନ୍ତୁ ତାହା ହାତୀର ଦାନ୍ତ । ଭିତରଟା ଭିନ୍ନ । ଏହି ସ୍ଥିତି ସମ୍ଭବତଃ ପ୍ରଶଂସ୍ୟ ଥିଲା । ସେମାନଙ୍କ ମଧ୍ୟରେ ଆନ୍ତରିକ ସ୍ତରରେ କଟୁତା ନଥାଏ । ଆଜି ସଂକୀର୍ଣ୍ଣ ସ୍ୱାର୍ଥ ଚେତନାର ବଶବର୍ତ୍ତୀ ହୋଇ ସେମାନେ ମରିବା-ମାରିବା ସକାଶେ ପ୍ରସ୍ତୁତ ଜଣାପଡୁଛନ୍ତି । ନୈତିକତା ହ୍ରାସ ପାଇଛି । ଯେନତେନ ପ୍ରକାରେଣ ବିଜୟ ଦରକାର । ଏଥି ସକାଶେ ମନ,ବଚନ,କାୟା ଦ୍ୱାରା ଯେତେ ପାପ କରିବାକୁ ପଡ଼ିଲେ ବି ଚିନ୍ତା ନାହିଁ ।





ଜଣେ ଉର୍ଦ୍ଦୁ ସାୟର ସୁନ୍ଦର ଲେଖିଥିଲେ:

**ବରବାଦ୍ ଗୁଲିସ୍ତାଁ କରନେ କୋ ଏକ ହି ଉଲ୍ଲୁ କାଫି ହୈ**

**ହର ଶାଖ ପେ ଉଲ୍ଲୁ ବେଠେ ହୈଁ ଅଂଜାମେ ଗୁଲିସ୍ତାଁ କ୍ୟା ହୋଗା**

ରାଜନୀତି ଆଜି ହୀନ, ମିତ୍ର ବିହୀନ । ଆଠଟି ଦଶନ୍ଧି ମଧ୍ୟରେ ଆମେ କେତେ ନିମ୍ନକୁ ଖସି ଆସିଛୁ ସ୍ୱାଧୀନୋତ୍ତର ଭାରତବର୍ଷରେ ରାଜନୀତି କ୍ଷେତ୍ର ଚରମ ସ୍ୱାର୍ଥ, ଅବିଶ୍ୱାସ ଓ ଘୃଣାଭାବ ପ୍ରପୀଡ଼ିତ । ଚିନ୍ତନଶୀଳ ମାନସ ଆଜି ଗ୍ଲାନି ଜର୍ଜରିତ । କିଛିଦିନ ତଳେ ଆମ କେନ୍ଦ୍ର ସରକାରରେ ଉଚ୍ଚ ପଦସ୍ଥ ମନ୍ତ୍ରୀଙ୍କୁ ଏକ ଟେଲିଭିଜନ ଚ୍ୟାନେଲକୁ ସାକ୍ଷାତକାର ଦେବା ସମୟରେ କହିବା ସ୍ପଷ୍ଟ ମନେ ହେଉଛି ଯେ ଶାସକ ଦଳର ବିପକ୍ଷ ଦଳ ସହିତ ବ୍ୟକ୍ତିଗତ କଥାବାର୍ତ୍ତା ବନ୍ଦ ରହିଛି । ଅର୍ଥାତ୍ ଏକ ପ୍ରକାର ସମ୍ବାଦହୀନତା ପରିସ୍ଥିତି ଉପୁଜିଛି । ସୈଦ୍ଧାନ୍ତିକ ମତଭେଦ ତ ରହିବ । କିନ୍ତୁ ମତଭିନ୍ନତା ମଧ୍ୟରେ କ'ଣ ସହଅସ୍ତିତ୍ୱ ସମ୍ଭବ ନୁହେଁ । ଆମେ ସମସ୍ତେ ସାମାଜିକ ପ୍ରାଣୀ । ଗୋଟିଏ କଥାରେ ସମସ୍ତେ ସହମତ ହେବା କଦାପି ସମ୍ଭବପର ନୁହେଁ । ଯଦି ଏହା ଘଟିବ, ବିକାଶ ମାର୍ଗ ଅବରୁଦ୍ଧ ହେବାଟା ସାର । ବୈଚାରିକ ମତଭେଦ ହେଉଛି ସୁସ୍ଥ ସମାଜର ଲକ୍ଷଣ । କିନ୍ତୁ ମତଭେଦ ଯେତେବେଳେ ମନଭେଦରେ ପରିଣତ ହୁଏ, ବ୍ୟକ୍ତିଗତ ଶତ୍ରୁତା ଉତ୍ପନ୍ନ ହୁଏ । ତୀବ୍ର କଟୁତା କରିଦିଏ ସମାଜକୁ ବିଷାକ୍ତ । ଅନ୍ୟଥା ମତଭେଦ ତ ସମାଜର ଆଭୂଷଣ ସାଜିବା କଥା ।

ପୂର୍ବ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ ଏବଂ ସମାଜବାଦୀ ନେତା ଡ. ରାମ ମନୋହର ଲୋହିଆ ବ୍ୟକ୍ତଗତ ଜୀବନରେ ଘନିଷ୍ଠ ବନ୍ଧୁ । କିନ୍ତୁ ସେମାନଙ୍କ ମଧ୍ୟରେ ଦୃଢ଼ ବୈଚାରିକ ମତଭେଦ ରହିଥିଲା । ସିଦ୍ଧାନ୍ତର ମାମଲାରେ ଜଣେ ଉତ୍ତରମେରୁ ତ ଅନ୍ୟ ଜଣକ ଦକ୍ଷିଣ ମେରୁ । ଥରେ କୌଣସି କାରଣରୁ ସଂସଦ ଘେରାଉ କରିବାର ଖବର ପାଇ ଲୋହିଆଜୀଙ୍କୁ ଗିରଫ କରାଗଲା ଓ ତିହାର ଜେଲ୍ ପଠାଇ ଦିଆଗଲା । କ୍ରମାଗତ ଛୁଟି ଥିବାରୁ ତାଙ୍କୁ ମୁକ୍ତି ମିଳିଲା ନାହିଁ । ସେତେବେଳେ ଗ୍ରୀଷ୍ମଋତୁ ସମୟ । ମଧ୍ୟାହ୍ନ ଭୋଜନ ସମୟରେ ପ୍ରଧାନମନ୍ତ୍ରୀଙ୍କ ଡାଇନିଙ୍ଗ ଟେବୁଲରେ ଦଶହରୀ ଆମ୍ବ ପରଷା ହେଲା । ହଠାତ୍ ନେହରୁଙ୍କ ମନେ ପଡ଼ିଲା ଯେ ଡ. ଲୋହିଆଙ୍କର ଦଶହରୀ ଆମ୍ବ ପ୍ରିୟ । ସେ ସଙ୍ଗେସଙ୍ଗେ ଜଣେ କର୍ମଚାରୀକୁ ଡାକି ଏକ ଟୋକେଇ ଦଶହରୀ ଆମ୍ବ ତିହାର ଜେଲ୍ ଯାଇ ଲୋହିଆଜୀଙ୍କୁ ଦେଇଆସିବା ପାଇଁ ନିର୍ଦ୍ଦେଶ ଦେଲେ । କିଛି ସମୟ ପରେ କର୍ମଚାରୀ ଜଣକ ମଳିନ ମୁଖ ନେଇ ଲେଉଟି ଆସିଲା । ନେହେରୁ ପଚାରିବାରୁ କହିଲା, "ଲୋହିଆଜୀ ରଖିଲେନି । ରାଗିଯାଇ ଫେରାଇ ଦେଲେ ।" କଥା କ'ଣ ପଚାରିବାରୁ ଉତ୍ତର ଦେଲା, "ଲୋହିଆଜୀ ଜାଣିବାକୁ ଚାହିଁଲେ ଯେ ଆମ୍ବ କିଏ ପଠାଇଛନ୍ତି ? ମୁଁ କହିଲି ପ୍ରଧାନମନ୍ତ୍ରୀ ପଠାଇଛନ୍ତି । ଭୀଷଣ ରାଗିଯାଇ ସେ କହିଲେ ଯେ ଲୋଡ଼ା ନାହିଁ ପ୍ରଧାନମନ୍ତ୍ରୀଙ୍କ ଆମ୍ବ, ଚାଲିଯାଅ ଏଠାରୁ ।"



ଯେଉଁମାନେ ଯୁକ୍ତିକରି ଜାଣନ୍ତି ନାହିଁ ସେହିମାନେ ହିଁ କଥାବାର୍ତ୍ତା ବେଳେ କଳି କରନ୍ତି । - ଚେଷ୍ଟରଟନ୍

ନେହେରୁ ହସିଦେଇ କହିଲେ, "ତୁମେ ଆଉ ଥରେ ଆମ୍ବ ଧରି ତାଙ୍କ ପାଖରେ ପହଞ୍ଚ। ପଚାରିଲେ କହିବ, ଆପଣଙ୍କ ବନ୍ଧୁ ପଣ୍ଡିତ ନେହେରୁ ପଠାଇଛନ୍ତି।" ଏହା ହିଁ ହେଲା। ଲୋହିଆ ବଡ଼ ଆନନ୍ଦରେ ଆମ୍ବତକ ସ୍ୱୀକାର କଲେ ଓ କର୍ମଚାରୀଙ୍କୁ ଧନ୍ୟବାଦ ଦେଇ ତା' ସାମନାରେ କିଛି ଆମ୍ବ ଉଦରସ୍ଥ କଲେ।

କଥା ହେଉଛି ପ୍ରଧାନମନ୍ତ୍ରୀଙ୍କ (ଶାସନ) ସହିତ ଡ. ଲୋହିଆଙ୍କ ମତ ଭିନ୍ନତା ରହିଛି। ତାଙ୍କର ସେ କଡ଼ା ସମାଲୋଚନା କରୁଛନ୍ତି, ଭବିଷ୍ୟତରେ ମଧ୍ୟ କରିବେ। କିନ୍ତୁ ପ୍ରଧାନମନ୍ତ୍ରୀ ଆସନରେ ବସିଥିବା (ବ୍ୟକ୍ତି ଜଣକ) ପଣ୍ଡିତଜୀ ଯେ ତାଙ୍କର ଅନ୍ତରଙ୍ଗ ବନ୍ଧୁ। ତାଙ୍କ ଦ୍ୱାରା ପ୍ରେଷିତ ଆମ୍ବ ସେ କିପରି ଅସ୍ୱୀକାର କରିଥାଆନ୍ତେ। ଏହି ସୂକ୍ଷ୍ମ ପାର୍ଥକ୍ୟକୁ ଡ. ଲୋହିଆ ସ୍ମରଣ ରଖିଥିଲେ।

୧୯୯୪ ମସିହାର ଘଟଣା। ଭାଜପାର ବରିଷ୍ଠ ନେତା ଲାଲକୃଷ୍ଣ ଆଡ଼ଭାନୀ ଓ ମୁରଲୀ ମନୋହର ଯୋଷୀ ଅଣୁବ୍ରତ ଆନ୍ଦୋଳନର ପ୍ରବର୍ତ୍ତକ ଆଚାର୍ଯ୍ୟ ଶ୍ରୀ ତୁଳସୀଙ୍କ ସନ୍ନିଧିରେ ପହଞ୍ଚିଲେ। ବିଚାର, ବିମର୍ଶ ମଧ୍ୟରେ ଆଚାର୍ଯ୍ୟ ଶ୍ରୀ ମହାପ୍ରଜ୍ଞ କହିଲେ ଯେ ବିଧାନସଭା ଓ ଲୋକସଭା ଆଦିରେ ପକ୍ଷ ଓ ବିପକ୍ଷ ପରିବର୍ତ୍ତେ ପକ୍ଷ ଓ ପ୍ରତିପକ୍ଷ ଶବ୍ଦ ସର୍ବଦା ଉଚିତ୍, ଉପାଦେୟ ଓ ଅର୍ଥପୂର୍ଣ୍ଣ ହେବ। ବିପକ୍ଷ ସବୁ କଥାରେ ସରକାରର ବିରୋଧ କରିଥା'ନ୍ତି, ଅଥଚ ଆବଶ୍ୟକ ପଡ଼ିଲେ ପ୍ରତିପକ୍ଷ ଶାସକ ପକ୍ଷକୁ ସମୁଚିତ ପରାମର୍ଶ ଓ ଶକ୍ତି ମଧ୍ୟ ପ୍ରଦାନ କରନ୍ତି। ଜଣେ ବ୍ୟକ୍ତି କିମ୍ବା ଗୋଟିଏ ଦଳ ଆପଣା ଉତ୍‌ଥାନ କରିବ, ଏଥିରେ କାହାରି ଆପତ୍ତି ରହିବା ଉଚିତ୍ ନୁହେଁ। କିନ୍ତୁ ଏଥି ସକାଶେ ଅନ୍ୟମାନଙ୍କ ଅଧୋପତନର ଚକ୍ରାନ୍ତ ଗ୍ରହଣୀୟ ନୁହେଁ। ସଂପ୍ରତି ଗୁଣ ଓ ଗୁଣୀଜନଙ୍କ ପ୍ରତି ଆଦର ଭାବ ହ୍ରାସ ପାଉଛି। ପ୍ରମୋଦ ଭାବନା ଦୁର୍ବଳ ହୋଇପଡ଼ିଛି। ରାଜନୀତି ଆଜି ନିର୍ମମ ଓ ସମ୍ବେଦନଶୂନ୍ୟ। ମକ୍ଷିକା ଦୃଷ୍ଟି ବୃଦ୍ଧି ପାଉଛି। କେବଳ ଦୋଷ-ଆବର୍ଜନା ଉପରେ ନଜର। ମଧୁ ମକ୍ଷିକା ଦୃଷ୍ଟିକୋଣ ନିଃଶେଷ ପ୍ରାୟ। ତୀବ୍ର ନକାରାତ୍ମକ କଷାୟ ସାମନାରେ ସକାରାତ୍ମକ ଭାବଧାରା ନିଷ୍ପ୍ରଭ ଓ ମଳିନ। କେହି ମହାନ ସ୍ୱତନ୍ତ୍ରତା ସେନାନୀ ବୀର ସାବରକରଙ୍କ ଦେଶଭକ୍ତିକୁ କଳଙ୍କିତ କରିବାର ଅନନ୍ୟ ପାପ କରୁଛନ୍ତି ତ ଅନ୍ୟ ଏକ ଗୋଷ୍ଠୀ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁଙ୍କ କାର୍ଯ୍ୟଶୈଳୀ ପ୍ରତି ଅନାବଶ୍ୟକ ପ୍ରଶ୍ନ ଚିହ୍ନ ଛିଡ଼ା କରୁଛନ୍ତି। ପାୱାର ପଲଟିକ୍ସ ସଂପୂର୍ଣ୍ଣ ରୂପରେ ବଦଳାଇ ଦେଇଛି ସତ୍ୟର ପରିଭାଷାକୁ। ଏକେ ତ ମିତ୍ର ଅନ୍ୟଥା ଶତ୍ରୁ। ୟା ତ' ଜିନ୍ଦାବାଦ ନହେଲେ ମୁର୍ଦ୍ଦାବାଦ୍। ଏହା ହିଁ ହେଉଛି କ୍ଷରଣର ଚରମ ସ୍ଥିତି। ମଧ୍ୟବର୍ତ୍ତୀ ଗ୍ରେ ଏରିଆ ପାଇଁ ଜମା ଅବକାଶ ନାହିଁ। ରାଜନୀତି ପାସୋରି ଦେଇଛି ଯେ ପ୍ରତିଶୋଧ ପରାୟଣତା ସମାଜକୁ ରୁଗ୍ଣ କରିପକାଏ। ପ୍ରତିକାର ଚେତନା ଦ୍ୱାରା ବ୍ୟକ୍ତି ବଳ ପାଏ ଏବଂ ସମାଜ ସୁସ୍ଥ ହୁଏ।

ଭାରତୀୟ ଲୋକତନ୍ତ୍ର, ସ୍ୱତନ୍ତ୍ରତା ଓ ଅଧିକାର ପ୍ରବୃତ୍ତିକୁ ପ୍ରଜ୍ୱଳିତ କରିବାରେ ବେଶ ସଫଳ ହୋଇଛି, କିନ୍ତୁ କର୍ତ୍ତବ୍ୟ ଓ ମର୍ଯ୍ୟାଦା ଚେତନା ପ୍ରତି କ୍ରୂର ଉଦାସୀନ ରହିଆସିଛି। ସାମାନ୍ୟ ଟିକିଏ ସ୍ୱାର୍ଥ ସାଧନ ପାଇଁ ଦେଶର ପ୍ରଭୂତ କ୍ଷତି କରିବାରେ କିଛି ଲୋକ ଟିକିଏ ବି ଚିନ୍ତା କରୁନାହାନ୍ତି। ଅନ୍ୟମାନଙ୍କୁ ସମ୍ମାନ ଦେବା, ସଫଳତାର ଶ୍ରେୟ ବାଣ୍ଟି ଶିଖିବା ତଥା କାହାରି ଦୋଷ ବିସ୍ତାର କରିବାରୁ କ୍ଷାନ୍ତ ହୋଇ ସେମାନଙ୍କୁ ସୁଧୁରିବାର ଅବସର ଦେବା ରାଜନୀତିର ଧ୍ୟେୟ ହେବା ଉଚିତ। ପ୍ରତିକ୍ରିୟାର ପରିପ୍ରକାଶ ଶାଳୀନ ଓ ସଂଯମିତ ରୂପରେ ହେବା ବିଧେୟ। ଆମ ଭାଷା ନିରବଦ୍ୟ ହେଉ। ପବିତ୍ର ଲୋକତନ୍ତ୍ରର ବୀଜ ଅନ୍ତରୀକ୍ଷରେ ବପନ କରାଯାଇପାରିବ ନାହିଁ। ଜନ-ଗଣ-ମନର ଧରାତଳକୁ ଉର୍ବର କରିବାକୁ ହେବ। ରାଜନୀତିର ଅବକ୍ଷୟ ପାଇଁ କେହି ଜଣେ ଅଭିଯୁକ୍ତ ହୋଇପାରନ୍ତି କିନ୍ତୁ ସମକାଳୀନ ସମସ୍ତ ନେତା ଓ ମତଦାତା ମଧ୍ୟ ସହ ଅଭିଯୁକ୍ତ-ଏହା ଯେପରି ବିସ୍ମୃତ ନ ହୁଏ। ସମ୍ବାଦର ସଂସ୍କୃତିକୁ ପୁନଃସ୍ଥାପିତ କରିବାକୁ ହେବ।

ଅଷ୍ଟାଦଶ ଲୋକସଭା ନିର୍ବାଚନର ଶଙ୍ଖନାଦ ସ୍ପଷ୍ଟ ଶୁଭିଲାଣି। ଦେଶରେ ବିମର୍ଶ ଓ ସହମତି ପ୍ରକ୍ରିୟାକୁ ପୁଣି ଟ୍ରେକ୍‌କୁ ଆଣିବାକୁ ହେବ। ଆମେ ନିତି ମହାଭାରତର ରଚନା କରି ଚାଲିବା ତ' ରାମରାଜ୍ୟର କଳ୍ପନା କିପରି ସାକାର ହେବ ?

**ତୁଷରା, ବଲାଙ୍ଗିର**
**ମୋ-୭୯୭୮୦୮୨୭୬୬**




# ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ ନିର୍ବାଚନ ପ୍ରକ୍ରିୟା ସମ୍ଭବ !



ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି

କଥାଟି ସିଧା, ବଙ୍କା କିଛି ନାହିଁ। ନିର୍ବାଚନ ପ୍ରକ୍ରିୟା ସବୁ ସ୍ତରରେ ଦୁର୍ନୀତିମୁକ୍ତ ହୋଇପାରିବ ! କୌଣସି ଉପାୟରେ ହେଉ ପଛେ, ସମସ୍ତେ ଅର୍ଥ ଦାନ ଦେଇ ଭୋଟ ସଂଗ୍ରହ କରୁଛନ୍ତି। ସମସ୍ତ ଦଳ କିଛି ନା କିଛି ମାତ୍ରାରେ ଭ୍ରଷ୍ଟାଚାର ଅଧୀନରେ। ଉଚ୍ଚତମ ନ୍ୟାୟାଳୟ ଅତି କଠୋର ଭାବରେ କଥାଟି ଉଠାଇ ନଥିଲେ, କଥା କୁଆଡକୁ ଯାଇଥାଆନ୍ତା କିଏ କହିବ। ଉଚ୍ଚତମ ନ୍ୟାୟାଳୟକୁ ଅଭିନନ୍ଦନ ଜଣାଇବା କଥା, ତାରିଖକୁ ତାରିଖ ବଡ଼ କଡା ନିର୍ଦ୍ଦେଶ ଦେଲା। ଉଚ୍ଚତମ ନ୍ୟାୟାଳୟ ସରକାରମାନଙ୍କର ଏପରି ମେରୁଦଣ୍ଡ ଭାଙ୍ଗି ଦେଉଛି ଯେ ନ୍ୟାୟାଳୟ ଗଠନ ଦିଗରେ ଓ ବିଚାରପତିମାନଙ୍କ ନିଯୁକ୍ତିରେ ପ୍ରିୟାପ୍ରୀତି ପୋଷଣ ହେଉଛି। ନ୍ୟାୟାଳୟ ଦୃଢ ହୋଇ ଠିଆ ନହେଲେ ତା'ର ଶକ୍ତି କେଉଁଠୁ ଆସିବ ? ୨୧ ଜଣ ନ୍ୟାୟଧୀଶ ବର୍ତ୍ତମାନର ମୁଖ୍ୟ ତଥା ପ୍ରଧାନ ବିଚାରପତିଙ୍କୁ ଅନୁରୋଧ ଜଣାଉଛନ୍ତି ଯେ "ଆପଣ ଏନେଇ ଦୃଢତା ଅବଲମ୍ବନ କରନ୍ତୁ", କ'ଣ ସେ କରିପାରିବେ ? ଖଜୁରୀ ଗଛ ମୂଳରୁ ପାହାଚ ପାହାଚ, କାହାକୁ ସିଧା କି ବଙ୍କା କରିବେ ?




ଅନେକେ ପ୍ରଶ୍ନ ଉଠାଇ ଥାଆନ୍ତି ଯେ ନ୍ୟାୟାଧୀଶମାନେ କେତେ ବିଜ୍ଞ ଦେଖିବା କଥା, କାରଣ ଗୋଟିଏ ଭୋଟରେ ଯଦି ଗୃହୀତ ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯିବ, ଏ କି ନ୍ୟାୟ ବ୍ୟବସ୍ଥା ? ପୂର୍ବରୁ ସୋଭିଏତ୍ ୟୁନିଅନ ଢାଞ୍ଚାରେ ନ୍ୟାୟାଧୀଶମାନେ ନିର୍ବାଚିତ ହେଉଥିଲେ। ଏପରି କ୍ଷେତ୍ରରେ ନ୍ୟାୟାଳୟ କିପରି ନିରପେକ୍ଷ ହେବ ? ନ୍ୟାୟିକ ପ୍ରକ୍ରିୟାରେ ଅନେକ କଥା ବାଧକ ଭାବରେ ସମ୍ମୁଖକୁ ଆସୁଛି। ନିର୍ବାଚନ ସମୟରେ ଯେ କୌଣସି କଥାକୁ କାର୍ଯ୍ୟକାରୀ କରିବାକୁ ଗଲେ, ବାଧା ଉପୁଜୁଛି। ମୁଁ ସବୁବେଳେ କହିଛି ଯେ ନିର୍ବାଚନକୁ ଦୁର୍ନୀତିମୁକ୍ତ ନକଲେ ଓ ନିର୍ବାଚନର ସମସ୍ତ ଆୟବ୍ୟୟ (ପ୍ରାର୍ଥୀମାନଙ୍କର ନିର୍ବାଚନ ବ୍ୟୟକୁ ମିଶାଇ) ଠିକ୍ ଭାବରେ ପରିଚାଳିତ ହୋଇପାରିବ ନାହିଁ। ଭୋଟରମାନେ, ଯେଉଁମାନେ ନିର୍ବାଚନ ସମୟରେ ସାର୍ବଭୌମତ୍ୱ ଜାହିର କରିଥାଆନ୍ତି, ବାଟ ହୁଡି ଯାଆନ୍ତି। ପ୍ରଲୋଭନରେ ପଡି ଭୋଟ ଦିଅନ୍ତି। ପ୍ରାର୍ଥୀମାନଙ୍କଠାରୁ ବିଭିନ୍ନ ଉପାୟରେ ସିଧା କଥାରେ ଲାଞ୍ଚ ଗ୍ରହଣ କରିଥାଆନ୍ତି। ପ୍ରଚାର ସମୟରୁ ନିର୍ବାଚନ ପ୍ରତ୍ୟେକ ପ୍ରକ୍ରିୟା ପାଇଁ ଯଦି ରାଷ୍ଟ୍ର ସବୁ ଖର୍ଚ୍ଚ ବହନ କରୁଥାଆନ୍ତା, ଭୋଟରମାନେ ଓ ପ୍ରାର୍ଥୀମାନେ ଚୁପ୍ ରହନ୍ତେ। ପ୍ରଚାର ପାଇଁ ଯେତିକି ଗାଡି ଚାଲିବା କଥା ତା'ର ୩/୪ ଗୁଣ ଗାଡି ପ୍ରଚାର ପାଇଁ ବ୍ୟବହାର କରାଯାଉଛି। ନିର୍ବାଚନ ପ୍ରଚାର ପାଇଁ ବ୍ୟାନର ଟଙ୍ଗା ଯାଉଛି, ଚିରା ବି ହେଉଛି। ବହୁତ କଥା ଘଟୁଛି। କେହି ସାହା ଭରସା ନାହାନ୍ତି। ନିର୍ବାଚନ କମିଶନ, ସରକାର ଓ ତାଙ୍କ ଅଫିସରମାନେ, ନ୍ୟାୟଳୟମାନେ ନିରପେକ୍ଷତା ପାଇଁ ଉଦ୍ୟମ କରିଛନ୍ତି, ତଥାପି ତ୍ରୁଟି ପରିଲକ୍ଷିତ ହେଉଛି। ଶେଷକୁ ହିଂସା ମାଧ୍ୟମରେ ଭୋଟ ହାତେଇ ନେଉଛନ୍ତି।

ମୋ'ର ଗୋଟିଏ ସିଧାସଳଖ ଅଭିଜ୍ଞତା ଅଛି। ବହୁତ ଦିନର କଥା। ଗୋଟିଏ ବୁଥରେ ପିଇବା ପାଣି ଦେବା ପାଇଁ ସରକାରଙ୍କ ପକ୍ଷରୁ କିଛି ମହିଳାକର୍ମୀ ନିଯୁକ୍ତି ହୋଇଥିଲେ। ସେମାନେ ପିଇବା ପାଣି ଦେଉ ଦେଉ ସରକାରଙ୍କୁ ଭୋଟ ଦେବା ପାଇଁ କହୁଥିଲେ। ଚିହ୍ନ ଦେଖାଇ କେଉଁଠି ଭୋଟ ଦେବେ କହୁଥିଲେ।

ଆମ ସ୍ୱାଧୀନତା ୭୭ ବର୍ଷ ଅତିକ୍ରମ କରିବାକୁ ଯାଉଛି। ଆମେ ନିରପେକ୍ଷ ଭାବରେ ଭୋଟ ଦେଇପାରିବା କି ନାହିଁ ? ଆମ ସ୍ୱାଧୀନତା ଓ ଗଣତନ୍ତ୍ରର ମୂଲ୍ୟ କ'ଣ ରହିଲା ? ଆମେ ବହୁତ କଥା ପଛକୁ ପକାଇ ଦେଲେଣି। ଭୋଟରମାନେ ସାଇକେଲ, ପ୍ରାର୍ଥୀମାନଙ୍କର ଦୁଇ ତିନି ଚକିଆ ଗାଡ଼ି, ଟାକ୍ସି, କିମ୍ବା ଛତା ସବୁ ଆଉ ଲୋଡୁ ନାହାନ୍ତି। ଆମକୁ ଅର୍ଥ ମିଳିଗଲେ ଯଥେଷ୍ଟ। ଅର୍ଥର ଆକର୍ଷଣ ଅନେକ ବେଶୀ। ଜଣେ ବନ୍ଧୁଙ୍କ ସାଙ୍ଗରେ ଯୁକ୍ତିତର୍କ ହେଉଥିଲା। ସେ ଅର୍ଥର ଆକର୍ଷଣ କଥା କହୁଥିଲେ। ମୁଁ ତାଙ୍କୁ କହୁଥିଲି, ଆକର୍ଷଣକୁ ଏଡାଇ ଯାଇହେବ।

ମୁଁ ତ ଚାହୁଁଛି ଉପନିର୍ବାଚନ ନହେଉ। ସେଇଠି ଅର୍ଥ ଦେବା ନେବାର ଅଭ୍ୟାସ ଦୋରସ୍ତ ହୋଇଯାଉଛି। ଉପନିର୍ବାଚନ ନକରି ନିର୍ବାଚନ ସମୟରେ ଯେଉଁ ପ୍ରାର୍ଥୀ ୨ୟ ସ୍ଥାନରେ ଥିବେ, ତାଙ୍କୁ ସେଇ ସ୍ଥାନଟି ଦିଆଯାଉ। ଆପଣମାନେ ତଥା ମୋ'ର ପାଠକମାନେ ଭାବୁଥିବେ, ମୋର ଏପରି ଅଭିବ୍ୟକ୍ତ ମୋ ନିଜ ହତାଶାରୁ ବାହାରକୁ ଆସୁଛି। କେବଳ ସଂସଦ, ବିଧାନସଭାରେ ନିର୍ବାଚନ କଳୁଷିତ ହେଉନାହିଁ। ଛୋଟ କି ବଡ଼, ସବୁ ପ୍ରକାର ନିର୍ବାଚନ ବିନା ଭ୍ରଷ୍ଟାଚାରରେ ସମ୍ପନ୍ନ ହେଉନାହିଁ। ଗୋଟିଏ କ୍ରିକେଟ୍ ଆସୋସିଏସନରେ କର୍ମକର୍ତ୍ତା ନିର୍ବାଚନ ପୂର୍ବରୁ ୩/୪ଟି ଅତି ଉଚ୍ଚମାନର ରାତ୍ରିଭୋଜନ ଦେଇ ଭୋଟ ନେବା ପାଇଁ ଉଦ୍ୟମ ହୋଇଥିଲା। ୧୯୭୭ ନିର୍ବାଚନ ପରେ ଜୟପ୍ରକାଶ ନାରାୟଣ ଯାହା ତାଙ୍କ ଟୋଟାଲ ରିଭଲ୍ୟୁସନ ସିଦ୍ଧାନ୍ତରେ ରହୁଁଥିଲେ, ତାହା ପୂରଣ ହେଲା। କିନ୍ତୁ ସବୁକଥା ହୋଇପାରିଲା ନାହିଁ। ଭୋଟରମାନଙ୍କର ମନସ୍ତତ୍ତ୍ୱର ପରିବର୍ତ୍ତନ ନହେଲେ କିଛି ହୋଇ ପାରିବ ନାହିଁ।

ଜେଲ୍‌ରୋଡ୍, ଖୋର୍ଦ୍ଧା
ମୋ-୯୪୩୭୩୦୨୪୧୭

# ଉତ୍ତମ ମଣିଷ



**ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀ**

ଋକ୍ ବେଦର ଦଶମ ମଣ୍ଡଳରେ ଉଲ୍ଲେଖ ଅଛି- 'ମନୁର୍ଭବ' ଅର୍ଥାତ୍ 'ମଣିଷ ହୁଅ' । ଏଠାରେ ମନରେ ପ୍ରଶ୍ନ ଆସେ "ଆମେ କ'ଣ ମଣିଷ ନୋହୁଁ ?" ଆମର ଶରୀର ତ ମଣିଷ ଶରୀରରେ ଗଢା । ନିଜକୁ ଆମେ ମଣିଷ ବୋଲି ଦର୍ଶାଇଥାଉ । ପୁନଶ୍ଚ ବୈଦିକ ଋଷିମାନେ କାହିଁକି ମଣିଷ ହୁଅ ବୋଲି କହିଲେ । ଜିଜ୍ଞାସୁ ଶିଷ୍ୟଙ୍କର ପ୍ରଶ୍ନ ଉତ୍ତରରେ ଦେବାକୁ ଯାଇ ଋଷିମାନେ କହିଲେ- ମଣିଷ ଶରୀର ପ୍ରାପ୍ତ ହୋଇଗଲେ ମଣିଷ ମଣିଷ ହୋଇଯାଏ ନାହିଁ । ଆମକୁ ମଣିଷ ବୋଲି ସେତେବେଳେ କୁହାଯିବ, ଯେତେବେଳେ ଆମେ ମଣିଷର ଗୁଣ ଓ ମଣିଷର ଆଚରଣ କରିବା ।

ଆଜି ଏହି ମଣିଷ ସମାଜ ଭୋଗ ବିଳାସ, ଅନ୍ୟାୟ ଅର୍ଥ ସଂଗ୍ରହ, ବିଳାସ-ବ୍ୟସନ ଏବଂ ଭୌତିକ ଅପସଂସ୍କୃତିର ପଶ୍ଚାତ୍ ଧାବନ କରୁଛି । ଅନିତ୍ୟ, ଅସାର ଭୋଗ ପଛରେ ଅନ୍ଧ ଭଳି ଦୌଡିଥିବାର ନିଜର ବିବେକ, ନୀତି, ଧର୍ମ, ସଂଯମ ଏବଂ ମର୍ଯ୍ୟାଦାକୁ ହରେଇ ବସୁଛି । ମାନବତା ଏବଂ ମର୍ଯ୍ୟାଦା ସ୍ଥାନରେ ପଶୁତ୍ୱ ଓ ଦାନବତାକୁ ଆପଣେଇ ନେଉଛି ।

**"ଆହାର ନିଦ୍ରା ଭୟମୈଥୁନଞ୍ଚ,**
**ସମାନମେତତ୍ ପଶୁଭିଃ ନରାଣାମ୍"**

ଆହାର, ନିଦ୍ରା, ଭୟ ଓ ମୈଥୁନ ଏ ଚାରିଗୋଟି ପଶୁ ଓ ମନୁଷ୍ୟମାନଙ୍କର ସମାନ ପ୍ରବୃତ୍ତି । ପଶୁମାନେ ଖାଦ୍ୟ ଖାଇବା, ନିଦ୍ରାଯିବ, ଭୟକରିବା, ପ୍ରଜନନ ପ୍ରକ୍ରିୟା କରିବାରେ ଯେଉଁ ଆତ୍ମତୃପ୍ତି ଅନୁଭବ କରନ୍ତି, ମନୁଷ୍ୟମାନେ ମଧ୍ୟ ସେହିପରି ଆତ୍ମତୃପ୍ତି ଅନୁଭବ କରନ୍ତି । କିନ୍ତୁ ମନୁଷ୍ୟ ଦେହେ ଦିବ୍ୟଜ୍ଞାନ, ଦେଖି ସନ୍ତୋଷ ଭଗବାନ ।

ମନୁଷ୍ୟ ଦେହରେ ଭଗବାନ ଦିବ୍ୟଜ୍ଞାନ ଦେଇଛନ୍ତି । ସୁନ୍ଦର, ମନ, ବୁଦ୍ଧି, ବିବେକ ଦେଇଛନ୍ତି । ଆମେ ତାକୁ ଠିକ୍ ଭାବରେ ଉପଯୋଗ କରିପାରୁ ନାହୁଁ । ଏ ସଂସାର କର୍ମକ୍ଷେତ୍ର, ଆମର ଜୀବନ କର୍ମମୟ, ଆମେ ସଂସାରକୁ କର୍ତ୍ତବ୍ୟ କରିବା ନିମନ୍ତେ ଆସିଛେ । ଏ ସମ୍ବନ୍ଧରେ ସୁନ୍ଦର ଉଦାହରଣ କବି କହିଛନ୍ତି-

**"ହମ ଆୟେ ଥେ ଫୁଲ ଚୁନନେ ବାଗେ ହୟାତେ ମେଁ ।**
**ଦାମନ ଉଲଝାକେ ରହ ଗୟେ ଖାରଜାର ମେଁ ।।"**

ଅର୍ଥାତ୍- ଆମେ ସମସ୍ତେ ଏହି ଜୀବନରୂପୀ ଉପବନରେ ଫୁଲ ତୋଳିବା ପାଇଁ ଅର୍ଥାତ୍ ଉତ୍ତମ କାର୍ଯ୍ୟ କରିବା ପାଇଁ ଆସିଛେ । କିନ୍ତୁ ଏଠାକୁ ଆସି ଆମେ ନିଜ ଶରୀରକୁ କଣ୍ଟାବୁଦା ମଧ୍ୟରେ ପକାଇ ଛଟପଟ ହେଉଛୁ । ଅର୍ଥାତ୍ କୁକର୍ମ କରୁଅଛୁ । ଗୋସ୍ୱାମୀ ତୁଳସୀ ଦାସ ରାମଚରିତ ମାନସରେ ଉତ୍ତରାକାଣ୍ଡରେ ଲେଖିଛନ୍ତି-

**ବଡ଼େଭାଗ ମାନୁଷ ତନୁ ପାଓ୍ୱା**
**ସୁର ଦୁର୍ଲଭ ସବ ଗ୍ରନ୍ଥହିଁ ଗାଓ୍ୱା ।**

ଶ୍ରୀମଦ୍ ଭାଗବତରେ ଜଗନ୍ନାଥ ଦାସ କହିଲେ,

**ସର୍ବ ଶରୀର ମଧ୍ୟେସାର**
**ଦୁର୍ଲଭ ନର କଳେବର ।**

କୋଟି କୋଟି ଜନ୍ମର ସୁକୃତ ବା ପୁଣ୍ୟଫଳରୁ ମନୁଷ୍ୟ ଜନ୍ମ ମିଳିଥାଏ । ସବୁ ଗ୍ରନ୍ଥ, ଧର୍ମଶାସ୍ତ୍ରରେ ଏହି ବିଷୟ ବର୍ଣ୍ଣନା କରାଯାଇଛି । ଦେବତାମାନଙ୍କ ପକ୍ଷରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ପାଇବା କଷ୍ଟକର । ଏହା ସାଧନାର କ୍ଷେତ୍ର ଓ ମୋକ୍ଷର ଦ୍ୱାର ଅଟେ । ମନୁଷ୍ୟ ଦେହ ଧାରଣ କରି ଯଦି ଉତ୍ତମ ମଣିଷର ଆଚରଣ ନକରି ଆସୁରୀ ପ୍ରବୃତିକୁ ଗ୍ରହଣ କରିବା ନିଶ୍ଚୟ ପତନ ଘଟିବ । ଏଥିରେ ସନ୍ଦେହ ନାହିଁ ।

ଦିବ୍ୟଦ୍ରଷ୍ଟା ଋଷିମାନେ ସଦାଚାରକୁ ପରମ ଧର୍ମ ବୋଲି କହିଛନ୍ତି । "ଆଚାରଃ ପରମୋ ଧର୍ମଃ" । ଆଚାରହୀନ ମନୁଷ୍ୟକୁ ବେଦ ମଧ୍ୟ ପବିତ୍ର ବୋଲି କହେ ନାହିଁ । "ଆଚାରହୀନଂ ନ ପୁନନ୍ତି ବେଦାଃ" (ବିଷ୍ଣୁ ଧର୍ମୋ) ଆମର ଶାସ୍ତ୍ର କହନ୍ତି- ଯେଉଁ ବ୍ୟକ୍ତି ଜୀବନରେ ବିଦ୍ୟା ଅଧ୍ୟୟନ କରେ ନାହିଁ, ତପସ୍ୟା କରେ ନାହିଁ (ଜପ, ଧ୍ୟାନ, କୀର୍ତ୍ତନ, ସତ୍‌ସଙ୍ଗ) ଦୁଃଖୀ, ଦରିଦ୍ରମାନଙ୍କୁ ଦାନ କରେ ନାହିଁ, ଉତ୍ତମ ସ୍ୱଭାବ ଆଚରଣ କରେ ନାହିଁ । ଉତ୍ତମ ଗୁଣ ଓ ଧର୍ମକୁ ଅନୁସରଣ କରେ ନାହିଁ, ସେହି ବ୍ୟକ୍ତି ମନୁଷ୍ୟ ଶରୀର ଧାରଣ କରିଥିଲେ ମଧ୍ୟ ପଶୁ ସଦୃଶ, ପୃଥିବୀ ପାଇଁ ବୋଝ ହୋଇଥାଏ ।

**"ଯେଷାଂନ ବିଦ୍ୟା ନ ତପୋ ନ ଦାନଂ**
**ଜ୍ଞାନଂ ନ ଶୀଳଂ ନ ଗୁଣୋ ନ ଧର୍ମଃ**
**ତେ ମର୍ତ୍ତ୍ୟ ଲୋକେ ଭୁବି ଭାରଭୂତା**
**ମନୁଷ୍ୟ ରୂପେଣ ମୃଗାଶ୍ଚରନ୍ତି ।।"**

ସେ ହିଁ ସୁନ୍ଦର ପୁରୁଷ, ଯେ କି ସଦାଚାରନିଷ୍ଠ, ସତ୍ୟାନୁରାଗୀ, ସତ୍‌ଶାସ୍ତ୍ର ସେବୀ ଏବଂ ସଚ୍ଚରିତ୍ର । "ସୋଇ ପାବନ ସୋଇ ସୁଭଗ ଶରୀରା" ଶରୀର ସୁନ୍ଦରତା ପତନ ଆଡକୁ ଟାଣି ନେଇଥାଏ । କିନ୍ତୁ ମନର ସୁନ୍ଦରତା ଉନ୍ନତି ଆଡକୁ ନେଇଥାଏ । ଯାହାର ମନ ସୁନ୍ଦର ହୋଇଥାଏ ସେ ହିଁ ବାସ୍ତବରେ ସୁନ୍ଦର ଏବଂ ତା'ର ସର୍ବବିଧ କଲ୍ୟାଣ ହୋଇଥାଏ । କଲ୍ୟାଣ ତା'ର ସମ୍ଭବ, ଯା'ର ଜୀବନ ସତ୍ୟରୂପୀ ଗଙ୍ଗାରେ ପବିତ୍ର ହୋଇଥାଏ ।

ଉପନିଷଦ କହନ୍ତି- "ସତ୍ୟଂବଦ, ଧର୍ମଂଚର, ମାତୃ ଦେବୋଭବ, ପିତୃ ଦେବୋଭବ, ଆଚାର୍ଯ୍ୟୋ ଦେବୋଭବ, ଅତିଥି ଦେବୋଭବ ।" ପିତା, ମାତା, ଗୁରୁ, ଅତିଥିମାନଙ୍କୁ ଦେବତାତୁଲ୍ୟ ପୂଜା ସେବା କର । ପ୍ରାତଃ କାଳରୁ

ଉଠି ଭଗବାନ ଶ୍ରୀରାମ ମଧ୍ୟ ମାତା, ପିତା ଓ ଗୁରୁଜନମାନଙ୍କୁ ପ୍ରଣାମ କରୁଥିଲେ।

**ପ୍ରାତଃକାଳ ଉଠି କେ ରଘୁନାଥା।**
**ମାତା, ପିତା ଗୁରୁ ନା ଓ୍ୱଇ ମାଥା।**

ଶ୍ରୀ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କର ବାଲ୍ୟକାଳରୁ ଆଦର୍ଶ ଲକ୍ଷଣ ଦେଖାଯାଇଥିଲା। ପଶୁପକ୍ଷୀଠାରୁ ଆରମ୍ଭ କରି ଭିକ୍ଷୁ ପର୍ଯ୍ୟନ୍ତ ସମସ୍ତଙ୍କୁ କିଛି ନା କିଛି ଦେଇ ଖୁସି କରୁଥିଲେ। ନିଜେ ଖୁସି ହେଉଥିଲେ। ଥରେ ତାଙ୍କ ପିତାମାତା ପୂଜା କରୁଥିବା ବେଳେ ଜଣେ ଭିକାରୀର ଡାକ ଶୁଣି କିଛି ପ୍ରସାଦ ସହିତ ନିଜେ ପିନ୍ଧିଥିବା ବସ୍ତ୍ର ଖୋଲି ଭିକ୍ଷୁଙ୍କୁ ଦାନ କରିଥିଲେ। ଏ ହିଁ ମାନବିକତା, ମଣିଷ ପଣିଆ। ସେବା, ପରୋପକାର, ଦାନ, ପବିତ୍ରତା ଦ୍ୱାରା ଉତ୍ତମ ମଣିଷ ହୋଇପାରିବା।

ଗୋପବନ୍ଧୁ ଦାସ ବନ୍ୟା ପ୍ରପୀଡିତ ଲୋକମାନଙ୍କ ଦୁଃଖ ଦେଖି କାନ୍ଦି ପକାଉଥିଲେ। ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଦିନରାତି ଏକ କରିଦେଉଥିଲେ। ଏପରିକି ନିଜ ପୁତ୍ରକୁ ହରାଇ ଲକ୍ଷେ ପୁତ୍ରର ସେବା କରିଥିଲେ। ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କୁ ଅମାପ ପୈତୃକ ସମ୍ପତ୍ତି, ଲୌକିକ ଭୋଗବିଳାସ, ପାଇଲଟ ଚାକିରି ପ୍ରଲୋଭିତ କରିପାରିଲା ନାହିଁ। ଗଙ୍ଗାତୀର ନିବାସୀ ସଦ୍‌ଗୁରୁ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜଙ୍କ ପବିତ୍ର ସାନ୍ନିଧ୍ୟ ଲାଭ କଲେ। କୁଷ୍ଠରୋଗୀମାନଙ୍କ ସେବାକୁ ଆଦରି ନେଲେ। ଏକଦା କୁମ୍ଭମେଳାରେ ସ୍ନାନ ପାଇଁ ଯିବା ରାସ୍ତାରେ ଏକ ସଙ୍କଟାପନ୍ନ ଅବସ୍ଥାରେ ପଡିଥିବା କୁଷ୍ଠରୋଗୀକୁ ଦେଖି ତା'ର ସେବାରେ ପ୍ରବୃତ୍ତ ହୋଇଥିଲେ। ଏହି ତ ମାନବିକତା।

ସ୍ୱାମୀ ଶିବାନନ୍ଦ କହିଛନ୍ତି- "ଯେପରି ମତି, ସେହିପରି ଗତି।" ଚିନ୍ତା ଯେପରି, ମଣିଷ ସେହିପରି। ଚରିତ୍ର ସର୍ବଶ୍ରେଷ୍ଠ ସମ୍ପତ୍ତି, ଆତ୍ମଶୃଙ୍ଖଳା ଶ୍ରେଷ୍ଠ ବ୍ୟକ୍ତିତ୍ୱ। ତୁମେ କ'ଣ ପାଇଛ ତାହା ନୁହେଁ, ବରଂ ତୁମର ଚରିତ୍ର କିପରି, କିପରି ବଞ୍ଚିଛ ଏବଂ କିପରି ସତକର୍ମ କରୁଛ, ତାହା ହିଁ ସଫଳ ଜୀବନର ମାପକାଠି।

ଆଜି ସମାଜରେ ମଣିଷ ସ୍ୱାର୍ଥପର ହୋଇଯାଇଛି, ଅହଙ୍କାର ସର୍ବସ୍ୱ। ଅପରାଧ ପରେ ଅପରାଧ ଘଟାଇ ଚାଲିଛି। ଅପରାଧ କରି ଅର୍ଥ ବଳରେ ହୁଏତ ଆଇନ ଜାଲରୁ କେହି ଖସି ଯାଇପାରେ ହେଲେ ଧର୍ମଦଣ୍ଡ ପ୍ରଦାନ କରୁଥିବା ନିୟତି ପାଖରୁ କଦାପି ଖସି ଯାଇପାରିବ ନାହିଁ। କିଛି ଲୋକ ସ୍ୱାର୍ଥ ପାଇଁ ନୀଚ ସ୍ତରକୁ ଚାଲିଯାଆନ୍ତି। କେତେକ ଅନ୍ୟର ସମ୍ପତ୍ତି ହଡପ କରିବା ପାଇଁ ନାନା କପଟ ଛଳନାର ଆଶ୍ରୟ ନିଅନ୍ତି। ଅନ୍ୟର ଜାଗାବାଡ଼ି ଅକ୍ତିଆର କରିବାକୁ କିଛି ଲୋକ ଫନ୍ଦିଫିକର କରିଥା'ନ୍ତି। ଏମାନେ ମଣିଷ ପଦବାଚ୍ୟ ନୁହନ୍ତି। ବାପାମାଆମାନେ ପୁଅଝିଅଙ୍କୁ ଲାଳନପାଳନ କରିବା ସହିତ ଉଚ୍ଚ ଶିକ୍ଷିତ କରୁଛନ୍ତି। କିନ୍ତୁ ଉଚ୍ଚଶିକ୍ଷିତ ପିଲାମାନେ କେତେ ଆଶା ରଖିଥିବା ବୃଦ୍ଧ ପିତାମାତାଙ୍କୁ ଯତ୍ନ ନେବା ତ ଦୂରର କଥା, ସେମାନଙ୍କୁ ପଚାରୁନାହାନ୍ତି। ଜରାଶ୍ରମରେ ମଧ୍ୟ କେତେକ ପିତାମାତା କାଳଯାପନ କରୁଛନ୍ତି। ଏହା କ'ଣ ମାନବିକତା ?

ପ୍ରତିଦିନ ଖବରକାଗଜରେ, ଗଣମାଧ୍ୟମରେ, ଆତ୍ମହତ୍ୟା, ନାରୀଧର୍ଷଣ, ଦୁର୍ନୀତି, ଅପହରଣ, ଦୁଷ୍କର୍ମ, ହତ୍ୟା, ଚୋରୀ, ଡକାୟତି ସମ୍ବନ୍ଧରେ ସମ୍ବାଦ ପ୍ରକାଶ ପାଉଛି। ଏସବୁ ମଣିଷର ଧନଲୋଭ ବିଷୟ ବାସନାର ବଶବର୍ତ୍ତୀ ଯୋଗୁଁ ଘଟୁଅଛି।

**"ଧନେଷୁ ଜୀବିତବ୍ୟେଷୁ, ସ୍ତ୍ରୀଷୁ ଭୋଜନ ବୃତ୍ତିଷୁ**
**ଅତୃପ୍ତା ମାନବାଃ ସର୍ବେ ଯାତା ଯାସ୍ୟନ୍ତି ଯାନ୍ତି ଚ।"**

ଯେଉଁମାନେ ଗଲେଣି, ଯିବାକୁ ଅଛନ୍ତି ଓ ଯିବେ, ଏମାନେ କେହି ଧନ, ଆୟୁଷ, ସ୍ତ୍ରୀଭୋଗ ଓ ଭୋଜନ ଲାଳସାରୁ ମୁକ୍ତ ନଥିଲେ, ନାହାନ୍ତି ଓ ହେବେନି ମଧ୍ୟ। ଇଏ ହେଲା ଏ ସଂସାରର ମାୟା।

**"ସ୍ମରନିତ୍ୟ ଅନିତ୍ୟତାମ୍"**

ସବୁଦିନ ନିଜର ମରଣ କଥା ଚିନ୍ତାକର। ମନବୋଧ ଚଉତିଶାକୁ ଟିକିଏ ମନେ ପକାଅ-

**"କେତେ ଦିନକୁ ମନ କରିଛୁ ଆଣ୍ଟ**
**କି ଘେନି ଯିବୁ ତୋ'ର ଛୁଟିଲେ ଘଟରେ ବାଇଆ ମନ"**
**"ମହାଜନ ଯେନ ଗତସ ପନ୍ଥା।"**

ଯୁଧିଷ୍ଠିରଙ୍କ ଉକ୍ତି ଅନୁସାରେ ମହାପୁରୁଷମାନେ ଯେଉଁ ମାର୍ଗ ଦର୍ଶାଇଛନ୍ତି, ସେହି ମାର୍ଗକୁ ଅନୁସରଣ କର।

**"ଅଷ୍ଟାଦଶ ପୁରାଣେଷୁ ବ୍ୟାସସ୍ୟ ବଚନଂ ଦ୍ୱୟଂ**
**ପରୋପକାରଃ ସ୍ୱର୍ଗାୟ ପାପାୟ ପରପୀଡନମ୍।"**

ବିଶ୍ୱାମିତ୍ର ଜନ୍ମରୁ ବ୍ରହ୍ମର୍ଷି ନଥିଲେ। ବହୁ ସାଧନା ବଳରେ ମଧ୍ୟ ବ୍ରହ୍ମର୍ଷି ହେଇ ନପାରିବାରୁ ବ୍ରହ୍ମର୍ଷି ମର୍ଯ୍ୟାଦା ଦେବା ଅଧିକାର ଥିବା ବଶିଷ୍ଠଙ୍କୁ କ୍ରୋଧରେ ହତ୍ୟା କରିବାକୁ ଆଶ୍ରମ ପଛରେ ଏକ ପୂର୍ଣ୍ଣମୀ ରାତିରେ ଅସ୍ତ୍ର ଧରି ଲୁଚି ରହିଲେ। ବ୍ରହ୍ମର୍ଷି ବିଶିଷ୍ଠ ଓ ତାଙ୍କ ଧର୍ମପତ୍ନୀ ଅରୁନ୍ଧତୀ ବେଶ ଅନ୍ତରଙ୍ଗ ଆଳାପରେ ରତ ଥାଆନ୍ତି। ଦୁହିଁଙ୍କୁ ଜଣାନଥିଲା ଯେ ବିଶ୍ୱାମିତ୍ର ଆଶ୍ରମ ପଛ ପାଖରେ ଅସ୍ତ୍ର ଧରି ଲୁଚି ରହିଛନ୍ତି। ଅରୁନ୍ଧତୀ ସ୍ୱାମୀଙ୍କୁ ପୂର୍ଣ୍ଣିମା ରାତ୍ରିର ଜ୍ୟୋତ୍ସ୍ନା ଦ୍ୱାରା ବନସ୍ଥଳି କିପରି ସ୍ନିଗ୍ଧ ମନୋରମ ହୋଇ ଉଠିଛି ବୋଲି କହୁଥିଲେ। ସ୍ମିତ ହସି ବଶିଷ୍ଠ କହିଲେ, "ପ୍ରିୟତମା ! ବିଶ୍ୱାମିତ୍ରଙ୍କ କଠୋର ସାଧନା ଓ ତପସ୍ୟା ବଳରେ ହିଁ ଏ ବିଶ୍ୱ ଝଲସି ଉଠୁଛି।" ଚମକି ପଡିଲେ ବିଶ୍ୱାମିତ୍ର, ନିଜ କାନକୁ ବିଶ୍ୱାସ କରିପାରିଲେ ନାହିଁ। "ବଶିଷ୍ଠ ପ୍ରକୃତରେ ବ୍ରହ୍ମଜ୍ଞ। ମୁଁ ଅଯୋଗ୍ୟ।"

ପ୍ରାୟଶ୍ଚିତ କରିବା ପାଇଁ ଧାଇଁ ଆସି ବଶିଷ୍ଠଙ୍କ ପାଦ ତଳେ ପଡି କାନ୍ଦି କାନ୍ଦି କହିଲେ, "ମହାଭାଗ ! ଏ ପାପୀ ଅଧମକୁ କ୍ଷମା କରନ୍ତୁ।" ବଶିଷ୍ଠ ସଙ୍ଗେ ସଙ୍ଗେ କହିଲେ, "ଉଠନ୍ତୁ ବ୍ରହ୍ମର୍ଷି, ଉଠନ୍ତୁ।" ଏ ହେଉଛି ଉତ୍ତମ ମଣିଷର ଲକ୍ଷଣ। ତେଣୁ ଆସନ୍ତୁ ମଣିଷ ହେବା।

ବନମାଳି କଲୋନୀ, ଜଟଣୀ
ମୋ-୭୮୪୮୮୮୪୬୦୬

# କବିତ୍ୱ କବିର ସୁରକ୍ଷା କବଚ



ରମାକାନ୍ତ ମିଶ୍ର

ଯଦି ସଂସାରରେ ଜଣେ ଚୋରକୁ ତିରସ୍କାର ପରିବର୍ତ୍ତେ ପୁରସ୍କାର ଓ ସମ୍ମାନ କେହି ଦେଇପାରେ, ତେବେ ତାହା ହେଉଛି ବିଦ୍ୟା। ବିଦ୍ୟାରେ ପାଣ୍ଡିତ୍ୟ ଓ କବିତ୍ୱ ଲାଭ କରିଥିବା ବ୍ୟକ୍ତି ଆଚରଣରେ ଚୋର ବା ଦୁଷ୍ଟ ହେଲେ ମଧ୍ୟ ସ୍ୱୀୟ ପ୍ରତିଭା ବଳରେ ବହୁ ପୁରସ୍କାର ଓ ସମ୍ମାନ ପ୍ରାପ୍ତ ହୁଏ। **"ଅଭାବେ ସ୍ୱଭାବ ନଷ୍ଟ"** ଏହି ଉକ୍ତି ଅନୁଯାୟୀ ଜଣେ ମନୁଷ୍ୟ ବହୁ ବିଦ୍ୟାର ଅଧିକାରୀ ହୋଇଥିଲେ ମଧ୍ୟ ନିଜ କୁଟୁମ୍ବ ପରିପୋଷଣ ପାଇଁ ଅନନ୍ୟୋପାୟ ହୋଇ ସମୟେ ସମୟେ ଚୋରି ବୃତ୍ତିକୁ ମଧ୍ୟ ଆପଣାଇ ନେଇଥାଏ। ଏହା ବ୍ୟତୀତ ପଣ୍ଡିତ/କବି ହେଲେ ମଧ୍ୟ ଲୋଭଗ୍ରସ୍ତ ମନୁଷ୍ୟମାନେ ମଧ୍ୟ ଚୋରି କରିବାକୁ ପଛାଇ ନଥା'ନ୍ତି, ବେଳେବେଳେ ସ୍ୱାର୍ଥସାଧନ ନିକଟରେ ମନୁଷ୍ୟର ପାଣ୍ଡିତ୍ୟ, କୁଳୀନତା, କବିତ୍ୱ ଓ ବିବେକ ପରାଜୟ ସ୍ୱୀକାର କରନ୍ତି। ସୁତରାଂ କାହାର ପାଣ୍ଡିତ୍ୟପୂର୍ଣ୍ଣ ଭାଷଣ ବା ମନୋମୁଗ୍ଧକର ମଧୁର ବଚନରେ ବିମୋହିତ ନହୋଇ ମନୁଷ୍ୟ ସେପରି ବ୍ୟକ୍ତିର ଗତି ଉପରେ ଅଲକ୍ଷିତ ଭାବରେ ସତର୍କ ଦୃଷ୍ଟି ରଖିବା ଉଚିତ। ଶାସ୍ତ୍ରରେ କଥିତ ଅଛି-

**"ନବିଶ୍ୱସେଦ୍ ବିଶ୍ୱସ୍ତେଽବିଶ୍ୱସ୍ତେଽପିନବିଶ୍ୱସେତ୍।**
**ବିଶ୍ୱାସାଦ୍‌ଭୟମୁତ୍ପନ୍ନଂ ମୂଳାନ୍ୟପି ନିକୃନ୍ତତି"।**

ଅର୍ଥାତ୍ ବିଶ୍ୱାସୀ ଲୋକକୁ ବିଶ୍ୱାସ ନାହିଁ ଓ ଅବିଶ୍ୱାସୀ ଲୋକକୁ ମଧ୍ୟ ବିଶ୍ୱାସ ନାହିଁ, କାରଣ ବିଶ୍ୱାସରୁ ହିଁ ଭୟ ସୃଷ୍ଟି ହୁଏ ଓ ଯାହା ବିଶ୍ୱାସ କରୁଥିବା ଲୋକର ମୂଳକୁ ବା ସର୍ବସ୍ୱକୁ ଧ୍ୱଂସ କରିଦିଏ। ବିଦ୍ୟା ମନୁଷ୍ୟର ପ୍ରକୃତି ଓ ପ୍ରବୃତ୍ତିକୁ ଶକ୍ତ ଶୃଙ୍ଖଳରେ ବାନ୍ଧି ରଖିପାରେ ନାହିଁ। ପରିବେଶ ଓ ପରିସ୍ଥିତିର ବଶବର୍ତ୍ତୀ ଉନ୍ମାଦିତ ମନ ବିଦ୍ୱାନ୍ ବ୍ୟକ୍ତିର ବିଦ୍ୟା ଓ ବିବେକ ଶୃଙ୍ଖଳକୁ ଛିନ୍ନକରି ବହୁ ଗର୍ହିତ କାର୍ଯ୍ୟ କରିପକାଏ। ଏସବୁ ସତ୍ତ୍ୱେ ବିଦ୍ୟାର ଅନବଦ୍ୟ ମହତ୍ତ୍ୱ ସେପରି ଦୂଷିତ କାର୍ଯ୍ୟଲିପ୍ତ ବ୍ୟକ୍ତିକୁ ସୁରକ୍ଷା ଦେବା ପାଇଁ ଆଗେଇ ଆସେ ଓ ସୁରକ୍ଷା ସହ ସମ୍ମାନ ମଧ୍ୟ ଦେଇଥାଏ। ଏହା କୌଣସି ଉଦ୍ଭଟ କଳ୍ପନା ନୁହେଁ। ଶାସ୍ତ୍ର ପୁରାଣମାନଙ୍କରେ ଏହାର ଅନେକ ଦୃଷ୍ଟାନ୍ତ ରହିଅଛି। ବର୍ତ୍ତମାନ ଏକ ସୁନ୍ଦର ଗଳ୍ପ ମାଧ୍ୟମରେ ଆଲୋଚ୍ୟ ପ୍ରସଙ୍ଗର ସତ୍ୟ ନିରୀକ୍ଷଣ କରାଯାଉ।

ଏକଦା ରାଜକାର୍ଯ୍ୟ ସମାପନ ପରେ ରାତ୍ରିଭୋଜନ ସାରି ମହାରାଜ ଭୋଜ ନିଜ ଶୟନକକ୍ଷରେ ରତ୍ନଖଚିତ ପଲଙ୍କ ଉପରେ ବିଶ୍ରାମ କରିଛନ୍ତି। ବହୁ ପ୍ରକାର ପ୍ରୟାସ କଲେ ମଧ୍ୟ ନିଦ୍ରା ଆସୁନାହିଁ। ନିଦ୍ରା ଆସିବାରେ ପ୍ରଧାନ ପ୍ରତିବନ୍ଧକ ହେଉଛି ତାଙ୍କ ପାଣ୍ଡିତ୍ୟ ଓ କବିତ୍ୱ। ଏହା ପ୍ରାୟ ସ୍ୱୀକାରଯୋଗ୍ୟ ଯେ କବି ଓ ପଣ୍ଡିତମାନଙ୍କର ବିଶ୍ରାମ ସମୟ ହିଁ ସ୍ମୃତିପଟରେ ଆଙ୍କିଦିଏ ଅସୁମାରୀ ଭାବନା ଓ ଦିବ୍ୟ କଳ୍ପନାର ବିବିଧ ଚିତ୍ର। ସେହି ଚିତ୍ର ସବୁ ସଙ୍ଗେ ସଙ୍ଗେ ସଜାଡ଼ି ହୋଇଯାଆନ୍ତି ଶବ୍ଦ ବୈଭବଶାଳିନୀ ଭାଷା ରୂପରେ। ତତ୍‌କ୍ଷଣାତ୍ ଯଦି ସେଗୁଡ଼ିକୁ ଲେଖନୀ ମୁନରେ ଉକୁଟାଇ ଦିଆନଯାଏ, ତେବେ ସେହି କଳ୍ପନାଗୁଡ଼ିକ ଅପମାନିତ ଅତିଥି ପରି ବିସ୍ମୃତି ପଥର ପଥିକ ହୋଇଯା'ନ୍ତି। ଆଉ ସାଙ୍ଗରେ ନେଇଯା'ନ୍ତି ଭାବନାରେ ସଜ୍ଜିତ ଶବ୍ଦ ସହିତ ଭାଷାକୁ। ଏକ ସ୍ୱଳ୍ପ ସମୟର ବ୍ୟବଧାନ ପରେ ଯେତେ ଅନ୍ୱେଷଣ କଲେ ମଧ୍ୟ ସେମାନେ ଆଉ ଧରା ଦିଅନ୍ତି ନାହିଁ। ସୁତରାଂ ଅଧିକାଂଶ ଲେଖକ ଓ କବି ସେମାନଙ୍କ ମନୋଜାତ କଳ୍ପନାଗୁଡ଼ିକୁ ସଙ୍ଗେ ସଙ୍ଗେ ଲେଖି ପକାନ୍ତି ଓ ଲେଖାଗୁଡ଼ିକୁ ପରିପୂର୍ଣ୍ଣ କରିବା ପାଇଁ ତନ୍ଦ୍ରାନିଦ୍ରା ସବୁକୁ ଦୂରେଇ ଦେଇ ଲେଖନୀ ମୁନରେ ପତ୍ର ଉପରେ ଅଜାଡ଼ି ଦିଅନ୍ତି ଅନ୍ତରର ଅଭିବ୍ୟକ୍ତି ସମୂହକୁ। ଏହା ହିଁ ଜଣେ କବି/ଲେଖକର କୃଚ୍ଛ ସାଧନା।

ଆଜି ସେହିପରି ଏକ ଶ୍ଳୋକ ରଚନାର ଭାବନା ଭିତରେ ନିମଜ୍ଜିତ ହୋଇଛନ୍ତି ମହାରାଜ ଭୋଜ। ଗୋଟିଏ ଶ୍ଳୋକର ଚାରୋଟି ପାଦ (ପଂକ୍ତି) ମଧ୍ୟରୁ ତିନୋଟି ପାଦ ବାରମ୍ବାର ତାଙ୍କ ମୁଖରେ ଉଚ୍ଚାରିତ ହେଉଛି, ମାତ୍ର ଶେଷ ପାଦଟି କ'ଣ ହେବ ତାହା ହୋଇପାରୁନାହିଁ। ତେଣୁ ସେହି ତିନି ପାଦକୁ ବାରମ୍ବାର ଗାଇ ଚାଲିଛନ୍ତି, ଯାହା ନିମ୍ନରେ ପ୍ରଦାନ କରାଗଲା।

**ଚେତୋହରାଯୁବତୟଃ ସୁହୃଦୋଽନୁକୂଳାଃ**
**ସଦ୍‌ବାନ୍ଧବାଃ ପ୍ରଣୟଗର୍ଭଗୀରଶ୍ଚ ଭୃତ୍ୟାଃ**
**ଗର୍ଜନ୍ତି ଦନ୍ତିନିବହାସ୍ତରଳାସ୍ତୁରଙ୍ଗାଃ**

ଅର୍ଥାତ୍- ମୋର ମନକୁ ମୋହିବା ପରି ଅନେକ ସୁନ୍ଦରୀ ତରୁଣୀ ରାଜଅନ୍ତଃପୁରରେ ଅଛନ୍ତି, ପୁନଶ୍ଚ ମିତ୍ର ସମୂହ ମୋର ଅନୁକୂଳ ଅଟନ୍ତି। ବନ୍ଧୁବର୍ଗ ମଧ୍ୟ ଉତ୍ତମ/ ଶ୍ରେଷ୍ଠ ଅଟନ୍ତି। ଭୃତ୍ୟ ଓ ସେବକ ବର୍ଗ ଆଜ୍ଞାକାରୀ ହୋଇ ନମ୍ରବଚନ କହୁଛନ୍ତି। ହସ୍ତୀଶାଳାରେ ମାଳମାଳ ହସ୍ତୀ ଗର୍ଜନ କରୁଛନ୍ତି। ଅଶ୍ୱଶାଳାରେ ବିଚକ୍ଷଣ ବ୍ୟଗ୍ରଗାମୀ ଅଶ୍ୱମାନେ ମଧ୍ୟ ରହିଛନ୍ତି।

ଏପରି ତିନିପାଦ ଶ୍ଳୋକ ବାରମ୍ବାର ଆବୃତି କରି ଚତୁର୍ଥ ପାଦଟି ଯେତେ ଭାବିଲେ ଚିନ୍ତିଲେ ମଧ୍ୟ ରାଜାଙ୍କର ଭାବନା ରାଜ୍ୟକୁ ଆସୁନାହିଁ। ଏପରି ପଡୁଥିବା ଅବସ୍ଥାରେ ହଠାତ୍ ରାଜାଙ୍କ ଶୟନ କକ୍ଷର ଖୁବ୍ ନିକଟରୁ ଅନ୍ୟ କାହାର କଣ୍ଠରୁ ନିର୍ଗତ ହେଲା ଶ୍ଳୋକର ଚତୁର୍ଥ ପାଦ-

**"ସମ୍ମିଳନେନୟନୟୋର୍ନହି କିଞ୍ଚିଦସ୍ତି"**

ଅର୍ଥାତ୍ ନେତ୍ରଯୁଗଳ ମୁଦ୍ରିତ ହେଲେ (ମୃତ୍ୟୁ ହେଲେ) ଏସବୁ ଐଶ୍ୱର୍ଯ୍ୟ ଭୋଗ କିଛି ରହେ ନାହିଁ। ବର୍ତ୍ତମାନ ଶ୍ଳୋକଟି ପୂର୍ଣ୍ଣତା ପ୍ରାପ୍ତ ହେଲା।

ଯଥା-

**ଚେତୋହରାଯୁବତୟ ସୁହୃଦୋଽନୁକୂଳାଃ**
**ସଦ୍‌ବାନ୍ଧବାଃ ପ୍ରଣୟଗର୍ଭଗୀରଷ୍ଟ ଭୃତ୍ୟାଃ**
**ଗର୍ଜନ୍ତିଦନ୍ତିନିବହା ସ୍ତରଳା ସ୍ତୁରଙ୍ଗାଃ**
**ସମ୍ମିଳନେନୟନୟୋଃ ନହି କିଞ୍ଚିଦସ୍ତି ।**

ବିସ୍ମିତ ହେଲେ ମହାରାଜ ଭୋଜ । କାହାର ଏ କଣ୍ଠସ୍ୱର ? ନିଶାର୍ଦ୍ଧ ସମୟରେ ମୋର ଶୟନ କକ୍ଷର ଖୁବ୍ ନିକଟରେ ଏ କିଏ ?

ପଲଙ୍କ ଶୟନରୁ ଉତ୍ଥିତ ହୋଇ ରାଜା କୋଷମୁକ୍ତ ତରବାରୀକୁ ଧରି ଗାମ୍ଭୀର୍ଯ୍ୟପୂର୍ଣ୍ଣ ସ୍ୱରରେ କହିଲେ, "କିଏ ତୁମେ ? ରାଜା ଭୋଜର ଦୁର୍ଭେଦ୍ୟ ଦୁର୍ଗ ଅତିକ୍ରମ କରି ଶୟନ କକ୍ଷର ସମୀପବର୍ତ୍ତୀ ହେବାର ଦୁଃସାହସ କଲ କିପରି ? ଶୀଘ୍ର ମୋ ସମ୍ମୁଖକୁ ଆସ, ଅନ୍ୟଥା ତୁମେ ପ୍ରାଣଦଣ୍ଡରେ ଦଣ୍ଡିତ ହେବ ।" ହଠାତ୍ ଶୟନ କକ୍ଷର ପାର୍ଶ୍ୱବର୍ତ୍ତୀ ସ୍ଥାନରୁ ପ୍ରବେଶ କଲା ଜଣେ ଚୋର ଅଥଚ ବ୍ରାହ୍ମଣ ।

ରାଜା ପଚାରିଲେ, "ତୁମେ ଜଣେ ବ୍ରାହ୍ମଣ ହୋଇ ଏକ ଚୋର ଭାବରେ ମୋ'ପୁରରେ ପ୍ରବେଶ କରିବାର ଅଭିପ୍ରାୟ ପ୍ରକାଶ କର ।" ଚୋର ବ୍ରାହ୍ମଣ କହିଲେ, "ମହାରାଜ, ଚରମ ଦାରିଦ୍ର୍ୟର କଷାଘାତରେ ମୁଁ ସର୍ବଦା ଯନ୍ତ୍ରଣା ଜର୍ଜରିତ । ସେଥିରୁ ମୁକ୍ତି ପାଇବା ପାଇଁ କିଛି ଚୋରି କରିନେବା ପାଇଁ ଆପଣଙ୍କ ଶୟନକକ୍ଷ ନିକଟକୁ ଆସି ଲୁକାୟିତ ଭାବରେ ସୁଯୋଗ ଅପେକ୍ଷାରେ ରହିଥିଲି । ବାରମ୍ବାର ଆପଣଙ୍କ ମୁଖରୁ ତିନିପାଦ ଶ୍ଳୋକ ଶୁଣି ଭାବିଲି, ବୋଧେ ଆପଣ ଚତୁର୍ଥ ପାଦର ଭାବନାରେ ନିମଗ୍ନ ରହି ନିଦ୍ରା ଯାଉନାହାନ୍ତି । ମୁଁ ଜଣେ ବ୍ରାହ୍ମଣ । କିଛି ବିଦ୍ୟା ଅଧ୍ୟୟନ କରିଛି । ତେଣୁ ଆପଣଙ୍କ ତିନି ପାଦର ମର୍ମ ସହିତ ମିଳାଇ ୪ର୍ଥ ପାଦଟି ଗାଇଦେଲି । ମୁଁ ପଛେ ଚୋରି କରି ନପାରି ନିରାଶ ହୁଏ, କିନ୍ତୁ ଏପରି ମହତ୍ତ୍ୱପୂର୍ଣ୍ଣ ଶ୍ଳୋକଟିଏ ପୂର୍ଣ୍ଣ ରୂପରେ ଆତ୍ମପ୍ରକାଶ କରୁ । କୁହନ୍ତୁ ଛାମୁଁ! ଆପଣ ବିଚାରବନ୍ତ ବିଚକ୍ଷଣ ପଣ୍ଡିତ, ମୋ ଚତୁର୍ଥ ପାଦଟି ଆପଣଙ୍କର ପସନ୍ଦ ହେଲା ତ ?"

ରାଜା ମନେ ମନେ ଭାବିଲେ ଚୋରର ପୁଣି ଏଡ଼େ ବଡ଼ ପାଣ୍ଡିତ୍ୟ ! ପୁନଶ୍ଚ ଏ ବର୍ଣ୍ଣ ଶ୍ରେଷ୍ଠ ବ୍ରାହ୍ମଣ । ସମସ୍ତ ସତ୍ୟ କଥା ନିର୍ଭୟରେ ପ୍ରକାଶ କରିବା ଏହାର ସତ୍ୟବାଦିତାର ଏକ ପବିତ୍ର ପରିଚୟ । ଦରିଦ୍ରତା ଏହାକୁ ଚୌର୍ଯ୍ୟ ବୃତ୍ତିରେ ପ୍ରବୃତ୍ତ କରାଇଛି । ମୋର ଅସମ୍ପୂର୍ଣ୍ଣ ଶ୍ଳୋକଟିକୁ ପୂରଣ କରି ଏ ମୋତେ ଅତ୍ୟନ୍ତ ଆନନ୍ଦିତ କରାଇଛି । ଏପରି ବିଚାର କରି ଉଦାର ଚେତା ଭୋଜ ବ୍ରାହ୍ମଣଙ୍କୁ ବହୁ ମୂଲ୍ୟବାନ୍ ବସ୍ତ୍ର, ଆଭୂଷଣ ଓ ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରି ବିଦାୟ ଦେଲେ ।

ବିଧାତାର ବିଚାର କିନ୍ତୁ ଥିଲା ଭିନ୍ନ । ବ୍ରାହ୍ମଣ ପୁରସ୍କାର ଲବ୍ଧ ମୂଲ୍ୟବାନ୍ ବସ୍ତ୍ର ଅଳଙ୍କାର ପରିଧାନ କରି ବଜାରରେ ଭ୍ରମଣ କରୁଥିବା ସମୟରେ ରାଜ କର୍ମଚାରୀମାନଙ୍କର ଦୃଷ୍ଟିକୁ ଆସିଲା । ତହୁଁ ସେମାନେ ତା'କୁ ଚୋର ସନ୍ଦେହରେ ଧରିନେଲେ ପୁଣି ରାଜଦରବାରକୁ । ଶୁଣିଲେ ନାହିଁ ବ୍ରାହ୍ମଣ କଥିତ ପୂର୍ବ ରାତ୍ରିର ସତ୍ୟଘଟଣାକୁ । ତାହାସବୁ ଛଳନା ଆଉ ଖସି ପଳାୟନ କରିବାର ଅପଚେଷ୍ଟା ବୋଲି ବିଚାର କଲେ ।

ରାଜ କର୍ମଚାରୀମାନେ ଚୋର ବ୍ରାହ୍ମଣକୁ ଦରବାରରେ ଉପସ୍ଥାପିତ କରାଇ ରାଜାଙ୍କ ସମ୍ମୁଖରେ ନିବେଦନ କଲେ ମହାରାଜ ଏହି ବ୍ରାହ୍ମଣ ଏସବୁ ରାଜଯୋଗ୍ୟ ବସ୍ତ୍ର ଆଭୂଷଣ ନିଶ୍ଚୟ ରାଜପୁରରୁ ଚୋରି କରିଅଛି । ଏହାର ବିଚାର କରାଯାଉ । ଏହାଶୁଣି ରାଜା ନଜାଣିବା ପରି ପ୍ରଶ୍ନ କଲେ, "ହେ ବ୍ରାହ୍ମଣ ! ତୁମେ ଅତ୍ୟନ୍ତ ଧନହୀନ ଦରିଦ୍ର । ଏସବୁ ରାଜକୀୟ ପରିଚ୍ଛଦ ଓ ଅଳଙ୍କାର ତୁମକୁ ପ୍ରାପ୍ତ ହେଲା କିପରି ?" ରାଜାଙ୍କ କଥାଶୁଣି ବିସ୍ମିତ ହୋଇ ବ୍ରାହ୍ମଣ ନିଜ ପାଣ୍ଡିତ୍ୟ ଓ କବିତ୍ୱର ଚାତୁରୀରେ ନିମ୍ନ ପ୍ରଦତ୍ତ ଶ୍ଳୋକଟିଏ ପଠନ କଲେ-

**ଭେକୈଃ କୋଟରଶାୟିଭିର୍ମୃତମିବ କ୍ଷ୍ମାନ୍ତର୍ଗତଂ କଚ୍ଛପୈଃ**
**ପାଠିନୈ୍ୟଃ ପୃଥୁପଙ୍କପୀଠଲୁଠନାଦ୍ୟସ୍ମିନ୍ମୁହୁର୍ମୂର୍ଚ୍ଛିତମ୍**
**ତସ୍ମିନ୍ ଶୁଷ୍କସରସ୍ୟକାଳଜଳଦେନାଗତ୍ୟ ତଚ୍ଚେଷ୍ଟିତମ୍**
**ଯତ୍ରାକୁମ୍ଭନିମଗ୍ନବନ୍ୟକରିଣାଂ ଯୂଥୈଃ ପୟଃ ପୀୟତେ**

ଅର୍ଥାତ୍- ଯେଉଁଠାରେ ମଣ୍ଡୂକ (ବେଙ୍ଗ)ମାନେ କୋରଡ଼ ଭିତରେ ମୃତତୁଲ୍ୟ ପଡି ରହିଥିଲେ, କଚ୍ଛପମାନେ ଜଳାଭାବରୁ ଭୂମି ଭିତରକୁ ପଶିଯାଇଥିଲେ ଓ ମତ୍ସ୍ୟମାନେ ଜଳଶୂନ୍ୟ ଅର୍ଦ୍ଧଶୁଷ୍କ ପଙ୍କ କର୍ଦ୍ଦମରେ ଗଡ଼ପଡ଼ ହୋଇ ମୂର୍ଚ୍ଛିତ ହେବା ଅବସ୍ଥାରେ ରହିଥିଲେ,ଏପରି ଏକ ଶୁଷ୍କ ସରୋବରକୁ ଅଚାନକ ଅକାଳ ମେଘ ଖଣ୍ଡେ ଆସି ପ୍ରବଳ ବର୍ଷାରେ ପୂର୍ଣ୍ଣ କରିଦେଲା, ଫଳରେ ନିର୍ଜୀବପ୍ରାୟ ନିପତିତ ସେହି ମଣ୍ଡୁକ, କଚ୍ଛପ ଓ ମତ୍ସ୍ୟଆଦି ଜଳଜୀବମାନେ ଆଶ୍ୱସ୍ତ ହୋଇ ପୂର୍ବପରି ସେମାନଙ୍କର କ୍ରୀଡ଼ା ଓ ସନ୍ତରଣ ଆଦି ଚେଷ୍ଟାକୁ ଆରମ୍ଭ କରିଦେଲେ । ଆଉ ବନହସ୍ତୀମାନେ ନିଜ ମଥାର କୁମ୍ଭ ବୁଡ଼ିବା ପର୍ଯ୍ୟନ୍ତ ଗଭୀର ଜଳରେ ପ୍ରବେଶ କରି ଜଳକ୍ରୀଡା ସହ ସେହି ନୂତନ ଜଳକୁ ପାନ କଲେ ।

ରାଜା ଭୋଜ ଚୋର ବ୍ରାହ୍ମଣର ପାଣ୍ଡିତ୍ୟପୂର୍ଣ୍ଣ ଏପରି କବିତ୍ୱରେ ବିମୁଗ୍ଧ ହୋଇ ତାହାକୁ ନିରପରାଧ ଘୋଷଣା କରି ସର୍ବସମକ୍ଷରେ ପୁନଃ ଏକଲକ୍ଷ ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କଲେ । ରାଜାଙ୍କ ଦ୍ୱାରା ସେ ରାଜ୍ୟର ଜଣେ ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ପଣ୍ଡିତ ଓ କବି ଭାବରେ ସ୍ୱୀକୃତ ଓ ସମ୍ମାନିତ ହେଲା ।

ବର୍ଣ୍ଣିତ ଗଳ୍ପଟିରୁ ଏହା ପ୍ରମାଣିତ ଯେ, ବିଦ୍ୟାର ସାର୍ଥକତା କବିତ୍ୱରେ ହିଁ ରହିଥାଏ । ନିଜର ତେଜସ୍ୱିନୀ କବିପ୍ରତିଭାରେ ଜଣେ କବି ନିଶ୍ଚିତ ମୃତ୍ୟୁମୁଖରୁ ମଧ୍ୟ ରକ୍ଷା ପାଇପାରେ । ଧନ୍ୟ ସେ କବିତ୍ୱ । ଧନ୍ୟ ସେ କବିର ଅକ୍ଷୟ କବଚ, ଯାହା ଆଜିର କବିତାରେ ପରିଦୃଷ୍ଟ ହୁଏ ନାହିଁ ।

**ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ**
**ଜଟଣୀ, ଖୋରଧା**
**ମୋ-୯୭୭୮୬୮୨୪୮୭**

# ସ୍ୱପ୍ନ ରହିଗଲା ଅଧା



ଦେବବ୍ରତ ବାରିକ

ଗତିଶୀଳ ଜୀବନ କେବେ କେବେ ଅମାନିଆ ବାଟରେ ପାଦ ରଖିଦିଏ। ବଞ୍ଚିବାର ରାହା ଖୋଜୁଥାଏ। ସଙ୍ଘର୍ଷ ଆଉ ଅକୁହା ଯନ୍ତ୍ରଣାକୁ ମନରେ ମାରି ପିଲାଙ୍କ ଭବିଷ୍ୟତ ପାଇଁ କିଛି ଦାୟିତ୍ୱକୁ ମୁଣ୍ଡରେ ମୁଣ୍ଡେଇ ଚାଲିଥାଏ।

ବନ୍ତଳା ଏକ ଛୋଟ ଗାଆଁଟିଏ। ସେହି ଗାଆଁରେ ସ୍କୁଲ କହିଲେ ମାଇନର ଶ୍ରେଣୀ ପର୍ଯ୍ୟନ୍ତ ଅଛି। ତେଣୁ ମାମୁନି ଅଷ୍ଟମ ଶ୍ରେଣୀରେ ପଢିବା ପାଇଁ ପାଖ ଗାଁରେ ଥିବା ହାଇସ୍କୁଲରେ ନାମ ଲେଖାଇଛି। ସେ ଶ୍ରେଣୀରେ ଭଲ ପାଠ ପଢେ, ସ୍କୁଲ ସାର୍‌ମାନେ ପ୍ରଶଂସା ମଧ୍ୟ କରନ୍ତି। ମାମୁନି ଦେଖିବାକୁ ବି ଭାରି ସୁନ୍ଦର। ବାପା ମାଆଙ୍କ ଅଲିଅଳୀ ଗୋଟିଏ ବୋଲି ଝିଅ। ସବୁଦିନ ଭଳି ଆଜି ବି ସେ ପାଠ ପଢିବା ଉଦ୍ଦେଶ୍ୟରେ ସ୍କୁଲକୁ ଯାଇଥିଲା। ଛୁଟି ହେଲାପରେ ଘରକୁ ଫେରି ଆସୁଥିଲା। ସବୁଦିନ ବହୁତ ମନ ଖୁସିରେ ସ୍କୁଲରୁ ଘରକୁ ଫେରେ। ସେ ଦିନ ବହୁତ ଖୁସି ହୋଇ ଘରକୁ ଫେରୁଥିଲା। ଫେରିଲା ବେଳେ ମନେ ମନେ ଭାବୁଥିଲା, ସେ ଭଲ ପାଠ ପଢି ବଡ ହେଲେ ବଡ ଚାକିରିଟିଏ କରିବ, ବାପା ଓ ମାଆଙ୍କର ନାଁ ରଖିବ, ଦୁଃଖର ଦିନ ସରି ପୁଣି ଖୁସିର ଲହରୀ ଖେଳିବ।

ଏହି ସମୟରେ ଗାଁ ଆଡୁ ଜଣେ ଲୋକ ଆସି କହିଲା, "ମାମୁନି...ମାମୁନି....ତୋ' ବାପାଙ୍କର ଆଜି ଗାଁ ପାଖ ଆମ୍ବ ଗଛ ପୋଲ ପାଖରେ ଆକ୍ସିଡେଣ୍ଟ୍ ହୋଇଯାଇଛି। ମୁଣ୍ଡରେ ପଥର ବାଜିଛି। ବହୁତ ରକ୍ତ ବୋହୁଛି। ଶୀଘ୍ର ଘରକୁ ଚାଲ୍। ଡାକ୍ତରଖାନାକୁ ଶୀଘ୍ର ନ ନେଲେ ଅସୁବିଧା ହେବ। ଆମ୍ବୁଲାନ୍ସ ଆସିଗଲାଣି।"

ସେ ଲୋକର କଥା ସରିଛି କି ନାହିଁ ମାମୁନି କାନ୍ଦି କାନ୍ଦି ସିଧା ଘରକୁ ଏକ ମୁହାଁ ହୋଇ ଦୌଡିବାକୁ ଲାଗିଲା। ଆସି ଦେଖେ ତ ଘରେ ତାଲା ପଡିଛି। କ'ଣ କରିବ ଭାବି ଘର ବାରଣ୍ଡାରେ ବସିପଡିଲା। ମୁଣ୍ଡଟାକୁ କାନ୍ଥରେ ଆଉଜି ଦେଇ କ'ଣ ଭାବୁଥିଲା କେଜାଣି।

"ଏ ମାମୁନି...ମାମୁନି... ! ଶୁଣୁଛୁ, ତୋ' ବାପାଙ୍କୁ ତୋ' ମାଆ ଆଉ ଗାଁ ଲୋକ ସାଥିରେ ଡାକ୍ତରଖାନାକୁ ନେଇଛନ୍ତି। ତୁ ଜମା ବ୍ୟସ୍ତ ହୁଅନା। ସେ ଶୀଘ୍ର ଭଲ ହୋଇଯିବେ। ନେ, ପାଣି ଟିକେ ପିଇଦେ।" ମାମୁନିକୁ ତା'ର ଜଣେ ସମ୍ପର୍କୀୟ ନାନୀ ଆଶ୍ୱାସନା ଦେଲେ। ହେଲେ ମାମୁନି ମନରେ ଅନେକ ଚିନ୍ତା। ଦୁଃଖ ବି ଏକା ଆସେ ନାହିଁ। ଆସିଲେ ସେ ପିଲା କୁଟୁମ୍ବ ଧରି ଆସିଥାଏ। ବାପା କଥା ସେ ମନେ ମନେ ଚିନ୍ତା କରୁଥାଏ, ଆଖିରେ ଥାଏ ଅନେକ ପ୍ରଶ୍ନ, ଅନେକ ଲୁହର ଧାର। ବାପା କେମିତି ଥିବେ ? ସେ ଶୀଘ୍ର ଭଲ ହେବେ କି ନାହିଁ? କେତେଥର ତାଙ୍କୁ ମା ବୁଝାଇ କହିଛି, ମଦ ପିଇବ ନାହିଁ। ମଦ ପିଇ ଜୋର୍‌ରେ ଗାଡି ଚଳେଇବ ନାହିଁ। ଗାଡି ଚଳାଇଲା ବେଳେ ହେଲମେଟ ପିନ୍ଧିବେ। ଦରକାର ନ ଥିଲେ ଘରୁ କୁଆଡେ ଯିବେ ନାହିଁ। ହେଲେ, ବାପା କ'ଣ ବୁଝୁଥିଲେ। ଓଲଟି ମାଆକୁ ଗାଳି କରୁଥିଲେ, ମାରୁଥିଲେ। ହେଲମେଟ ନ ପିନ୍ଧିଲେ କେଉଁ ପୋଲିସ୍ ତାଙ୍କୁ ଧରିବ ? କେବେ ବି ବାପା ମା' କଥାକୁ ମାନିଲେ ନାହିଁ। ମୁଁ ତ ଛୋଟପିଲା, ମୋ କଥାକୁ କିଏ ପଚାରେ। କେତେଥର କହିଛି ବାପାଙ୍କୁ ମଦ ନ ପିଇବାକୁ। ଜୋର୍‌ରେ ଗାଡି ନ ଚଳାଇବାକୁ। ଗାଡିରେ ଯିବାବେଳେ ହେଲମେଟ ପିନ୍ଧିବାକୁ।

ଏମିତି ଭାବୁ ଭାବୁ ହଠାତ ଆମ୍ବୁଲାନ୍ସ ଆସି ଘର ଦୁଆରେ ଛିଡା ହୋଇଗଲା। ଉଠିକି ଦୌଡ଼ିଗଲା ମାମୁନି, ବାପା ବାପା କହି, ଯାଇ ଦେଖେ ତ, ବାପା ତା'ର ଆଉ ନାହାନ୍ତି। ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ବୋଲି ଡାକ୍ତରଖାନା ଯିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା। ସଙ୍ଗେ ସଙ୍ଗେ ପରିବେଶ କାନ୍ଦ ବୋବାଳିରେ ଫାଟିଗଲା। ମାମୁନି ଆଉ ତା' ମାଆ ମୁଣ୍ଡ ପିଟିପିଟି କାନ୍ଦୁଥା'ନ୍ତି।

ଆଜି ମାମୁନି ବାପ ଛେଉଣ୍ଡ ହୋଇଗଲା। କାହାକୁ ବାପା ବୋଲି ଡାକିବ ? କିଏ ତା'ର ଯତ୍ନ ନେବ ? କିଏ ତା'କୁ ପାଠ ପଢେଇବ ? ମାମୁନିର ଆଖିରୁ ଝରିଯାଉଥିଲା ଲୁହର ନଈ। ମାମୁନିର ମାଆର ଅବସ୍ଥା ତ ନ କହିବା ଭଲ। ସେ ଜଣେ ସାଧାସିଧା ସରଳ ନୀରିହା ସ୍ତ୍ରୀ, କାହାକୁ କିଛି କହନ୍ତି ନାହିଁ, ନିଜ ଘରେ ନିଜ କାମ କରନ୍ତି। ଅଳ୍ପ ବୟସରେ ବିଧବା ହୋଇଯିବେ, ସେ କେବେ ବି ସ୍ୱପ୍ନରେ ଭାବି ନଥିଲେ। ଭାଗ୍ୟର ବିଡ଼ମ୍ବନା କ'ଣ କିଏ ବା କହିପାରିବ। ଭଗବାନ ଏପରି ଦୁଃଖ କାହାକୁ ନ ଦିଅନ୍ତୁ। ମା' ଝିଅ କେଉଁ ଜନମରେ କି ଦୋଷ କରିଥିଲେ କିଏ ଜାଣିଛି। ଏଇ ଜନମରେ ତାହା ଭୋଗିବାକୁ ପଡିଲା। ମାମୁନିର ବାପା ବି ଭାରି ଭଲ ଲୋକ ଥିଲା। ମଦ ସିନା ପିଏ, ହେଲେ କାହାକୁ କେବେ ଖରାପ ବ୍ୟବହାର କରେନି।

ଲୋକମାନେ ପରସ୍ପରକୁ କୁହାକୁହି ହେଉଥିଲେ। ମାମୁନିର ବାପା ହେଲମେଟ ପିନ୍ଧିଥିଲେ ହୁଏତ ବଞ୍ଚି ଯାଇଥାନ୍ତା। କିଏ କିଏ କହୁଥିଲେ, ସେ ମଦ ନ ପିଇଥିଲେ ବଞ୍ଚି ଯାଇଥାନ୍ତେ। କିଏ କିଏ କହୁଥିଲେ, ଗାଡି ଦ୍ରୁତ ଗତିରେ ଥିଲା ବୋଲି, ଭାରସାମ୍ୟ ହରାଇବାରୁ ଏ ପ୍ରକାର ଅଭାବନୀୟ ଘଟଣା ଘଟିଲା। କିଏ କହୁଥିଲା ହେଲମେଟ ପିନ୍ଧି ନଥିବା ଯୋଗୁଁ ଗୋଟିଏ ସୁଖର ପରିବାରରେ ଦୁଃଖ ଭରିଗଲା। ମାମୁନି ଏବେ କ'ଣ କରିବ ? ପାଠ ପଢି ବଡ ଚାକିରି କରିବ ନା ପାଠପଢାରେ ତା'ର ବ୍ୟାଘାତ ଘଟିବ। ଏମିତି ଅନେକ କଥା। ସେପଟେ କୋକେଇରେ ବୁହା ହେଲେଣି ମାମୁନିର ବାପା। କାନ୍ଦ ବୋବାଳି ଭିତରୁ ଶୁଭୁଥିଲା...

ରାମ ନାମ ସତ୍ୟ ହେ....ହରି ନାମ ସତ୍ୟ ହେ....

ଆଶା ମୋ' ଅଧୁରା ରହିଗଲା ବାପା  
ଫେରିବ କି ମୋ' ପାଇଁ  
ଅଳି କରିବିନି ତୁମ ପାଖେ କେବେ  
ଚାଲିଗଲ କାହିଁ ପାଇଁ....

ସମ୍ପାଦକ, ପ୍ରୀତି ପ୍ରଣତି  
ଆନନ୍ଦପୁର, କେନ୍ଦୁଝର  
ଦୂରଭାଷ - ୯୩୪୮୭୭୯୩୯୪

# ବୋଉ ତୁ ଗଲାପରେ



ଚିତ୍ତରଞ୍ଜନ ପଟ୍ଟନାୟକ



ବୋଉ ତୁ ଗଲାପରେ . . . .
ପବନଟା ସ୍ତବ୍ଧ ହୋଇଗଲା
କାଉକୋଇଲି ବି ଚୁପ୍ ହୋଇଗଲେ
ତୋ' ପୁଅଝିଅମାନେ ମୁଣ୍ଡ ବାଡେଇ କାନ୍ଦିଲେ
ମୁଁ କିନ୍ତୁ କାନ୍ଦିଲିନି, କାରଣ ବହୁତ ଆଗରୁ
ତୁ ମୋର ଲୁହ ନେଇଯାଇଥିଲୁ ।

ବୋଉ ତୁ ଗଲାପରେ . . . .
ସକାଳୁ ଉଠି ତୋତେ ଗାଧେଇଦେବାର
ପୁଣ୍ୟଟା ଶେଷ ହୋଇଗଲା
ତତେ ଔଷଧ ଖୁଆଇ ପାଣି ପିଆଇବାର
କାମରେ ପୂର୍ଣ୍ଣଛେଦ ପଡିଗଲା
ବାହାରେ ଥାଇ ଫୋନରେ ତୋ' କଥା ବୁଝିବା
ବୋଧେ ସପନ ହୋଇଗଲା ।

ବୋଉ ତୁ ଗଲାପରେ . . . .
ତୋ' ଶୋଉଥିବା ଖଟଟା
ପୂରା ଏକୁଟିଆ ହୋଇଗଲା
ତୋ' ବିଛଣା ଚାଦର ସବୁ
ତୋ' ସାଙ୍ଗେ ମଶାଣିକୁ ଗଲା
ତୁ ଶୋଇଥିବା ଏଆର ବେଡଟା
କେହି ଜଣେ ମାଗି ନେଇଗଲା ।

ବୋଉ ତୁ ଗଲାପରେ . . . .
ବନ୍ଧୁବାନ୍ଧବ ସାଙ୍ଗସାଥୀ ଆସିଲେ
ଆମ ଆଖିର ଲୁହକୁ ପୋଛି ଚାଲିଗଲେ
ଆମେ ସବୁ ବେଲିକିଆ ହାଣ୍ଡିରେ ଚାଉଳ ପକେଇଲୁ
ତେର ଦିନ ଯାଏଁ ହିନ୍ଦୁ ବିଧି ପାଳି
ତୋ'ର କ୍ରିୟାକର୍ମ କଲୁ ।

ବୋଉ ତୁ ଗଲାପରେ . . . .
ନଅଦିନଠାରୁ ତୋ' ଝିଅମାନେ କ୍ରିୟାକର୍ମ କଲେ
ଦଶଦିନ ଦଶତୁଠେ ତିଳତର୍ପଣ ବି ହେଲା
ସମସ୍ତେ ନୂଆ ଲୁଗା ପିନ୍ଧି
ପୋଖରୀରୁ ଧାଡି ବାନ୍ଧି ଘର ଯାଏଁ ଆସିଲେ
ଏଗାର କ୍ରିୟାରେ ଭୋଜିଭାତ ହେଲା
ବାର ଓ ତେରକ୍ରିୟା ସବୁ ସରିଗଲା
ନିମନ୍ତ୍ରିତ ବନ୍ଧୁ ଓ ବାନ୍ଧବ
ଯେ ଯା ଘରକୁ ଫେରି ଚାଲିଗଲେ ।

ବୋଉ ତୁ ଗଲାପରେ . . . . .
କିଛି ତ ବଦଳିଲାନି
ପୁଣି ଫେରିଗଲେ ସମସ୍ତେ ପୂର୍ବ ଅବସ୍ଥାକୁ
କାନ୍ଦି କାନ୍ଦି ଫୁଲିଥିବା ଆଖିଗୁଡ଼ାକ
ପୁଣି ସାଧାରଣ ହେଲା
ଦୁଃଖରେ ଥରୁଥିବା ଓଠଟା
ପୁଣିଥରେ ହସ ଫୋପାଡିଲା
ଏଇ ତ ମଣିଷ ଜନମ
କିଛିଦିନ ପରେ ଭୁଲିଯିବା
ଏଇ ବୋଧେ ସଂସାର ଜୀବନ !

ବୋଉ ତୁ ଗଲାପରେ . . . .
ଏବେ ବି ମୁଁ ଲୁଚେଇ କାନ୍ଦୁଛି
ତୋ' ପୁଅ ଡାକ ଏବେ ବି ମନେ ପଡୁଛି
ମୁଁ ରାଗିଗଲେ କେତେ ବୁଝେଇଛୁ
ଲୁଚେଇ ମତେ କେତେ ପଇସା ଦେଇଛୁ
ତୁ ପରା ମାଆ
ବିପଦ ଆପଦରେ ଏକ ମାତ୍ର ସାହା
ଆଉ ମିଳିବନି ମୋତେ ତୋ'ରି ପଣତ
ବୁଡ଼ିଗଲା ପରେ
ତୋ'ର ଜୀବନ ବୋଇତ
ଯେଉଁଠି ତୁ ଅଛୁ ଭଲରେ ଥାଆ
ଆମ ଉପରେ ଆଶୀର୍ବାଦ ଢ଼ାଳୁଥା'
ଆକୁଳରେ ଡାକୁଅଛି ଜଗତନାଥଙ୍କୁ
ତୋ' ଭଳି ମାଆ ମିଳୁ ଶତଜନମକୁ ।

ଆର୍ଯ୍ୟବର୍ତ୍ତ ଆନ୍ସିୟେଣ୍ଟ୍ ଏକାଡ଼େମୀ
ହଳଦିପଡ଼ା, ଖୋର୍ଦ୍ଧା

# ପ୍ରକୃତି କହୁଛି

**ସବିତା ଶୁକ୍ଳା**

ଇନ୍ଦ୍ରଧନୁକୁ ରଙ୍ଗ ମାଗିଲି
କହିଲା ମୋତେ ବୁଝାଇ,
ନିମିଷେ ମାତ୍ର ମୋ' ରଙ୍ଗ ରହେ
ଯାଏ ପୁଣି ଲିଭାଇ,
ତୋ'ଠାରେ ପରା କୀରତି ରଙ୍ଗ
ବୋଳିଛି ଜଗତ ସାଇଁ,
ସତ୍ୟ ଶାନ୍ତି ପ୍ରୀତି ମୈତ୍ରୀ ଦୟା
କ୍ଷମା ନମ୍ରରେ ହୁଅ ରଙ୍ଗେଇ ।୧ ।

ଜହ୍ନକୁ ମାଗିଲି ଶୀତଳତା ଦିଅ
କହିଲା ମୋତେ ବୁଝାଇ,
ସୂରୁଯ ପରି ହୁଅ ତେଜୀୟାନ
ଜଗତର ହିତ ପାଇଁ,
ପକ୍ଷେକ ଆଲୋକ ଦେଇ
ଆରପକ୍ଷ ଅନ୍ଧାରରେ ରହିଥାଇ,
ମାନବପଣରେ ତୋ' ଦିବ୍ୟ ଆଲୋକ
ନିରନ୍ତର ଥାଅ ଦେଇ ।୨ ।

କୋଇଲି ପଞ୍ଚମ ସ୍ୱର ମାଗିଲି
କହିଲା ମୋତେ ବୁଝାଇ,
ତୋ' ଓଠରେ ପରା ମଧୁର ବଚନ
ବିଧାତା ଅଛନ୍ତି ଦେଇ,
ବିଧି ବିଡ଼ମ୍ବନା କିଛି ଦିନ କିନା
ମୁଁ ନୀରବେ ରହିଥାଏ,
ମାତ୍ର ତୋ' ଅମୃତ ବଚନ କିଞ୍ଚିତ
ଶୁଣି ମନ ଭୁଲି ଯାଏ ।୩ ।

ସୁଗନ୍ଧରାଜକୁ ସୁଗନ୍ଧ ମାଗିଲି
କହିଲା ମୋତେ ବୁଝାଇ,
ଆଜି ଫୁଟିଅଛି କାଲି ମଉଳିବି
ସୁଗନ୍ଧ ଦେବି ହଜାଇ,
ବିଧାତା ତୋ' ହୃଦେ ସୁଗୁଣ ଭରିଛି
ସୁଗନ୍ଧ ବାଣ୍ଟିବା ପାଇଁ,
ଈର୍ଷା ଅସୂୟାକୁ ମନୁ ତେଜି ଦେଇ
ସୁବାସିତ ହୁଅ ତୁହି ।୪ ।

ରାକମା, ଭାପୁର, ନୟାଗଡ଼

# ସତ୍ୟର ସଂଜ୍ଞା (ପରିଭାଷା)

**ବିଦ୍ୟାଧର ରାଉତରାୟ**

ମିଛ ମାୟା ଭରା ସଂସାରମୟ ନକର ଏଠି କାହାକୁ ଭୟ,
ବେଳ ଥାଉ ହୁଅ ସତ୍ୟର ସାଥୀକଦାପି ନହବ ମୃତ୍ୟୁର ଭୟ ।
ସତ୍ୟର ସାଥୀ ଅର୍ଜୁନ ପରି ଲଢ଼ିଯା' ଏଠି ଦୁନିଆ ସହ,
ଲଢ଼ି ମରିଗଲେ ଦୁନିଆ ସହ ହିସାବ ହବ ଅତୀତ ସହ ।
ଭବିଷ୍ୟ ଗାଇବ ତୋ' ଗୁଣ ଗାନ ଥିବ ଯେତେ ଦିନ ସୂରୁଯ ଚନ୍ଦ୍ର,
ସ୍ୱର୍ଗପୁର ଯାଇ ଲଭିବୁ ଭୋଗ ଆସି କୋଳାଇବେ ସମ୍ରାଟ ଇନ୍ଦ୍ର ।
ସତ୍ୟର ସଙ୍ଗେ ପୁଣ୍ୟ ଅର୍ଜିଥିଲେ ମନୁଷ୍ୟ ଲଭେ ଅମର ବର ,
ସେ ପୁଣ୍ୟ ବଳେ ଜଗତ ଲେଖେ ନାମ ତା' ସ୍ୱର୍ଣ୍ଣ ଅକ୍ଷର ।
ସେ ଆମ୍ଭକ୍ଷ ଲଭେ ଜଗତ ପୁଣ୍ୟ ବସି ବୈକୁଣ୍ଠର ଧାମେ,
ଆସେ ପୁଣି ସାଜି ଅବତାର ହୋଇ ସତ୍ୟ ପାଇଁ କାଳକ୍ରମେ ।
ସତ୍ୟରକ୍ଷା ପାଇଁ ବଳି ପଡିଗଲେ ଦାନବ ସମ୍ରାଟ ବଳି,
ତଦନ୍ତେ ଲଭିଲେ ପାତାଳ ସମ୍ରାଟ ଗୁରୁସଙ୍ଗେ କରି କଳି ।
ସତ୍ୟର ସାଥୀ ଯିଏ ସାଜି ଥାଏ ସିଏ ହୁଏ ଜଗଜିତା,
ଯୁଗ ଯୁଗ ଧରି ତାଙ୍କ ନାମ ନେଇ ସଭିଏଁ ଦିଅନ୍ତି ଚେତା ।
ସତ୍ୟରକ୍ଷା ପାଇଁ ପ୍ରଭୁ ବିଜେ ପରା ନାନା ଅବତାର ଏଠି,
ଅବତାର ହୋଇ ଭକ୍ତ ସଙ୍ଗେ ରହି ରଚନ୍ତି ଲୀଳା ଏଠି ସେଠି ।
ମନ ଚୈଇତନ ସତ୍ୟ ହୋଇଗଲେ ସଦୟ ବୈକୁଣ୍ଠ ସାଇଁ,
ସତ୍ୟ ସନାତନ ହୃଦୟେ ବାନ୍ଧିଲେ କୋଳାନ୍ତି ଜଗତ ମାୟୀ ।

# ମଶାଣି

**ପ୍ରଦୀପ ନାୟକ**

ଏଇଠି ମିଳେ
ରଜା ଖଟୁଲି
ରାଣୀ କାଞ୍ଚୋଲି
ଭିକାରି ଝୁଲି
କାହା କଣ୍ଢେଇ
କାହା ଟୋକେଇ
ଛିଣ୍ଡା ମସିଣା
ଫଟାମାଠିଆ
ଗିନା ତାଟିଆ ।

ଏମିତି ଇଏ ବଟ ବୈକୁଣ୍ଠ
ଲୋଭ କି ମୋହ
ରାଗ କି ରିହ
ମାନ ଅଭିମାନ
ଈର୍ଷା କି ଦ୍ୱେଷ
ପଦବୀ ପ୍ରତିଷ୍ଠା
ସଭିଏଁ ଏଠି ତାହାରି ଚାଟ
ପଢନ୍ତି ଏଠି ଜୀବନ ପାଠ ।

ଏଇ ସେ ଘାଟ
ଜରା ପାଣି ପିଏ
ଯୌବନ ଗାଧାଏ
ଶୈଶବ ଆପଣା ମୁହଁ ଦେଖୁଥାଏ
ସରିଲେ ସଂସାର ହାଟ ।

ଏଇ ସେ ନିଆଁ
ସଂସାର ଅସାର
କହିଦେଉଥାଏ
ଧୂଆଁ ପରି ଯାହା
ଶୂନ୍ୟରେ ମିଳାଏ ।

ଏଇଠି ମିଳେ
ଜୀବନ ପାଉଣା
ଏଇଠି ପୁଣି
ଜୀବନ ବଇନା
ଥାଉ କୁଡିଆ ଅବା ଉଆସ
ଏଇତ ସବୁରି
ଶେଷ ଠିକଣା ।

ମୋ-୮୯୨୭୩୭୦୨୨୭



ଅହଂକାର ହେଉଛି ମନର ଚକ୍ଷୁରେ ପଡିଥିବା ପର । ତାହା ନ ହଟିଲେ ସ୍ପଷ୍ଟ ବିଚାର ସମ୍ଭବ ନୁହେଁ ।

*ଶିଶୁ କବିତା*

# ଉଡ଼ି ଉଡ଼ି ଯାଏ

ଡ. ଚପଳା ପଣ୍ଡା



ନାତିକୁ ପାଖରେ ବସାଇ ଜେଜେ ମା’
କହିଲେ ମାଧିଆ କହ,
ଆକାଶରେ ସବୁ କିଏ ଉଡ଼ିଥା’ନ୍ତି
ମନରେ ବିଚାରି ଥୁଅ।
ମାଧିଆ କହିଲା ଏ କଥାଟା ସତ
ପକ୍ଷୀଟି ଆକାଶେ ଉଡ଼େ,
ଆଉ ସବୁ କିଏ ଉଡ଼ିଥା’ନ୍ତି ଯାହା
ମୋତେ ତା’ ଅଜଣା ପଡ଼େ।
ଜେଜେ ମା’ ହସି କହିଲେ ଆଉଁସି
ଆକାଶରେ ଉଡ଼େ ଗୁଡ଼ି,
ବ୍ୟୋମଯାନ ପରା ଆକାଶେ ଉଡ଼ଇ
ଭୁଉଁ ଭୁଉଁ ଶବ୍ଦଛାଡ଼ି।
ହେଲିକ୍ୟାପ୍ଟର୍ ତ ଆକାଶେ ଉଡ଼ଇ
ଉଡ଼ଇ ଜାତୀୟ ଧ୍ୱଜା,
ମେଘଖଣ୍ଡ ପରା ଆକାଶେ ଉଡ଼ନ୍ତି
ଉଡ଼େ ଗୁଡ଼ି ଆଉ ମାଞ୍ଜା।

ଶୁଖିଲା ପତର, କାଠି, କୁଟା, ଜରି
ଉପରକୁ ଯାଇ ଉଡ଼େ,
ଦେଖୁନୁ ଜାଣୁନୁ ଏତେ ଗୁଡ଼େ କଥା
କହୁଛୁ ପକ୍ଷୀଟା ଉଡ଼େ।
ହସି ପଦେ କଥା କହିଲା ମାଧିଆ
ଉଡ଼ିଥା’ନ୍ତି ପକ୍ଷୀ ଏକା,
ଆଉ ସବୁ ଯାହା କହିଲ ଜେଜେ ମା’
ଉଡ଼ାଯାଇଥାଏ ପକ୍କା।
ମଣିଷ ହାତରେ ଉଡାଯାଇଥାଏ
ଉଡାଜାହାଜ ଓ ଗୁଡ଼ି,
ପବନ ଉଡ଼ାଏ ଜାତୀୟ ଧ୍ୱଜାକୁ
ଉଡ଼ି ଯାଏ ଜରି ଧଡ଼ି।

ମାଧିଆ କଥାକୁ ଶୁଣି ଜେଜେ ମା’
କହିଲେ ବିଚାରବନ୍ତ,
ଏଡ଼ିକି ବକଟେ ହୋଇକି କହିଲୁ
ମରମର କଥା ସତ।
ପକ୍ଷୀଏ କେବଳ ନିଜସ୍ୱ ଢଙ୍ଗରେ
ଉଡ଼ିଥା’ନ୍ତି ଆକାଶରେ,
ମଶା, ମାଛି, କଙ୍କି, ପରଜାପତି ଯେ
ଉଡ଼ିଥା’ନ୍ତି ଅଳ୍ପ ଦୂରେ।
ନିଜେ ଉଡ଼ିଯିବା ଆଉ ଉଡ଼ାଇବା
ନୁହେଁ କେବେ ଏକାପରି,
ବୁଦ୍ଧିକୁ ଖଟେଇ ବିଚାର କରିଲେ
ମାଧିଆ କଥାଟା ଭାରୀ।

ଶିକ୍ଷୟିତ୍ରୀ (ବୃତ୍ତି ନିବୃତ୍ତ)
ଖୋର୍ଦ୍ଧା

# ମୋ’ ଗାଁ

କାର୍ତ୍ତିକ ଚନ୍ଦ୍ର ରଥ

ସବୁଠୁ ସୁନ୍ଦର ଅତି ମନୋହର
ମୋ’ ଗାଁ ଜନମ ମାଟି।
ତା’ର ସବୁଜିମା ମନ୍ତ୍ରମୁଗ୍ଧ ସୀମା
ମନ ଆକର୍ଷଇ ନାଁ’ଟି।। (୧)

ପାହାନ୍ତା ଆସରେ ବିବିଧ ଖଚରେ
ଭଳିକିଭଳି ରଙ୍ଗେଲି।
କିଚିରି, ମିଚିରି କାଉଠୁ କୋଇଲି
ମଧୁର ସ୍ୱର କାକଳି।। (୨)

ଦେବାଳୟୁ ଘଣ୍ଟ ଶଙ୍ଖ ଶବ୍ଦ ଆସି
ସକାଳକୁ କରେ ଶୁଦ୍ଧ।
ମନ ପ୍ରଫୁଲ୍ଲିତ ଶୁଭି ସଙ୍ଗୀତ
ସତେକି ଶାନ୍ତିର ସୌଧ।। (୩)

ମିଶ୍ରେ ଅବଧାନ ନମଶନ୍ତି ଆନ
ପିଲାଙ୍କୁ ରଖି ଆକଟେ।
ତାଙ୍କ ବେତ ମାଡେ ହୁରି ଯେବେ ପଡେ
ପଢୁନୁ ଲେଖୁନୁ ମୋଟେ।। (୪)

ସକାଳ ମଳୟ କଲେ ମଧୁମୟ
ସୁନ୍ଦର ସଂସାର ଭାଇ।
ମୋ’ ଗାଁ ନାମ ଛବି ଭୁଲି କି ପାରିବି
ଭୂଗୋଳ ନଥିଲେ ନାଇଁ।। (୫)

ରଥ ଯାତରାକୁ ନୂଆଖାଇ ଆଉ
ପୌଷ ପୂର୍ଣ୍ଣମୀ ଆସର।
ରଜ ଦୋଳିରେ ମା’ ହାତଗଢା ପିଠା
ଆହା କି ଲାଗେ ମଧୁର।। (୬)

ଗାଁ ଆମ୍ବତୋଟା ବିଲ ନଦୀପଠା
ସବୁ ଲାଗଇ ସରସ।
ସାଙ୍ଗରେ ଏକାଠି ଖେଳି ବୁଲି ସେଠି
ମନେ ଜଗା ହରଷ।। (୭)

ଗାଇଆଳ ଗାଇ ଗୋଠ ଧରି ଧାଇଁ
ତାକିଦ କରିକି ଯାଏ।
ହମ୍ବା ରଡ଼ି ଶବ୍ଦେ ଦାଣ୍ଡ ଦୁଲୁକାଇ
ସକଳେ ସଞ୍ଜେ ହୁଡ଼ାଏ।। (୮)

ମୋ’ ଗାଁ ନିତି ଛବି ଅପାସୋରା ରହେ
ଛୋଟରୁ ବଡ ସମୟ।
ସବୁଠୁ ଆପଣା ମା’ ପରିକା ସେ
ସରାଗେ ସ୍ନେହ ନିଳୟ।। (୯)



ବିପଦ ତମକୁ ସତର୍କ ରହିବାକୁ ଶିଖାଏ, ଦୁଃଖ ତୁମକୁ ଟାଣ କରେ। ପ୍ରତିକୂଳ ଅବସ୍ଥା ତୁମକୁ ସମର୍ଥ କରେ।



# ଚେସ୍ ତାରକା ଗୁକେଶଙ୍କ କୃତିତ୍ୱ

**ଆଶିଷ କୁମାର ରାୟ**



ଗତ ଏପ୍ରିଲ ମାସରେ କାନାଡ଼ାର ଟରୋଣ୍ଟୋ ନଗରୀରେ ବିଶ୍ୱ ଚେସ୍ ଫେଡେରେସନ୍ ଦ୍ୱାରା ଆୟୋଜିତ ହୋଇଥିଲା ସମ୍ମାନଜନକ କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟ। ଓପନ୍ ବର୍ଗ ଓ ମହିଳା ବର୍ଗରେ ଆଠଜଣ ଲେଖାଏଁ ଖେଳାଳିଙ୍କୁ ନେଇ ଆୟୋଜିତ ପ୍ରତିଯୋଗିତା ଥିଲା ବେଶ୍ ପ୍ରତିଦ୍ୱନ୍ଦ୍ୱିତାମୂଳକ। ଏହା ହେବା ମଧ୍ୟ ସ୍ୱାଭାବିକ, କାରଣ ଏହି ଟୁର୍ଣ୍ଣାମେଣ୍ଟର ବିଜେତା ହିଁ ବିଶ୍ୱ ଚେସ୍ ଚାମ୍ପିଆନଙ୍କ ସହିତ ଚୂଡ଼ାନ୍ତ ମୁକାବିଲାରେ ଅବତୀର୍ଣ୍ଣ ହେବାର ସୁଯୋଗ ପାଇଥା'ନ୍ତି।

ଏଥର ଏହି ପ୍ରତିଯୋଗିତା ଆମ ଦେଶ ପାଇଁ ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୨୦୨୪ର ଏହି କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟର ଓପନ୍ ବିଭାଗରେ ଭାରତର ତିନିଜଣ ଚେସ୍ ତାରକା - ବିଦିତ୍ ଗୁଜରାଟୀ, ଆର. ପ୍ରଜ୍ଞାନନ୍ଦ ଏବଂ ଡି. ଗୁକେଶ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ମହିଳା ବିଭାଗରେ ଥିଲେ ଆମର ଦୁଇଜଣ ତାରକା - କୋନେରୁ ହମ୍ପି ଓ ଆର. ବୈଶାଳୀ। ଏହା ପୂର୍ବରୁ ଆମ ଦେଶର କେବଳ ଦୁଇଜଣ ଖେଳାଳି ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ଅଂଶଗ୍ରହଣର ସୁଯୋଗ ପାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଥିଲେ ପାଞ୍ଚଥରର ବିଶ୍ୱ ଚାମ୍ପିଆନ ବିଶ୍ୱନାଥନ ଆନନ୍ଦ ଏବଂ ଅନ୍ୟଜଣକ ଥିଲେ ମହିଳା ତାରକା କୋନେରୁ ହମ୍ପି। ସେହି ଦୃଷ୍ଟିରୁ ଏଥର ଆମ ଦେଶର ପାଞ୍ଚଜଣ ଖେଳାଳି ବିଶ୍ୱ ଚେସ୍ ଚାମ୍ପିଆନସିପର ପୂର୍ବ ମୁକାବିଲାରେ ଅଂଶଗ୍ରହଣ କରିବା ଥିଲା ଭାରତୀୟ ଚେସ୍ ପାଇଁ ବଡ଼ ସଫଳତା।

ତେବେ ସଫଳତା ଏତିକିରେ ସୀମିତ ହୋଇ ରହିଲା ନାହିଁ। ମହିଳା ବିଭାଗରେ ଚାମ୍ପିଆନ ହୋଇଥିବା ଚୀନର ଟାନ୍ ଝୋଙ୍ଗୟିଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହି କୋନେରୁ ହମ୍ପି ରୌପ୍ୟପଦକ ହାସଲ କରିଥିଲେ। ଆର. ବୈଶାଳୀ ମଧ୍ୟ କୋନେରୁ ହମ୍ପି ଓ ଚୀନର ଲେଇ ତିଙ୍ଗଜିଏଙ୍କ ସହିତ ସମାନ ୭.୫ ପଏଣ୍ଟ ପାଇଥିଲେ ହେଁ ତାଙ୍କୁ ଚତୁର୍ଥ ସ୍ଥାନ ମିଳିଥିଲା। ଓପନ୍ ବିଭାଗରେ କିନ୍ତୁ ଭାରତକୁ ମିଳିଥିଲା ବିରାଟ ସଫଳତା। ଚଉଦ ରାଉଣ୍ଡ ବିଶିଷ୍ଟ ମୁକାବିଲାରୁ ଭାରତର ଡି. ଗୁକେଶ ସର୍ବାଧିକ ୯ ପଏଣ୍ଟ ହାସଲ କରି ଏହି ପ୍ରତିଯୋଗିତାକୁ ଜିତିନେଲେ। ତାଙ୍କଠାରୁ ୦.୫ ପଏଣ୍ଟ ପଛରେ ରହି ଯୁକ୍ତରାଷ୍ଟ୍ର ଆମେରିକାର ହିକାରୁ ନାକାମୁରା ଓ ରୁଷର ଇଆନ୍ ନେପୋମ୍ନିଆଚି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଲାଭ କରିଥିବା ବେଳେ ସମାନ ୮.୫ ପଏଣ୍ଟ ସହିତ ଆମେରିକାର ଅନ୍ୟ ଜଣେ ତାରକା ଫାବିୟାନୋ କାରୁଆନା ରହିଥିଲେ ଚତୁର୍ଥ ସ୍ଥାନରେ। ଭାରତର ଅନ୍ୟ ଦୁଇ ଖେଳାଳି ଆର. ପ୍ରଜ୍ଞାନନ୍ଦ ଓ ବିଦିତ୍ ଗୁଜରାଟୀ ଯଥାକ୍ରମେ ପଞ୍ଚମ ଓ ଷଷ୍ଠ ସ୍ଥାନ ଲାଭ କରିଥିଲେ। ତେବେ ସେ ଯାହା ହେଉନା କାହିଁକି ଏହି ପ୍ରତିଯୋଗିତାରେ ବିଜୟୀ ହୋଇ ୧୭ ବର୍ଷୀୟ ବାଳକ ଡି. ଗୁକେଶ ଯେ ଏକ ନୂଆ ଇତିହାସ ସୃଷ୍ଟି କରିଛନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ।

୨୯ ମେ ୨୦୦୬ରେ ଚେନ୍ନାଇଠାରେ ଏକ ତେଲୁଗୁ ଭାଷୀ ପରିବାରରେ ଡୋମ୍ମାରାଜୁ ଗୁକେଶଙ୍କ ଜନ୍ମ। ତାଙ୍କ ପିତା ଡି. ରଜନୀକାନ୍ତ ଜଣେ ଡାକ୍ତର ଓ ମାତା ପଦ୍ମା ହେଉଛନ୍ତି ଜଣେ ମାଇକ୍ରୋ ବାୟୋଲୋଜିଷ୍ଟ। ସେମାନଙ୍କ ଇଚ୍ଛା ଥିଲା ଯେ ତାଙ୍କ ପୁଅ ବହୁତ ପାଠ ପଢ଼ି ସେହିଭଳି କୌଣସି ଉଚ୍ଚ ପଦପଦବୀ ହାସଲ କରୁ। ଗୁକେଶ କିନ୍ତୁ ପିଲାଟି ଦିନରୁ ଚେସ୍ ଖେଳ ପ୍ରତି ଅଗ୍ରହ ଦେଖାଇଲେ। ମାତ୍ର ପାଞ୍ଚବର୍ଷରୁ ଏହି ଖେଳ ଆରମ୍ଭ କରି ଖୁବ୍ ଶୀଘ୍ର ଏଥିରେ ପ୍ରବୀଣ ହେବାକୁ ଲାଗିଲେ। ୭ ବର୍ଷ ବୟସରୁ ଦେଶରେ ଆୟୋଜିତ ହେଉଥିବା ବିଭିନ୍ନ ଆୟୁ ବର୍ଗର ପ୍ରତିଯୋଗିତାରେ ମଧ୍ୟ ଅଂଶଗ୍ରହଣ କରିବା ଆରମ୍ଭ କରିଦେଲେ। ପିତା ନିଜର କାର୍ଯ୍ୟ ଛାଡ଼ି ପୁତ୍ର ଗୁକେଶଙ୍କୁ ନେଇ ଯାଉଥିଲେ ବିଭିନ୍ନ ସ୍ଥାନକୁ। ପରବର୍ତ୍ତୀ ସମୟରେ ବିଷ୍ଣୁ ପ୍ରସନ୍ନାଙ୍କଠାରୁ ଏବଂ ଭାରତୀୟ ଯୁବ ଦଳର ସଦସ୍ୟ ହେବା ପରେ ଆର.ବି. ରମେଶଙ୍କଠାରୁ ପ୍ରଶିକ୍ଷଣ ପ୍ରାପ୍ତ କରି ନିଜ ଚେସ୍ କ୍ୟାରିୟରକୁ ସେ ଏକ ନୂଆ ମୋଡ଼ ଦେଇଛନ୍ତି। ୨୦୨୦ରୁ କିନ୍ତୁ ସେ ବିଶ୍ୱନାଥନ ଆନନ୍ଦଙ୍କ ଦ୍ୱାରା ସ୍ଥାପିତ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି।

ଭାରତର ଚେସ୍ ରାଜଧାନୀ ଭାବେ ପରିଚିତ ଚେନ୍ନାଇରୁ ନିଜର ଯାତ୍ରା ଆରମ୍ଭ କରିଥିବା ଗୁକେଶ ମାର୍ଚ୍ଚ-୨୦୧୮ରେ ମାତ୍ର ୧୧ ବର୍ଷ ବୟସରେ ହାସଲ କରିଥିଲେ ଇଣ୍ଟରନ୍ୟାସନାଲ ମାଷ୍ଟର ଟାଇଟେଲ୍। ଏହାପରେ ମାତ୍ର ଗୋଟିଏ ବର୍ଷ ମଧ୍ୟରେ ସେ ମର୍ଯ୍ୟାଦାଜନକ ଗ୍ରାଣ୍ଡମାଷ୍ଟର ଉପାଧି ପ୍ରାପ୍ତ କରିନେଲେ। ଜାନୁଆରୀ ୨୦୧୯ରେ ଗ୍ରାଣ୍ଡମାଷ୍ଟର ହେବା ସମୟରେ ଗୁକେଶ ଥିଲେ ମାତ୍ର ୧୨ବର୍ଷ ୭ମାସ ୧୭ଦିନର ବାଳକ। ସେତେବେଳେ ସେ ଭାରତର ସର୍ବ କନିଷ୍ଠ ଓ ବିଶ୍ୱର ଦ୍ୱିତୀୟ କନିଷ୍ଠ ଗ୍ରାଣ୍ଡମାଷ୍ଟର ହେବାର ଗୌରବ ହାସଲ କରିଥିଲେ। ଚେନ୍ନାଇରେ ଜନ୍ମିତ ଭାରତର ଅନ୍ୟତମ ଚେସ୍ ପ୍ରତିଭା ରମେଶବାବୁ ପ୍ରଜ୍ଞାନନ୍ଦ ଜୁନ୍-୨୦୧୮ରେ ୧୨ବର୍ଷ ୧୦ମାସ ୧୩ଦିନର ହୋଇଥିବା ସମୟରେ ଭାରତର ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟର ଟାଇଟେଲ୍ ହାସଲ କରିବାର ଯେଉଁ ରେକର୍ଡ ପ୍ରତିଷ୍ଠା କରିଥିଲେ ତାହା ଗୁକେଶଙ୍କ ଦ୍ୱାରା ଧ୍ୱସ୍ତ ହୋଇଗଲା। ଏତଦ୍ବ୍ୟତୀତ ଗୁକେଶ ସେସମୟରେ ଥିଲେ ସର୍ଗେଇ କାର୍ଯ୍ୟାକିନ୍ଙ୍କ ପଛକୁ ବିଶ୍ୱର ଦ୍ୱିତୀୟ କନିଷ୍ଠ ଗ୍ରାଣ୍ଡମାଷ୍ଟର। ୟୁକ୍ରେନରେ ଜନ୍ମିତ ସର୍ଗେଇ କାର୍ଯ୍ୟାକିନ୍ ଅଗଷ୍ଟ ୨୦୦୨ରେ ୧୨ବର୍ଷ ୭ମାସରେ ଗ୍ରାଣ୍ଡମାଷ୍ଟର ଉପାଧି ହାସଲ କରିଥିଲେ। ତେବେ ଜୁଲାଇ-୨୦୨୧ରେ ଭାରତୀୟ ବଂଶୋଦ୍ଭବ ଆମେରିକୀୟ ପ୍ରତିଭା ଅଭିମନ୍ୟୁ ମିଶ୍ରା ୧୨ବର୍ଷ ୪ମାସ ଓ ୨୫ଦିନରେ ଗ୍ରାଣ୍ଡମାଷ୍ଟର ବନିଯିବାରୁ ଗୁକେଶ ଏ ଦିଗରେ ତୃତୀୟ ସର୍ବକନିଷ୍ଠ ହୋଇଯାଇଛନ୍ତି।

ତେବେ ଯାହା ହେଉନା କାହିଁକି, ନିଜର ଏହି କିଛି ବର୍ଷର ଚେସ୍ ଯାତ୍ରାରେ ଗୁକେଶ ଯେଉଁ ଭଳି ସଫଳତା ହାସଲ କରିଛନ୍ତି, ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ । ମାତ୍ର ୧୭ ବର୍ଷରେ ବିଶ୍ୱର ସର୍ବକନିଷ୍ଠ ଖେଳାଳି ଭାବେ ୨୭୫୦ର ଏଲୋ ରେଟିଂ ହାସଲ କରିବା ସହିତ ସେ ଏବେ କ୍ୟାଣ୍ଡିଡେଟ୍ସ ଚେସ୍‌ରେ ଚାମ୍ପିଆନ ହେବାର ଗୌରବ ଅର୍ଜନ କରିଛନ୍ତି । ୪୦ ବର୍ଷ ତଳେ ତତ୍କାଳୀନ ସୋଭିଏତ୍ ରୁଷର ତାରକା ଗ୍ୟାରୀ କାସ୍ପାରୋଭ ୨୨ ବର୍ଷ ବୟସରେ କ୍ୟାଣ୍ଡିଡେଟ୍ସ ପ୍ରତିଯୋଗିତା ଜିତିବାର ଯେଉଁ ରେକର୍ଡ ପ୍ରତିଷ୍ଠା କରିଥିଲେ ତାହା ଏବେ ଗୁକେଶଙ୍କ ଦ୍ୱାରା ଧ୍ୱସ୍ତ ହୋଇଛି । ଟରୋଣ୍ଟୋଠାରେ ଅନୁଷ୍ଠିତ ୨୦୨୪ର କ୍ୟାଣ୍ଡିଡେଟ୍ସ ଚେସ୍‌ରେ ସେ ୫ଟି ବିଜୟ ହାସଲ କରିବା ସହିତ ୮ଟି ଗେମ୍‌କୁ ଅମୀମାଂସିତ ରଖି ମୋଟ ୯ ପଏଣ୍ଟ ସହିତ ଶୀର୍ଷ ସ୍ଥାନ ହାସଲ କରିଥିଲେ ।

ଏହି ପ୍ରତିଯୋଗିତାରେ ଗୁକେଶ ଆଜରବାଇଜାନର ନିଜାତ୍ ଆବାସୋଭଙ୍କ ବିରୁଦ୍ଧରେ ଦୁଇଟି ବିଜୟ ଲାଭ କରିଥିବା ବେଳେ ଅନ୍ୟ ତିନିଟି ବିଜୟ ମିଳିଥିଲା ପ୍ରଜ୍ଞାନନ୍ଦ, ଗୁଜରାଟୀ ତଥା ଇରାନ୍‌ରେ ଜନ୍ମିତ ଫ୍ରାନ୍ସର ନାଗରିକ ଆଲିରେଜା ଫିରୋଜିୟାଙ୍କ ବିରୁଦ୍ଧରେ । ଏହି ଟୁର୍ଣ୍ଣାମେଣ୍ଟରେ ତାଙ୍କୁ ଏକମାତ୍ର ପରାଜୟ ଫିରୋଜିୟାଙ୍କଠାରୁ ହିଁ ମିଳିଥିଲା । ସପ୍ତମ ରାଉଣ୍ଡରେ ମିଳିଥିବା ଏହି ପରାଜୟ ପରେ ଗୁକେଶ ଯେଉଁଭଳି ପ୍ରଦର୍ଶନ କରି ଚାମ୍ପିଆନ ହେଲେ ତାହା ନିଶ୍ଚିତ ଭାବେ ସ୍ମରଣୀୟ ହୋଇ ରହିବ । ବିଶେଷ କରି ଦ୍ୱାଦଶ ରାଉଣ୍ଡରେ ନିଜାତ୍‌ଙ୍କ ବିରୁଦ୍ଧରେ ଏବଂ ତ୍ରୟୋଦଶ ରାଉଣ୍ଡରେ ଫିରୋଜିୟାଙ୍କ ବିରୁଦ୍ଧରେ ବିଜୟ ହାସଲ କରି ସେ ଚାଲି ଆସିଥିଲେ ଶୀର୍ଷ ସ୍ଥାନକୁ । ଅନ୍ତିମ ରାଉଣ୍ଡରେ ଗୁକେଶଙ୍କ ମୁକାବିଲା ଅମୀମାଂସିତ ରହିଥିଲା ହିକାରୁ ନାକାମୁରାଙ୍କ ସହିତ । ଅନ୍ୟଦିଗରେ ଇଆନ୍ ନେପୋମ୍ନିଆଚି ଓ ଫାବିୟାନୋ କାରୁଆନାଙ୍କ ମଧ୍ୟରେ ୬ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଥିବା ପ୍ରତିଦ୍ୱନ୍ଦିତା ଅମୀମାଂସିତ ରହିବାରୁ ଗୁକେଶ ଚାମ୍ପିଆନ ବନିଗଲେ ।

ଏହି ପ୍ରତିଯୋଗିତାରେ ଗୁକେଶ ଥିଲେ ସମସ୍ତଙ୍କଠାରୁ ବୟସରେ ସାନ ଏବଂ ପରିଶେଷରେ ସେ ହିଁ ବିଜୟୀ ହୋଇ ବିଶ୍ୱ ଚେସ୍ ଚାମ୍ପିଆନଶିପର ଚାଲେଞ୍ଜର ଭାବେ ସାମନାକୁ ଆସିଛନ୍ତି । ଆଉ କିଛିମାସ ପରେ ଆୟୋଜିତ ହେବାକୁ ଯାଉଥିବା ବିଶ୍ୱ ଚେସ୍ ଚାମ୍ପିଆନସିପ୍‌ରେ ଗୁକେଶ ମୁହାଁମୁହିଁ ହେବେ ବର୍ତ୍ତମାନର ଚାମ୍ପିଆନ ଚୀନ୍‌ର ଡିଙ୍ଗ୍ ଲିରେନ୍‌ଙ୍କ ସହିତ ଏବଂ ଗୁକେଶ ଯଦି ଏଥିରେ ବିଜୟୀ ହୁଅନ୍ତି ତେବେ ବିଶ୍ୱନାଥନ ଆନନ୍ଦଙ୍କ ପରେ ସେ ହେବେ ଚେସ୍ ଜଗତରେ ଭାରତର ଦ୍ୱିତୀୟ ବିଶ୍ୱବିଜେତା ।

ମୋ - ୯୪୩୭୬୨୭୫୧୪

# ସୁନାରଙ୍ଗର ବିରାଡ଼ି



**ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର**

ପୃଥିବୀରେ ବହୁ ପ୍ରକାରର ଓ ବିଭିନ୍ନ ରଙ୍ଗ ବେରଙ୍ଗର ଜୀବଜନ୍ତୁ ବାସ କରନ୍ତି । ଆମ ଭାରତର ହିମାଳୟ ଅଞ୍ଚଳର ସିକିମ୍, ଆସାମ, ନେପାଳ ଏବଂ ଭାରତ ବାହାରେ ମିଆଁମାର, ସୁମିତ୍ରା, ଚିନ୍ ଆଦି ଦେଶରେ ଏକ ପ୍ରକାରର ସୁନା ରଙ୍ଗର ବିରାଡ଼ି ଦେଖାଯାଆନ୍ତି । ଏହି ସୁନ୍ଦର ପ୍ରାଣୀକୁ ଇଂରାଜୀରେ Golden Cat ଏବଂ ଏମାନଙ୍କର ନାମ ହେଉଛି Felis Temminck । ପୃଥିବୀରେ ପ୍ରାୟ ଏବେ ୩ ଗୋଟି ପ୍ରଜାତିର ସୁନେଲୀ ବିରାଡ଼ି ଦେଖାଯାଆନ୍ତି । କିନ୍ତୁ ଆମ ଦେଶ ଭାରତରେ ଯେଉଁ ପ୍ରଜାତିର ବିରାଡ଼ି ଅଛନ୍ତି ତାହା ବହୁତ ସୁନ୍ଦର ଅଟନ୍ତି । ବିଶେଷକରି ଘଞ୍ଚ ଜଙ୍ଗଲ ପରିବେଶରେ ଏମାନେ ବାସ କରିଥାନ୍ତି । ଜଙ୍ଗଲ ମଧ୍ୟରେ ଏମାନେ ବିଚରଣ କରୁଥିବାବେଳେ ସୂର୍ଯ୍ୟକିରଣ ପଡିଲେ ଚିକ୍ ଚିକ୍ କରେ । ତେଣୁ ଏମାନଙ୍କୁ ସୁନେଲୀ ବିରାଡ଼ି ଭାବେ ପ୍ରାଣୀବିଜ୍ଞାନୀମାନେ ନାମିତ କରିଛନ୍ତି ।

ଏମାନଙ୍କର ଶରୀରର ଦୈର୍ଘ୍ୟ ୧୨୦ ସେ.ମି. ଓ ଲାଞ୍ଜର ଦୈର୍ଘ୍ୟ ପ୍ରାୟ ୫୬ ସେ.ମି. । ଓଜନ ପ୍ରାୟ ୯ ରୁ ୧୬ କି.ଗ୍ରା ଅଟେ । ଏମାନଙ୍କର ଦେହର ରଙ୍ଗ ସୁନେଲୀ ବାଦାମୀ । ଖରାଦିନରେ ଯେତେବେଳେ ଦେହର ଲୋମଗୁଡ଼ିକ ଛୋଟ ଏବଂ ଚିକ୍‌କଣ ଥାଏ ସେତେବେଳେ ଦେହରେ କିଛି ଛାପ ଛାପ ଚିହ୍ନ ଦେଖାଯାଏ । ଆଖିଠାରୁ ବେକ ଆଡକୁ ଦୁଇଟି କଳା ସାମନ୍ତରାଳ ଅଙ୍କବଙ୍କା ଗାର ଥିବା ଧଳା ଦାଗ ଦେଖାଯାଏ ।

ଚିରହରିତ ଜଙ୍ଗଲ, ଘଞ୍ଚ ଜଙ୍ଗଲ ଓ ବୁଦୁବୁଦିଆ ଜଙ୍ଗଲରେ ବସିଛନ୍ତି । ଏମାନେ ମୂଷା ଓ ଛୋଟ ଛୋଟ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ମାରି ଖାଇଥାନ୍ତି । ଏମାନଙ୍କର ଗର୍ଭଧାରଣ ସମୟ ୮୦ ଦିନ ଓ ଥରିକେ ୧ ରୁ ୨ ପର୍ଯ୍ୟନ୍ତ ଶାବକ ଜନ୍ମ ନେଇଥାନ୍ତି । ବିଶେଷକରି ଏପ୍ରିଲ ମାସରେ ଶାବକ ପ୍ରସବ କରିଥାନ୍ତି । ଏମାନଙ୍କର ଜୀବନ କାଳ ପ୍ରାୟ ୧୭ ବର୍ଷ । ଏହି ପ୍ରାଣୀମାନେ ଗଛରେ ଚଢି ପାରନ୍ତି ଏବଂ ପାଣିରେ ମଧ୍ୟ ପହଁରି ପାରନ୍ତି । ପୃଥିବୀ ଏହି ବୈଚିତ୍ର ଜୀବ ଉପରେ ବିଶେଷକରି ଗବେଷଣା କରାଯାଇନି । ତେଣୁ ଏମାନଙ୍କର ଜୀବନ ଯାପନ ପ୍ରଣାଳୀ ସମ୍ପର୍କରେ ବେଶି କିଛି ତଥ୍ୟ ନାହିଁ । ଏହି ପରିଶେଷରେ ଏମାନଙ୍କ ସୁରକ୍ଷା ଓ ବଂଶ ବିସ୍ତାର ପାଇଁ ପଦକ୍ଷେପ ନେବା ଆବଶ୍ୟକ ।

**ବାଙ୍କି କଲେଜ ରୋଡ୍, କଟକ**
**ମୋ-୮୨୪୯୭୯୨୮୧୦**




ପ୍ରାର୍ଥନାରେ ଭାଗ୍ୟ ବଦଳେନାହିଁ, ତହିଁରୁ କେବଳ ଦୁର୍ଭାଗ୍ୟକୁ ମୁକାବିଲା କରିବାର ଶକ୍ତି ମିଳେ ।

# ବିଜ୍ଞାନ ବିଚିତ୍ରା

ଡକ୍ଟର ପ୍ରେମଚାନ୍ଦ ମହାନ୍ତି



**ବେଲ୍ସ ପାଲ୍ସି ବା ମୁଖ ପକ୍ଷାଘାତ –** ପୁଷ୍ପା ନାମକ ମଲଟିନେସନାଲ କମ୍ପାନୀରେ କାମ କରୁଥିବା ଝିଅଟିଏ। ଶାନ୍ତ, ବୁଦ୍ଧିମତୀ ତଥା ନିଜ କ୍ୟାରିଅର ପ୍ରତି ଅତି ସଚେତନ ଝିଅଟି ସର୍ବଦା ନିଜ କାର୍ଯ୍ୟରେ ବ୍ୟସ୍ତ ଓ ପାରଙ୍ଗମ ଥାଇ ସମସ୍ତଙ୍କ ମନ ଜିଣି ନେଉଥାଏ। ଥରେ ନିଜ କାମ ସାରିବା ପାଇଁ ସାରା ରାତି ଅନିଦ୍ରା ରହି ଭୋର ବେଳକୁ କାମ ସାରି ଶୋଇବାକୁ ଗଲା। ପରଦିନ ଅଫିସ ଆସିଲା ପରେ ତାଙ୍କ ଅଫିସର ପୁଷ୍ପାଙ୍କ କାମ ପାଇଁ ବାହାବା ଦେଲା ପରେ ହଠାତ ଲକ୍ଷ୍ୟ କଲେ ଯେ ଝିଅଟିର ମୁହଁର ବାମ ପାର୍ଶ୍ୱଟି ତଳ ପଟକୁ ଝୁଲି ଆସିଛି। ତାଙ୍କୁ ହସ୍ପିଟାଲ ନେଲା ପରେ ଡାକ୍ତର ତାଙ୍କୁ 'ବେଲ୍ସ ପାଲ୍ସି' ହୋଇଥିବା କଥା କହିଲେ। ମାଂସପେଶୀରେ ହଠାତ ଦୁର୍ବଳତା ଆସି ଏପରି ହୋଇଥିବା କଥା ସେ ପ୍ରକାଶ କଲେ। ଯଦି ମୁହଁରେ ଥିବା ସ୍ନାୟୁ ଫୁଲିଯାଏ କିମ୍ବା ଜ୍ୱଳନ ଅନୁଭବ ହୁଏ କିମ୍ବା ହର୍ପିସ ସିମ୍ପ୍ଲେକ୍ସ ନାମକ ଭୂତାଣୁ ଦ୍ୱାରା ସଂକ୍ରମିତ ହେଲେ ଏପରି ହୋଇଥାଏ ବୋଲି ଊନବିଂଶ ଶତାବ୍ଦୀରେ ସ୍କଟଲାଣ୍ଡର ଜନୈକ ସର୍ଜନ ସାର ଚାର୍ଲସ ବେଲ କହିଥିଲେ। ତାଙ୍କ ନାମାନୁସାରେ ଏହାକୁ ବେଲ୍ସ ପାଲ୍ସି ବୋଲି କୁହାଯାଏ। ଉପରୋକ୍ତ ଭୂତାଣୁ ଦ୍ୱାରା ଥଣ୍ଡା ଜନିତ ଘା, ମଧ୍ୟ କର୍ଣ୍ଣ ସଂକ୍ରମଣ, ଫ୍ଲୁ ଓ ଶ୍ୱାସଜନିତ ରୋଗ ହୋଇଥାଏ। ଆମ ମୁହଁରେ ଥିବା ଫେସିଆଲ ନର୍ଭ ମସ୍ତିଷ୍କର ଭିତର ପଟେ ଥିବା ଅସ୍ଥିର ଏକ ନଳୀ ମଧ୍ୟଦେଇ କାନ ଭିତର ଦେଇ ଦୁଇ ଗାଲର ମାଂସପେଶୀ ମଧ୍ୟକୁ ଯାଇଥାଏ। କାନ ପାଖରେ ପହଞ୍ଚିଲା ପରେ ଏହା ଭାଗ ଭାଗ ହୋଇଯାଇ ହସିବା, ଗାଲର ଗତି କିମ୍ବା ଅନ୍ୟ କ୍ରିୟା ସଂପାଦନାରେ ସହାୟତା କରିଥାଏ। ଏହାଛଡା ଲୋତକ ଗ୍ରନ୍ଥୀ ଓ ଲାଳ ଗ୍ରନ୍ଥୀ ସହିତ ମଧ୍ୟ ଏହା ସଂଯୁକ୍ତ ହୋଇଥାଏ। କାନରେ ଥିବା ଷ୍ଟେପ୍ସ ନାମକ ହାଡ ସହିତ ବି ଏହା ଯୋଡି ହୋଇଥାଏ। ଏହି ରୋଗ ହେଲେ ମସ୍ତିଷ୍କ ପଠାଉଥିବା ବାର୍ତ୍ତା ସବୁକୁ ସମ୍ପାଦନା କରିପାରେ ନାହିଁ। ସାଧାରଣତଃ ଏହା ଅଧିକାଂଶ କ୍ଷେତ୍ରରେ ଗୋଟିଏ ପଟ ମୁହଁରେ ଦେଖା ଦେଇଥାଏ।



**ଲକ୍ଷଣ –** ବିଭିନ୍ନ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହି ରୋଗର ଲକ୍ଷଣ ଭିନ୍ନ ଭିନ୍ନ ହୋଇଥାଏ। କିନ୍ତୁ ଅଧିକାଂଶ କ୍ଷେତ୍ରରେ ମୁହଁ ଗୋଟିଏ ପଟକୁ ଝୁଲି ପଡିବା ଓ ସେ ପଟର ଆଖିପତା ବନ୍ଦ କିମ୍ବା ଖୋଲି ନହେବା ଦେଖାଯାଏ। ଏଥିପାଇଁ ବ୍ୟସ୍ତ ନହୋଇ ଚିକିତ୍ସା କଲେ ଏକ ବା ଦୁଇ ସପ୍ତାହ ମଧ୍ୟରେ ରୋଗୀଟି ରୋଗମୁକ୍ତ ହୋଇଥାଏ। ଏହାର ଅନ୍ୟ ଲକ୍ଷଣଗୁଡିକ ହେଲା ମୁଣ୍ଡ ବିନ୍ଧିବା, ପାଟିରୁ ଲାଳ ଗଡିବା, ଖାଦ୍ୟ ଓ ପାନୀୟ ନେବାରେ ଅସୁବିଧା ଅନୁଭବ କରିବା, ହସି କିମ୍ବା ଭଲଭାବେ କଥା କହି ନପାରିବା, ପାଟି ଏବଂ ଆଖି ଶୁଖିଯିବା, ମାଂସପେଶୀ ସଙ୍କୁଚିତ କିମ୍ବା ପ୍ରସାରିତ ହୋଇ ନପାରିବା ଇତ୍ୟାଦି। ଏପରି କୌଣସି ବି ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶାନୁଯାୟୀ ଚିକିତ୍ସା ଆରମ୍ଭ କରନ୍ତୁ, ନହେଲେ ଆଖି ଅତ୍ୟଧିକ ଶୁଖିଯାଇ ସଂକ୍ରମିତ ହେବା ସହ ଏହି ରୋଗ ଅନ୍ୟ ଉପସର୍ଗକୁ ବି ଜନ୍ମ ଦେଇପାରେ। ଫେସିଆଲ ନର୍ଭ ଥରେ କ୍ଷତିଗ୍ରସ୍ତ ହେଲାପରେ ପୁନରୁଦ୍ଧାର ହେବା କଷ୍ଟକର ହୋଇଯାଏ।

**ଚିହ୍ନଟ ଓ ଚିକିତ୍ସା –** ଏହି ରୋଗର ଚିକିତ୍ସା ରୋଗୀର ଅବସ୍ଥା ଓ ଜଟିଳତା ଉପରେ ନିର୍ଭର କରିଥାଏ। ଏଥିପାଇଁ ଅନେକ ଗୁଡିଏ ପରୀକ୍ଷା ଯଥା ଏମଆରଆଇ, ସିଟି ସ୍କାନ ଓ କେତେକ ରକ୍ତ ପରୀକ୍ଷଣର ଆବଶ୍ୟକତା ପଡିଥାଏ। ଔଷଧ ସହିତ ମୁହଁର କେତେକ ବ୍ୟାୟାମ ଏଥିପାଇଁ ଦରକାର ପଡିଥାଏ ଯେପରିକି ଆଖିପତାକୁ ଧୀରେ ଧୀରେ ଉପରକୁ ଟେକି ତା'ର ସ୍ଥିତାବସ୍ଥା ବଜାୟ ରଖନ୍ତୁ। ଏଥିପାଇଁ ଆପଣଙ୍କ ହାତର ସହାୟତା ନେଇପାରନ୍ତି। ମୁଣ୍ଡର କପାଳ ଅଂଶକୁ ପ୍ରସାରିତ କରନ୍ତୁ ଯେପରି ସେଠାରେ କୁଞ୍ଚନ ସୃଷ୍ଟି ହେବ। ଏହି ଅବସ୍ଥାରେ ଦୁଇ ଆଖିପତାକୁ କପାଳ ମଧ୍ୟଭାଗକୁ ଆଣିବାକୁ ଚେଷ୍ଟା କରନ୍ତୁ। ଗୋଟିଏ ଦୀର୍ଘଶ୍ୱାସ ନେଲାପରେ ନାକପୁଡାକୁ ପ୍ରସାରିତ କରି ନିଶ୍ୱାସ ତ୍ୟାଗ କରନ୍ତୁ। ଦୁଇପଟ ଓଠ ମେଲା କରି ଉଭୟ ପଟେ ହସିବାକୁ ଚେଷ୍ଟା କରନ୍ତୁ ଓ ଏହାକୁ କିଛି ସମୟ ଧରି ରଖନ୍ତୁ। ସ୍ୱାଭାବିକ ରୂପେ ନହେଲେ ନିଜ ହାତ ସାହାଯ୍ୟରେ ଓଠକୁ ଦୁଇପଟକୁ ବଙ୍କା କରି ଝୁଲାଇ ରଖିବାକୁ ପ୍ରୟାସ କରନ୍ତୁ। ପାଟି ବନ୍ଦ ରଖି ତା' ଭିତରେ ବାୟୁକୁ ରଖି ବେଲୁନ ଭଳି ଫୁଲାଇ ଗୋଟିଏ ପରେ ଗୋଟିଏ ଉଭୟ ଗାଲ ପଟକୁ ନିଅନ୍ତୁ। ସୂର୍ଯ୍ୟକିରଣକୁ ଦେଖିଲା ବେଳେ ଯେପରି ଆଖିକୁ ଛୋଟ କରନ୍ତି ସେହିପରି କରିବାକୁ ଚେଷ୍ଟା କରନ୍ତୁ। ପ୍ରଭାବିତ ଆଖିକୁ ନିଜ ଆଙ୍ଗୁଠିରେ ଚାପି ରଖି ସେପଟର ଆଖିପତାକୁ ଅନ୍ୟ ହାତ ଆଙ୍ଗୁଠିରେ ଉପର ତଳ କରିବାକୁ ଚେଷ୍ଟା କରନ୍ତୁ। ଏପରି ହସିବାକୁ ଚେଷ୍ଟା କରନ୍ତୁ ଯେପରିକି ଦାନ୍ତ ବାହାରକୁ ଦିଶିବନି। ଏହି ସମୟରେ କେତେକ ସାବଧାନତା ମାନିବା ଜରୁରୀ। ଯେପରିକି ଆଖିରେଦୁଇରୁ ତିନିଥର ବ୍ରସ କରନ୍ତୁ। କେତେ ଶୀଘ୍ର ରୋଗମୁକ୍ତ ହେବେ ତାହା ସ୍ନାୟୁର କ୍ଷତିର ପରିମାଣ ଉପରେ ନିର୍ଭର କରିଥାଏ। କିନ୍ତୁ ମନେ ରଖନ୍ତୁ, ଏହି ରୋଗକୁ ହେୟ ମନେ ନକରି ଯେତେ ଶୀଘ୍ର ପାରନ୍ତୁ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା ଆରମ୍ଭ କରନ୍ତୁ।

**ଏକ ରକ୍ତ ପରୀକ୍ଷଣ ହୃଦଘାତକୁ ଚିହ୍ନଟ କରିବ –** ଛାତିରେ ଯନ୍ତ୍ରଣା ଅନୁଭବ ହେଲା ମାତ୍ରେ ପ୍ରାୟ ଦୁଇ ତୃତୀୟାଂଶ ରୋଗୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଚାଲି ଆସନ୍ତି। ଏହି ଅସୁବିଧାକୁ ଦୂର କରିବା ତଥା ଅଯଥା ଭର୍ତ୍ତିକୁ ଏଡାଇବା ପାଇଁ ଏଡିନବର୍ଗ ୟୁନିଭର୍ସିଟିର ଗବେଷକମାନେ ଏକ ରକ୍ତ ପରୀକ୍ଷଣ ଉପାୟ ବାହାର କରିଛନ୍ତି। ଆମ ହୃତପିଣ୍ଡର ମାଂସପେଶୀରେ କ୍ଷତ ସୃଷ୍ଟି ହେଲେ ଟ୍ରପୋନିନ୍ ନାମକ ପ୍ରୋଟିନ କ୍ଷରିତ ହୋଇଥାଏ। ଯଦି ରକ୍ତରେ ଏହାର ପରିମାଣ ବୃଦ୍ଧି ପାଏ ତେବେ ହୃଦଘାତ ହୋଇଛି ବୋଲି ଅନୁମାନ କରାଯାଇପାରେ। ରକ୍ତର ଅନ୍ୟାନ୍ୟ ପରୀକ୍ଷଣ ଅପେକ୍ଷା ଏହି ପ୍ରୋଟିନର ଅବସ୍ଥିତି ଅଧିକ ଲାଭଦାୟକ। ଏହିପରି ଅଭିଯୋଗ ନେଇ ଆସୁଥିବା ୬୩୦୪ ଜଣ ରୋଗୀଙ୍କ କ୍ଷେତ୍ରରେ ଏହାକୁ ସେମାନେ ପ୍ରୟୋଗ କରି ୩୦ ଦିନ ପାଇଁ ହୃତପିଣ୍ଡର ଅବସ୍ଥାକୁ ଅନୁଧ୍ୟାନ କରୁଥିଲେ। ସେମାନେ ଲକ୍ଷ୍ୟ କଲେ ଯେ ଏମାନଙ୍କ ମଧ୍ୟରୁ ପ୍ରାୟ ୬୧% ରୋଗୀ ଯେଉଁମାନଙ୍କ ରକ୍ତରେ ଟ୍ରପୋନିନ୍ ସ୍ତର ଲିଟର ପିଛା ୫ ନାନୋଗ୍ରାମରୁ କମ ଥିଲା ସେମାନଙ୍କୁ ହୃଦଘାତ ହୋଇ ନଥିଲା ଏପରିକି ଦୁଇ ବର୍ଷ ପରେ ବି କିଛି ଅଘଟଣ ଘଟି ନଥିଲା। କିନ୍ତୁ ଉଚ୍ଚ ସ୍ତରର ଟ୍ରପୋନିନ ଥିବା ବ୍ୟକ୍ତିମାନଙ୍କ କ୍ଷେତ୍ରରେ ଏହି ସମ୍ଭାବନା ପ୍ରାୟ ୩ ଗୁଣ ବଢି ଯାଇଥିଲା। ଏହି ଗବେଷକମାନେ ସ୍ଥିର ନିଶ୍ଚିତ ହୋଇଯାଇଥିଲେ ଯେ ଟ୍ରପୋନିନ ସ୍ତର ଅଧିକ ରହିଲେ ହୃଦଘାତର ସମ୍ଭାବନା ଅଧିକ ବଢିଯାଏ।



**ବୃଦ୍ଧାବସ୍ଥାରେ କ୍ୟାଲସିଅମ ନିହାତି ଜରୁରୀ କି ?** ବୃଦ୍ଧାବସ୍ଥାରେ ଅସ୍ଥିଜନିତ ସ୍ୱାସ୍ଥ୍ୟ ପାଇଁ କ୍ୟାଲସିଅମ ନେବାକୁ ପରାମର୍ଶ ଦିଆଯାଇଥାଏ। କିନ୍ତୁ ନ୍ୟୁଜିଲାଣ୍ଡର ଏକ ୟୁନିଭର୍ସିଟିରେ ହୋଇଥିବା ଏକ ପରୀକ୍ଷଣ ସୂଚୀତ କରେ ଯେ ଏହାଦ୍ୱାରା ଅସ୍ଥି ସାନ୍ଦ୍ରତା ବୃଦ୍ଧି ପାଏ ନାହିଁ କି ଏହା ହାଡ ଭାଙ୍ଗିଯିବା ଭୟରୁ ରକ୍ଷାକରେ ନାହିଁ। ୫୦ ବର୍ଷରୁ ଉର୍ଦ୍ଧ୍ୱ ପ୍ରାୟ ୬୦ ଜଣ ବ୍ୟକ୍ତିଙ୍କୁ ନେଇ ଏହି ଗବେଷକମାନେ ଖାଦ୍ୟରେ ହେଉ କିମ୍ବା ଔଷଧ ଆକାରରେ କ୍ୟାଲସିଅମକୁ ଏକ ମାସ ଦେଲାପରେ ଦେଖିଲେ ଯେ ଅସ୍ଥି ସାନ୍ଦ୍ରତା ମାତ୍ର ୧-୨% ମାତ୍ର ବଢିଲା ଯାହା ମେଡିକାଲ ପାଠ ଅନୁସାରେ କୌଣସି ଉପକାରରେ ଆସିପାରେ ନାହିଁ। ସେହିପରି ଏହା ଯୋଗୁଁ ଯେ ହାତଗୋଡ ଭାଙ୍ଗିବାରୁ ରକ୍ଷା ମିଳିଯିବ ସେପରି କିଛି ପ୍ରମାଣିତ ହୋଇପାରିଲା ନାହିଁ। ବରଂ ଶରୀରରେ କ୍ୟାଲସିଅମ ମାତ୍ରା ବଢିବା ଯୋଗୁଁ କୋଷ୍ଠକାଠିନ୍ୟତା ବୃଦ୍ଧି, କିଡନିରେ ପଥୁରୀ ହେବା ତଥା ହୃତପିଣ୍ଡଜନିତ ବା କାର୍ଡିଓଭାସ୍କୁଲାର ରୋଗର ଉପସର୍ଗ ବଢିବା ଦେଖାଗଲା। ତେଣୁ ଏହି ଆଲେଖ୍ୟରେ ଡାକ୍ତରମାନଙ୍କୁ ଅଯଥାରେ ଉପରୋକ୍ତ କାରଣ ପାଇଁ କ୍ୟାଲସିଅମ ନଦେବା ପାଇଁ ପରାମର୍ଶ ଦିଆଯାଇଛି।



**ରକ୍ତଚାପ ହ୍ରାସ ପାଇଁ ଔଷଧ କେତେବେଳେ ଖାଇବା ଉଚିତ ?** ଉଚ୍ଚ ରକ୍ତଚାପରେ ଆକ୍ରାନ୍ତ ଅଧିକାଂଶ ରୋଗୀ ଔଷଧ ଉପରେ ନିର୍ଭର କରିଥା'ନ୍ତି। କିନ୍ତୁ ସେମାନେ ଭାବନ୍ତି ଏହାକୁ ଯେ କୌଣସି ସମୟରେ ଖାଇଦେଲେ ଚଳିବ ବୋଲି କିନ୍ତୁ ଡାଇବେଟୋଲୋଜିଆ ନାମକ ମେଗାଜିନରେ ବାହାରି ଥିବା ଦୁଇଟି ଲେଖା ସୂଚାଏ ଯେ ଏହି ଔଷଧସବୁକୁ ରାତିରେ ଶୋଇବା ପୂର୍ବରୁ ଖାଇଲେ ନିଦ ଭଲ ହୁଏ, ରକ୍ତଚାପ ହ୍ରାସ ପାଏ ଓ ଟାଇପ -୨ ଡାଇବେଟିସ ରୋଗ ନହେବା ସମ୍ଭାବନା ବୃଦ୍ଧି ପାଏ। ପ୍ରଥମ ପରୀକ୍ଷଣରେ ଗବେଷକମାନେ ମଧୁମେହ ନଥିବା କିନ୍ତୁ ରକ୍ତଚାପରେ ପୀଡିତ ୨୬୫୬ ଜଣ ରୋଗୀଙ୍କୁ ଦିନବେଳା ରକ୍ତଚାପର ଔଷଧ ନେବାପାଇଁ କହିଲେ ଏବଂ ଏମାନଙ୍କୁ ୫ ବର୍ଷ ୯ ମାସ ପାଇଁ ନିରୀକ୍ଷଣରେ ରଖାଗଲା ଦେଖାଗଲା ଯେ ଏହି ସମୟ ମଧ୍ୟରେ ସେମାନଙ୍କ ମଧ୍ୟରୁ ୧୯୦ ଜଣ ରୋଗୀ ଟାଇପ-୨ ଡାଇବେଟିସରେ ଆକ୍ରାନ୍ତ ହୋଇଯାଇଛନ୍ତି। ପରବର୍ତ୍ତୀ ଗବେଷଣାରେ ୨୦୧୨ ଜଣ ରକ୍ତଚାପ ରୋଗୀଙ୍କୁ ରାତିରେ ଶୋଇବା ଆଗରୁ ଔଷଧ ଦିଆଗଲା। ଦୀର୍ଘ ୬ ମାସର ଗବେଷଣା ପରେ ଜଣାଗଲା ଯେ ଏମାନଙ୍କୁ ରାତିରେ ଭଲ ନିଦ ହେବା ଯୋଗୁଁ ରକ୍ତଚାପ ତ ହ୍ରାସ ପାଇଲା ତା' ସହିତ ଟାଇପ-୨ ଡାଇବେଟିସ ହେବା ସମ୍ଭାବନା ପ୍ରାୟ ୫୭% ହ୍ରାସ ପାଇଲା। ବିଶେଷକରି ଯେଉଁମାନେ ଆଞ୍ଜିଓଟେନସିନ ହରମୋନ ପାଇଁ ଔଷଧ ବ୍ୟବହାର କରୁଥିଲେ ସେମାନଙ୍କ କ୍ଷେତ୍ରରେ ଏହା ସଞ୍ଜିବନୀ ଭଳି କାର୍ଯ୍ୟ କରୁଥିଲା।



**ଶ୍ୱାସ ଓ ଶରୀର ବୃଦ୍ଧି -** ଫିନଲାଣ୍ଡରେ ନବଜାତରୁ ଆରମ୍ଭ କରି ୨୬ ମାସ ବୟସର ପ୍ରାୟ ୧୨,୪୮୨ ଶିଶୁଙ୍କୁ ନେଇ ହୋଇଥିବା ଏକ ଗବେଷଣାରୁ ଜଣାପଡିଛି ଯେ ଯଦି ଏହି ବୟସର ଶିଶୁମାନଙ୍କୁ ଶ୍ୱାସରୋଗରୁ ରକ୍ଷା କରିବାକୁ ଆଇ ସି ଏସ୍ ବା ଇନହେଲଡ କର୍ଟିକୋ ଷ୍ଟିରଏଡ ଦିଆଯାଏ ତେବେ ସେମାନଙ୍କ ବୟସର ଅନ୍ୟ ଶିଶୁମାନଙ୍କଠାରୁ ଏମାନଙ୍କ ଓଜନ, ଉଚ୍ଚତା ଅପେକ୍ଷାକୃତ କମ ଥିଲା। ଏହି ଶିଶୁମାନଙ୍କୁ ବୁଡେସୋନାଇଡ ନାମକ ଔଷଧ ପ୍ରାୟ ୬ ମାସ ପାଇଁ ଦିଆଯାଇଥିଲା। ବର୍ତ୍ତମାନ ଏହି ପ୍ରଭାବକୁ ବଡ ଶିଶୁମାନଙ୍କଠାରେ ମଧ୍ୟ ପରୀକ୍ଷା କରାଯାଉଛି।

**ଫାଇବ୍ରୋମାୟାଲଜିଆ -** ଆପଣ ଖଟରୁ ଉଠିଲା ସମୟରେ, ସମ୍ବାଦପତ୍ର ଉଠାଇଲାବେଳେ, ମେଲ ଟାଇପ କଲାବେଳେ ପ୍ରଭୃତି ସାଧାରଣ କାର୍ଯ୍ୟ କଲା ସମୟରେ ବି ଶରୀରର ଉଭୟ ପାର୍ଶ୍ୱ, ଅଣ୍ଟାର ତଳ ଏବଂ ଉପର ପାର୍ଶ୍ୱରେ ଅତି କମରେ ୩ ମାସ ହେଲା ଭୀଷଣ ଯନ୍ତ୍ରଣା ଅନୁଭବ କରୁଛନ୍ତି କି ? ତେବେ ହୋଇପାରେ ଆପଣ ଫାଇବ୍ରୋମାୟାଲଜିଆରେ ପୀଡିତ ହୋଇ ଥାଇପାରନ୍ତି। ଯେଉଁ ଅଂଶରେ ଆପଣ ଯନ୍ତ୍ରଣା ଅନୁଭବ କରୁଛନ୍ତି ତାହାକୁ ଟେଣ୍ଡର ପଏଣ୍ଟ କୁହାଯାଏ। ଏଗୁଡିକ ବେକର ପଛପଟ, କାନ୍ଧ, ଛାତି, ପଛପଟ, ଅଣ୍ଟା, କହୁଣି, ଆଣ୍ଠୁ ହୋଇପାରେ। ଏହି ଅଂଶଗୁଡିକରୁ ଯନ୍ତ୍ରଣା ଆରମ୍ଭ ହୋଇ ଶରୀରର ଅନ୍ୟ ଅଂଶକୁ ମାଡିଥାଏ। ଯଦିଓ ଏହି ଯନ୍ତ୍ରଣା ସନ୍ଧିସ୍ଥାନରୁ ଆସିଲା ପରି ମନେ ହୁଏ କିନ୍ତୁ ପ୍ରକୃତରେ ଏହି ରୋଗରେ ସନ୍ଧି ସ୍ଥାନ ଗୁଡିକ ପ୍ରଭାବିତ ହୁଏନାହିଁ। ଏହି ରୋଗର ସଠିକ କାରଣ ଓ ନିଦାନ ଜଣା ନାହିଁ। କେବଳ ଯନ୍ତ୍ରଣା ନିବାରଣ ହିଁ ଏହି ରୋଗର ଏକମାତ୍ର ଚିକିତ୍ସା ହୋଇପାରେ କିନ୍ତୁ ଏବେ ଜଣାଗଲାଣି ଯେ ଏହା ଜିନଗତ ଅଟେ। ମୁଖ୍ୟତଃ ଏହି ରୋଗ ୩୦ରୁ ୫୦ ବର୍ଷ ମଧ୍ୟରେ ଦେଖା ଦେଇଥାଏ କିନ୍ତୁ ତା'ମାନେ ନୁହଁ ଯେ ଅନ୍ୟ ବୟସରେ ଏହା ହେବ ନାହିଁ। ଏହାର ଲକ୍ଷଣ ଗୁଡିକ ହେଲା ଏକ ସମୟରେ ଶରୀରର ଅନେକ ସ୍ଥାନରେ ଯନ୍ତ୍ରଣା ଅନୁଭୁତ ହେବା, ଅତ୍ୟଧିକ ଶବ୍ଦ, ଉତ୍ତାପ କିମ୍ବା ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସିଲେ ଯନ୍ତ୍ରଣାର ତୀବ୍ରତା ବଢିଯିବା, ନାରୀମାନଙ୍କ ରତୁସ୍ରାବ ସମୟରେ ଅଧିକ ଯନ୍ତ୍ରଣା ଅନୁଭବ କରିବା, କ୍ଳାନ୍ତି ଅନୁଭବ କରିବା, ସ୍ମୃତିଶକ୍ତି ହ୍ରାସ, କାର୍ଯ୍ୟ କରିବାରେ ବିମୁଖ ହେବା, ମାନସିକ ଅବସାଦର ଶୀକାର ହେବା, ଅଧକପାଳିରେ ପଡିବା, ତଳିପେଟ ସର୍ବଦା ମୋଡି ହେବା, ହାତ ଓ ପାଦରେ ଝିମଝିମ ହେବା, କଣ୍ଟା ଫୋଡି ହେଲା ଭଳି ଲାଗିବା, ଇରିଟେବୁଲ ବାଓ୍ୱେଲ ସିଣ୍ଡ୍ରୋମ, ବ୍ୟାୟାମ କରିବାରୁ ବିମୁଖ ହେବା, ମାଂସପେଶୀଗୁଡିକ ଟାଣ ହୋଇଯିବା, ସୁନିଦ୍ରା ନହେବା ଇତ୍ୟାଦି। ତେବେ କେତେବେଳେ ଏହି ରୋଗ ସଞ୍ଚାରିତ ହୋଇଥାଏ ?



ସାଧାରଣତଃ କୌଣସି ସଂକ୍ରମଣ ବିଶେଷ କରି ଭୂତାଣୁ ସଂକ୍ରମଣ ସମୟରେ, ଅତ୍ୟଧିକ ପରିଶ୍ରମ କଲେ, ନାରୀମାନଙ୍କ ସନ୍ତାନ ପ୍ରସବ ସମୟରେ, କୌଣସି ଶଲ୍ୟ ଚିକିତ୍ସା ପରେ, ମାନସିକ ସ୍ତରରେ ଭାଙ୍ଗି ପଡିଲେ ରୁମାଟଏଡ ଆର୍ଥ୍ରାଇଟିସ କିମ୍ବା ଲୁପୁସ ଭଳି ରୋଗରେ ପଡିଲେ ଇତ୍ୟାଦି। ଏହି ରୋଗରୁ ଉପଶମ ପାଇବାକୁ ହେଲେ ରୋଗୀ ନିଜକୁ ମାନସିକ ଚାପରୁ ଦୂରେଇ ରଖିବା ସହିତ ଯୋଗ, ଧ୍ୟାନ, ପ୍ରାଣାୟମ ଭଳି ପ୍ରକ୍ରିୟାକୁ ଆପଣାଇବା ଉଚିତ। ଦିନ ଭିତରେ ବିଶ୍ରାମ ପାଇଁ ସମୟ ବାହାର କରନ୍ତୁ, ନକାରାତ୍ମକ ଚିନ୍ତାଧାରାରୁ ନିଜକୁ ମୁକ୍ତ ରଖନ୍ତୁ, କୋଳାହଳମୟ କିମ୍ବା ଭିଡ ଜାଗାକୁ ଯାଆନ୍ତୁ ନାହିଁ, ସୁନିଦ୍ରା ଯାଆନ୍ତୁ, ସନ୍ତୁଳିତ ଆହାର ନିଅନ୍ତୁ, ଚା, କଫି ତଥା ମଦ୍ୟପାନକୁ କମ୍ କରନ୍ତୁ, ପ୍ରତିଦିନ ବ୍ୟାୟାମ କରନ୍ତୁ, ମୂଳରୁ କଠିନ ବ୍ୟାୟାମ କରନ୍ତୁ ନାହିଁ, ପ୍ରଭାବିତ ଅଂଶ ଗୁଡିକୁ ଧୀରେଧୀରେ ମାଲିସ କରନ୍ତୁ। ଏହି ରୋଗର ଚିହ୍ନଟ ଓ ଚିକିତ୍ସା ପାଇଁ ଡାକ୍ତର କେତେକ ପରୀକ୍ଷା ଓ ନିରୀକ୍ଷଣ ପାଇଁ ପରାମର୍ଶ ଦେଇପାରନ୍ତି। ଏହାର ଚିକିତ୍ସା ଲକ୍ଷଣ ଉପରେ ନିର୍ଭର କରୁଥିଲେ ହେଁ ମୁଖ୍ୟତଃ ଦୈହିକ ବ୍ୟାୟାମ, ନିଜକୁ ଫିଟ ରଖିବା ପାଇଁ ପ୍ରୟାସ ତଥା ମାନସିକ ଚାପ ହ୍ରାସ ଏହାର ମୁଖ୍ୟ ତିନୋଟି ଅଙ୍ଗ ଅଟେ। ଯନ୍ତ୍ରଣା ନିବାରଣ ପାଇଁ ପ୍ରେଗାବେଲିନ, ଡୁଲୋକ୍ସେଟିନ ଏବଂ ମିଲନାସିପ୍ରାନ ସହିତ ଆଣ୍ଟିଡ୍ରେପ୍ରେସେଣ୍ଟ, ଆଣ୍ଟି ସିଜର ଓ ମସଲ ରିଲାକ୍ସାଣ୍ଟ ଦିଆଯାଇଥାଏ।

**କ୍ୟାନ୍ସର ଚିକିତ୍ସାରେ ଆୟୁର୍ବେଦର ଭୂମିକା –** କର୍କଟ ବା କ୍ୟାନ୍ସର କହିଲେ ଶରୀରର କୌଣସି ଅଙ୍ଗରେ ହେଉଥିବା ଅସ୍ୱାଭାବିକ ବୃଦ୍ଧିକୁ ବୁଝାଏ ଯାହା ଅନ୍ୟ ଅଂଶକୁ ମାଡି ଚାଲିବା ସହିତ ସେଠାରେ ମଧ୍ୟ ଅନୁରୂପ ବୃଦ୍ଧି ହୋଇଚାଲେ। ଉନବିଂଶତାବ୍ଦୀରୁ ଆରମ୍ଭ କରି ବିଂଶ ଶତାବ୍ଦୀର ଶେଷ ଭାଗ ପର୍ଯ୍ୟନ୍ତ ହୋଇଥିବା ଗବେଷଣାରୁ ସୂଚନା ମିଳିଛି ଯେ ଏହି ରୋଗ ଆମ ଶରୀରରେ ଥିବା ଆମ ଶରୀର ବୃଦ୍ଧିକୁ ନିୟନ୍ତ୍ରଣ କରୁଥିବା ଜିନ ଯଥା ras, N-myc, c-myc, HER-2/ neu genes ଏବଂ ଟ୍ୟୁମର ସପ୍ରେସିଙ୍ଗ ଜିନ ଯଥା p53, Rb, Ret, WT-1, APC ଜିନର ମ୍ୟୁଟେସନ ଯୋଗୁଁ ହୋଇଥାଏ। ବର୍ତ୍ତମାନ ଏହି ରୋଗ ଏମିତି ଭାବେ ମାଡି ଚାଲିଛି ଯେ ପ୍ରତି ୪ ଜଣରେ ଜଣେ ଏହି ରୋଗରେ ପୀଡିତ ଥିବା ଜଣାପଡୁଛି। ଭାରତରେ ପ୍ରତି ବର୍ଷ ୧୧ ଲକ୍ଷ ନୂଆ ରୋଗୀ ଯୋଡି ହେଉଛନ୍ତି। ପ୍ରତି ମୁହୂର୍ତ୍ତରେ ଆମେ ଖାଦ୍ୟ, ଜଳ ତଥା ବାୟୁରେ ଥିବା କର୍କଟ ସୃଷ୍ଟିକାରୀ ପଦାର୍ଥ ବା କାର୍ସିନୋଜେନ ସଂସ୍ପର୍ଶରେ ଆସିଥାଉ। ସାଧାରଣ ଭାବେ କୋଷ ବିଭାଜନ ବା ମାଇଟୋସିସ ପ୍ରକ୍ରିୟା ଆମ ଡିଏନଏ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ କିନ୍ତୁ କାର୍ସିନୋଜେନମାନେ ମ୍ୟୁଟେସନ ଦ୍ୱାରା ଏହି ନିୟନ୍ତ୍ରଣ କ୍ରିୟାରେ ବ୍ୟାଘାତ ସୃଷ୍ଟି କରିବା ହେତୁ କୋଷ ବିବାଜନ ପ୍ରକ୍ରିୟା ନିୟନ୍ତ୍ରଣ ବାହାରକୁ ଚାଲିଯାଇ ମେଞ୍ଚା ମେଞ୍ଚା ହୋଇ ନିଓପ୍ଲାଜମ ବା କ୍ୟାନ୍ସର ଆକାରରେ ବାହାରକୁ ବାହାରିପଡେ। ଆମେ ନିଜକୁ ଯେତେ ଅଧିକ ପରିମାଣରେ ଏହି ପଦାର୍ଥର ସଂସ୍ପର୍ଶରେ ଆଣିବା ସେତେ ଅଧିକ ଏହି ବୃଦ୍ଧି ଘଟିବ। ପରବର୍ତ୍ତୀ ଅବସ୍ଥାରେ ଏହା ଶରୀରର ଅନ୍ୟ ଅଂଶକୁ ମଧ୍ୟ ମାଡିଚାଲେ ଯାହାକୁ ମେଟାଷ୍ଟେସିସ କୁହାଯାଏ। ଏଠାରେ ନୂଆ ନୂଆ ରକ୍ତନଳୀ ମଧ୍ୟ ତିଆରି ହୋଇଯାଏ ଯାହାକୁ ଟ୍ୟୁମର ଆଞ୍ଜିଓଜେନେସିସ କୁହାଯାଏ। ଏହା ଫଳରେ ଅନିୟନ୍ତ୍ରିତ କୋଷ ବିଭାଜନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥାଏ। କେମୋଥେରାପି, ବିକିରଣ ଓ ହରମୋନ ଚିକିତ୍ସା ଭଳି ଗତାନୁଗତିକ ଧାରା ଫଳରେ ଆହୁରି ନୂଆ କୋଷଗୁଡ଼ିକ ମଧ୍ୟ ପ୍ରତିକ୍ରିୟାଶୀଳ ହୋଇ କର୍କଟ ରୋଗକୁ ଅନ୍ୟାଂଶକୁ ସଞ୍ଚାରିତ କରି ଦିଅନ୍ତି। ଗୋଟିଏ ସାଧାରଣ କୋଷ କର୍କଟ କୋଷରେ ରୂପାନ୍ତରୀତ ହେବା ଏକ ଜଟିଳ କ୍ରିୟା ନୁହଁ ବରଂ ଆମେ କହିପାରୁ ଯେ ଆମର ରୋଗ ପ୍ରତିରୋଧୀ କୋଷଗୁଡ଼ିକ ସେମାନଙ୍କ ସ୍ୱଳ୍ପ ସଂଖ୍ୟା ଦୃଷ୍ଟିରୁ ଏହି କର୍କଟ କୋଷଗୁଡ଼ିକୁ ଚିହ୍ନଟ ତଥା ଧ୍ୱଂସ କରିବାର କ୍ଷମତା ହରାଇ ବସିଥା'ନ୍ତି। ତା'ଛଡା ବୃଦ୍ଧାବସ୍ଥା, ଅତ୍ୟଧିକ ମାନସିକ ଚାପ, କେତେକ କ୍ଷତିକାରକ ଔଷଧର ବ୍ୟବହାର ଏହି ପ୍ରତିରୋଧକ ଶକ୍ତିକୁ ଆହୁରି ହ୍ରାସ କରି ଦିଅନ୍ତି। ସେହିପରି ଏଚଆଇଭି, ଏଚପିଭି, ହେପାଟାଇଟିସ ବି, ସି ଓ ଅନ୍ୟ ସଂକ୍ରମଣ ଭୋଗୁଥିବା ବ୍ୟକ୍ତିଙ୍କୁ କ୍ୟାନ୍ସର ହେବା ସମ୍ଭାବନା ଅଧିକ ଥାଏ। ଅତ୍ୟଧିକ ମାନସିକ ଚାପ ଭୋଗୁଥିବା ବ୍ୟକ୍ତିଙ୍କ ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବାରୁ ସେମାନେ ମଧ୍ୟ ଏହି ରୋଗ କବଳରେ ଶୀଘ୍ର ପଡିଥା'ନ୍ତି। ଗତାନୁଗତିକ ଚିକିତ୍ସାରେ କର୍କଟ କୋଷକୁ ମାରିବାର ମୁଖ୍ୟ ଉଦ୍ଦେଶ୍ୟ ଥାଏ କିନ୍ତୁ କିଛି ସମୟ ଅନ୍ତରାଳରେ ଏହି ରୋଗ ପୁନର୍ବାର ହେବାର ସମ୍ଭାବନା ଦେଖାଦେଇଥାଏ। ଏହାକୁ ଛାଡି ଅସ୍ଥିମଜ୍ଜା ପ୍ରତିରୋପଣ, ହରମୋନ ଥେରାପି, ଫଟୋଡାଇନାମିକ ଥେରାପି, କ୍ରାୟୋସର୍ଜରୀ, ଜିନ ଥେରାପି ଏବଂ ଇମ୍ୟୁନୋଥେରାପିର ପ୍ରୟୋଗ କଲାପରେ ମଧ୍ୟ ଏହି ରୋଗର ମୂଳୋତ୍ପାଟନ ହୋଇପାରୁନାହିଁ। ଏହି ପ୍ରଭାବରୁ ମୁକ୍ତ କରିବାକୁ ୧୯୮୫ ମସିହାରୁ ଡ. ଏସ .ପି. କୌଶଲଙ୍କ ନେତୃତ୍ୱରେ ସାଇନୋ ବେଦିକ ରିସର୍ଚ୍ଚ ସେଣ୍ଟର ନାମକ ଗବେଷଣା କେନ୍ଦ୍ରର ବୈଜ୍ଞାନିକମାନେ ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ବିଭିନ୍ନ ଉଦ୍ଭିଦର ପ୍ରୟୋଗକୁ ନେଇ ଗବେଷଣା ଜାରି ରଖିଛନ୍ତି। ସେମାନେ ଏପରି ଉଦ୍ଭିଦ ଗୁଡିକ ଚିହ୍ନଟ କରିଛନ୍ତି ଯେଉଁଗୁଡିକ ଆଣ୍ଟିମ୍ୟୁଟାଜେନିକ, ଆଣ୍ଟିଟ୍ୟୁମରଆଞ୍ଜିଓଜେନିକ, ପ୍ରୋଆପୋପ୍ଟୋଟିକ, କେମୋ ଓ ରେଡିଓପ୍ରୋଟେକ୍ଟିଭ ଏବଂ ଡିଏନଏକୁ ମରାମତି କରିବା କ୍ଷମତା ବହନ କରିଥାଏ। ପୁନଶ୍ଚ ସେମାନେ ଏହି ଉଦ୍ଭିଦଗୁଡିକରୁ ବଛାବଛା ଉପାଦାନଗୁଡିକୁ ବାଛି ସେଥିରୁ ଅଙ୍କୋଟେମ, କ୍ୟାନ୍ସରଟେମ, ଇମ୍ୟୁନୋଟୋନ ଆଦି ଔଷଧ ବାହାର କରିଛନ୍ତି ଯେଉଁଗୁଡିକ ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ଅଟନ୍ତି। ଏହି ଔଷଧଗୁଡିକ ବିଶେଷ କରି ବୃଦ୍ଧାବସ୍ଥାରେ ଥିବା ରୋଗୀ, କେମୋ ଓ ରେଡିଓଥେରାପିକୁ ସହ୍ୟ କରି ପାରୁନଥିବା ରୋଗୀଙ୍କ ପାଇଁ ବିଶେଷ ଉପଯୋଗୀ ଅଟେ। ଏହି ଔଷଧ ଗୁଡିକ ଇଣ୍ଟରଲିଉକିନ, ଇଣ୍ଟରଫେରନ ଭଳି ସାଇଟୋକାଇନ୍ସ ଉତ୍ପାଦରେ ସହାୟତା କରି ରୋଗ ପ୍ରତିରୋଧକ ଶକ୍ତି ବଢାଉଥିବା କୋଷଗୁଡିକୁ ଅଧିକ କ୍ରିୟାଶୀଳ କରାଇଥା'ନ୍ତି। ଏହି ଔଷଧଗୁଡିକୁ ଗତାନୁଗତିକ ଚିକିତ୍ସା ସହିତ ନିଆଯାଇପାରେ।



**ଟିକ୍ରାପଡା, ବଲାଙ୍ଗୀର**

# ସମ୍ବାଦ ବିଚିତ୍ରା

୧.ସମ୍ପ୍ରତି ଭାରତୀୟ ନୌସେନାର ନୂତନ ମୁଖ୍ୟ ଆଡମିରାଲ ଦୀନେଶ କୁମାର ତ୍ରିପାଠୀ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

୨.ଉତ୍ତରାଖଣ୍ଡ ସରକାର ଦ୍ୱାରା ପତଞ୍ଜଳିର ୧୪ଟି ଖାଦ୍ୟ ସାମଗ୍ରୀର ଲାଇସେନ୍ସକୁ ବାତିଲ କରାଯାଇଛି।

୩.ଚର୍ମ କର୍କଟ ରୋଗର ପ୍ରତିକାର ପାଇଁ ବିଶ୍ୱର ପ୍ରଥମ ଟିକାର ମାନବ ପରୀକ୍ଷଣ ଭାବରେ ବ୍ରିଟେନ୍‌ର ଜଣେ ରୋଗୀ ଉପରେ ପରୀକ୍ଷଣ ହୋଇଛି।

୪.ଦୁବାଇରେ ବିଶ୍ୱର ବୃହତ୍ତମ ବିମାନ ବନ୍ଦରର କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଅଲ ମକତୁମ ଅନ୍ତର୍ଜାତୀୟ ବିମାନବନ୍ଦର ବର୍ତ୍ତମାନର ଦୁବାଇ ଆନ୍ତର୍ଜାତୀୟ ବିମାନବନ୍ଦର ଠାରୁ ପ୍ରାୟ ପାଞ୍ଚ ଗୁଣ ବଡ଼ ହେବ।

୫.ୟୁଜିସି-ନେଟ୍ ପରୀକ୍ଷା ଜୁନ୍ ୧୬ ରବିବାର ପରିବର୍ତ୍ତେ ଜୁନ ୧୮ ମଙ୍ଗଳବାର ଦିନ ଅନୁଷ୍ଠିତ ହେବ। ୟୁଜିସି ମୁଖ୍ୟ ଜଗଦୀଶ କୁମାର ମାଇକ୍ରୋ ବ୍ଲଗିଂ ସାଇଟ୍ 'X'ରେ ଏ ନେଇ ସୂଚନା ଦେଇଛନ୍ତି ।

୬.ଭାରତର ଇ-କମର୍ସ ବଜାର ୨୦୩୦ ସୁଦ୍ଧା ଚୀନ୍ ଏବଂ ଆମେରିକା ପରେ ବିଶ୍ୱର ତୃତୀୟ ବୃହତ ବଜାର ଭାବେ ପ୍ରତିଷ୍ଠା ଲାଭ କରିପାରେ।

୭.କାଡ୍‌ବୁରୀ ଡେରିମିଲ୍କ ଅରେଞ୍ଜ ଲୋକପ୍ରିୟ ଚକୋଲେଟ୍ ଉତ୍ପାଦନକୁ ସବୁଦିନ ପାଇଁ ବନ୍ଦ କରିବାକୁ ଯାଉଛି।

୮.ଗୁଜରାଟ ଉପକୂଳରୁ ଏଟିଏସ୍ ଓ ଏନ୍‌ସିବି ଏକ ସ୍ୱତନ୍ତ୍ର ଅପରେସନରେ ୬୨୦ କୋଟି ଟଙ୍କାର ଡ୍ରଗ୍ସ ଜବତ କରିଛନ୍ତି। ଏହି ଡ୍ରଗ୍ସ ସହିତ ୧୪ ଜଣ ପାକିସ୍ତାନୀ ନାଗରିକ ଗିରଫ ହୋଇଛନ୍ତି।

୯.ଇରାକ ସଂସଦ ଦ୍ୱାରା ସମଲିଙ୍ଗୀ ସମ୍ପର୍କ ତଥା ବିବାହକୁ ଅପରାଧ ଶ୍ରେଣୀରେ ସାମିଲ କରି ସର୍ବାଧିକ ୧୫ ବର୍ଷ ସଶ୍ରମ କାରାଦଣ୍ଡର ବ୍ୟବସ୍ଥା କରାଯାଇଛି।

୧୦.୧୧୨ ବର୍ଷ ତଳେ ବୁଡ଼ିଯାଇଥିବା ତତ୍କାଳୀନ ବିଶ୍ୱର ସର୍ବବୃହତ ଜାହାଜ ଟାଇଟାନିକ ପୁଣି ଚର୍ଚ୍ଚାକୁ ଆସିଛି। ଉକ୍ତ ଜାହାଜରେ ଯାତ୍ରା କରୁଥିବା ସବୁଠାରୁ ଧନୀ ବ୍ୟକ୍ତିଙ୍କ 'ପକେଟ ଘଡ଼ି' ପ୍ରାୟ ୧.୧ ନିୟୁତ ଆମେରିକୀୟ ଡଲାରରେ ନିଲାମ ହୋଇଛି।

୧୧.ଗୁଗୁଲ୍‌ର ସିଇଓ ପଦରେ କାର୍ଯ୍ୟରତ ଭାରତୀୟ ବଂଶୋଦ୍ଭବ ସୁନ୍ଦର ପିଚାଇଙ୍କ କାର୍ଯ୍ୟକାଳ ୨୦ ବର୍ଷ ପୂରିଛି।

୧୨.କୌଣସି ଆୟ ନଥିବା ହିନ୍ଦୁ ମହିଳାଙ୍କୁ ତାଙ୍କ ଜୀବନକାଳ ମଧ୍ୟରେ ମୃତ ସ୍ୱାମୀଙ୍କ ସ୍ୱ-ଅର୍ଜିତ ସମ୍ପତ୍ତି ଉପଭୋଗ କରିବାର ଅଧିକାର ରହିଛି ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି।

୧୩.ଇରାନ ସେନା ପାଇଁ କାମ କରୁଥିବା ଅଭିଯୋଗରେ ୧୦ହଜାର କମ୍ପାନୀ ଉପରେ ଆମେରିକା ପ୍ରତିବନ୍ଧକ ଲଗାଇଛି। ସେଥିରେ କିଛି ଭାରତୀୟ କମ୍ପାନୀ ମଧ୍ୟ ଅଛନ୍ତି।

୧୪.ଏଣିକି ବର୍ଷକୁ ଦୁଇ ଥର ସିବିଏସ୍‌ଇ ବୋର୍ଡ ପରୀକ୍ଷା ଅନୁଷ୍ଠିତ ହୋଇପାରେ। ଆସନ୍ତା ୨୦୨୫-୨୬ ଶିକ୍ଷା ବର୍ଷରୁ ଏହି ନିୟମ ଲାଗୁ କରିବାକୁ ଶିକ୍ଷା ମନ୍ତ୍ରଣାଳୟ ଯୋଜନା କରୁଛି।

୧୫.ଦେଶରେ ଗତ କିଛିଦିନ ହେଲା ଚିନି ଦର କ୍ୱିଣ୍ଟାଲ ପିଛା ୨୦୦ରୁ ୩୦୦ ଟଙ୍କା ବଢ଼ିଯାଇଛି।

୧୬.ଭାରତର ପ୍ରତ୍ୟକ୍ଷ କର ସଂଗ୍ରହରେ ବଡ଼ ରେକର୍ଡ ଅଭିବୃଦ୍ଧି ହୋଇଛି। ବାର୍ଷିକ ହାରରେ ୧୭.୭ ପ୍ରତିଶତ ବୃଦ୍ଧି ସହିତ ମାର୍ଚ୍ଚ ୨୦୨୪ରେ ଶେଷ ହୋଇଥିବା ଆର୍ଥିକ ବର୍ଷରେ ୧୯.୫୮ ଲକ୍ଷ କୋଟି ଟଙ୍କା ସଂଗ୍ରହ ହୋଇଛି।

୧୭.ଗତ ଦଶନ୍ଧୀ ମଧ୍ୟରେ ବିଶ୍ୱ ସାମରିକ ଖର୍ଚ୍ଚରେ ରେକର୍ଡ ପରିମାଣ ବୃଦ୍ଧି ଘଟିଛି। ୨୦୨୩ରେ କେବଳ ଏଥିରେ ୬.୮ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ମୋଟ ଖର୍ଚ୍ଚ ୨,୪୪,୦୦୦ କୋଟି ଡଲାର ରହିଛି।

୧୮.ପ୍ରଥମଥର ନିମନ୍ତେ କଟକ ବଡ଼ ମେଡିକାଲରେ ଯକୃତ ପ୍ରତିରୋପଣ ସଫଳ ହୋଇଛି। ମାସେ ପୂର୍ବେ ଏହି ପ୍ରତିରୋପଣ କରାଯାଇଥିବା ବେଳେ ଯକୃତ ଗ୍ରହଣ କରିଥିବା ବ୍ୟକ୍ତି ଓ ଯକୃତଦାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହେଲାଣି।

୧୯.ହିନ୍ଦୁ ବିବାହ ଏକ ସଂସ୍କାର। ଏହା ଏକ ଧାର୍ମିକ ଉତ୍ସବ ମଧ୍ୟ। ରୀତିନୀତି ଏବଂ ପରମ୍ପରା ପାଳନ ନ କଲେ ପଞ୍ଜିକରଣ ହୋଇଥିଲେ ବି ବିବାହକୁ ବୈଧ କୁହାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

୨୦.ଓଡ଼ିଶାରେ ମୋବାଇଲ୍ ଗ୍ରାହକ ସଂଖ୍ୟା ୧ ଲକ୍ଷ ୭୫ ହଜାର ୮୯୦ ବଢ଼ି ମୋଟ ସଂଖ୍ୟା ୩ କୋଟି ୩୭ ଲକ୍ଷ ୬ ହଜାର ୩୫କୁ ବୃଦ୍ଧି ପାଇଛି।

୨୧.୨୦୨୪ ମାର୍ଚ୍ଚ ମାସରେ ଖଣିଜ ଉତ୍ପାଦନ ସୂଚକାଙ୍କ ୧୫୬.୧ରେ ପହଞ୍ଚିଛି ଯାହା ୨୦୨୩ ମାର୍ଚ୍ଚ ମାସ ତୁଳନାରେ ୧.୨% ବୃଦ୍ଧି ଦର୍ଶାଉଛି।

୨୨. ଆଷ୍ଟ୍ରାଜେନେକା ଦ୍ୱାରା ପ୍ରସ୍ତୁତ କୋଭିସିଲ୍ଡ ଟିକା ଗ୍ରହଣକାରୀଙ୍କ ଶରୀରରେ ବିରଳ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇପାରେ ବୋଲି କମ୍ପାନୀ ପ୍ରଥମ ଥର ପାଇଁ ବ୍ରିଟେନର ଏକ କୋର୍ଟରେ ସ୍ୱୀକାର କରିଛି।



ସମସ୍ୟା ସମାଧାନ ଲାଗି ଯାହା ଲୋଡ଼ା, ତାହା ହେଉଛି ସମୟ ଧୈର୍ଯ୍ୟ।

# ସାଧାରଣ ଜ୍ଞାନ

## ଜିଲ୍ଲା

୧.ନାମ - **ମୟୁରଭଞ୍ଜ**
୨.ଗଠନ - ୧ ଜାନୁଆରୀ ୧୯୪୯
୩.କ୍ଷେତ୍ରଫଳ - ୧୦୪୧୮ ବର୍ଗ.କି.ମି
୪.ଜନସଂଖ୍ୟା -୨୫୧୩୮୯୫ (ପୁରୁଷ- ୧୨୫୩୬୩୩, ମହିଳା- ୧୧୨୬୦୨୬୨)
୫.ଉପଖଣ୍ଡ - ୪ | ୬.ତହସିଲ - ୨୬
୭.ପଞ୍ଚାୟତ ସମିତି କାର୍ଯ୍ୟାଳୟ- ୨୬ | ୮.ଗ୍ରାମ ପଞ୍ଚାୟତ - ୩୮୨
୯.ଗ୍ରାମ - ୩୯୫୦ | ୧୦.ଥାନା - ୩୨
୧୧.ପୌରସଂସ୍ଥା - ୧ | ୧୨.ବିଜ୍ଞାପିତ ଅଞ୍ଚଳ ପରିଷଦ - ୩
୧୩.ଲୋକସଭା ଆସନ ସଂଖ୍ୟା - ୧ (ମୟୁରଭଞ୍ଜ)
୧୩.ବିଧାନସଭା ଆସନ - ୯ (୨୬-ଯଶିପୁର (ST), ୨୭. ସରସକଣା (ST), ୨୮-ରାଇରଙ୍ଗପୁର (ST), ୨୯-ବାଙ୍ଗିରିପୋଷୀ (ST), ୩୦-କରଞ୍ଜିଆ (ST), ୩୧-ଉଦଳା (ST), ୩୨-ବଡସାହି (SC), ୩୩-ବାରିପଦା (ST), ୩୪-ମୋରଡା)
୧୪.ସାକ୍ଷରତା ହାର - ୬୩.୯୮% (ପୁରୁଷ - ୭୪.୯୨%, ମହିଳା - ୫୩.୧୮%)
୧୫.ଶିଶୁ ଜନସଂଖ୍ୟା(୦-୬ ବର୍ଷ) - ୩୩୭୭୫୭(୯୫୨)
୧୬.ଜନସଂଖ୍ୟା ଘନତ୍ୱ - ୨୪୧/ବର୍ଗ କି.ମି.
୧୭.ଜନସଂଖ୍ୟା ବୃଦ୍ଧିହାର - ୧୩.୦୬%
୧୮.ଲିଙ୍ଗ ଅନୁପାତ - ୧୦୦୬ ମହିଳା /୧୦୦୦ ପୁରୁଷ
୧୯.ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୮୬
୨୦.ନିଆଁଲିଭା କେନ୍ଦ୍ର - ୬
୨୧.ଜଙ୍ଗଲ ଜମି - ୪୩୯୨ ବର୍ଗ କି.ମି.
୨୨.ହାରାହାରି ତାପମାତ୍ରା - ସର୍ବନିମ୍ନ ୩.୦° - ସର୍ବୋଚ୍ଚ ୪୨°
୨୩.ସାଧାରଣ ବୃଷ୍ଟିପାତ - ୧୬୦୦.୬ ମି.ମି.
୨୪.ମୋଟରଯାନ ପଞ୍ଜିକୃତ କୋଡ଼ - ଓ.ଡି.୧୧
୨୫.ପର୍ଯ୍ୟଟନ ସ୍ଥଳୀ - ବାରିପଦା, ଭୀମକୁଣ୍ଡ, ବିଶୋଇ, ଦେଓକୁଣ୍ଡ, ହରିପୁର, ଜାମଶୋଳା, ଯଷିପୁର, ଖିଚ୍ଚିଙ୍ଗ, କୁଚେଇ, କୁଲିଆନା, ମନାତ୍ରୀ, ରାଇରଙ୍ଗପୁର, ଶିମିଳପାଳ, ସାମିବୃକ୍ଷ

## ABBREVIATION

1. SVEEP - Systematic Voters' Education & Electoral Participation Cell
2. CSS - Central Staffing Scheme
3. IUCN - International Union for Conservation of Nature
4. INMA - International News Media Association
5. IVMA - Indian Vaccine Manufacturers Association
6. NOFHC - Non-Operative Financial Holding Company
7. IRGC - Iranian Islamic Revolutionary Guard Corps
8. CIH - Circularity Innovation Hub India Private Limited
9. GJEPC - Gem & Jewellery Export Promotion Council
10. NIPFP - National Institute of Public Finance and Policy

## ପୁସ୍ତକ

୧. ଈପ୍ସିତ ଆକାଶ - ସୌଭାଗିନୀ ପରିଡ଼ା
୨. ଅନ୍ତରଙ୍ଗ ଚରିତ୍ର - ମନୀନ୍ଦ୍ର କୁମାର ମେହେର
୩. ହୃଦୟ ଲଗ୍ନ - ପ୍ରତିଭା ରାୟ
୪. ଯକ୍ଷ - ସମ୍ବିତ ଶ୍ରୀକୁମାର
୫. ମାନସୀ କନ୍ୟା - ବାସନ୍ତୀ ପଟ୍ଟନାୟକ

1. The Winner's Mindset - Shane Watson
2. India's Nuclear Titans - Soumya Awasthi & Shrabana Barua
3. Just A Mercenary? - Duvvuri Subbarao
4. Knife - Salman Rushdie
5. The Idea of Democracy - Sam Pitroda

## କେନ୍ଦ୍ର ଶାସିତ ଅଞ୍ଚଳ

୧. ନାମ - **ଲାକ୍ଷାଦ୍ୱୀପ**
୨. ଲ୍ୟୁଟେନାଣ୍ଟ ରାଜ୍ୟପାଳ - ପ୍ରଫୁଲ୍ଲ ପଟେଲ
୩. ଗଠନ - ୧ ନଭେମ୍ବର ୧୯୫୬
୪. କ୍ଷେତ୍ରଫଳ - ୩୨.୬୯ ବର୍ଗ କି.ମି.
୫. ରାଜଧାନୀ - କବରତ୍ତୀ
୭. ଉଚ୍ଚ ନ୍ୟାୟାଳୟ - କେରଳ ଉଚ୍ଚ ନ୍ୟାୟାଳୟ
୮. ଲୋକସଭା ସଭ୍ୟ ସଂଖ୍ୟା - ୧
୯. ଜିଲ୍ଲା - ୧
୧୦. ଦ୍ୱୀପ - ୩୬
୧୦. ଗ୍ରାମ (ଦ୍ୱୀପ) ପଞ୍ଚାୟତ - ୧୦
୧୦. ମୁଖ୍ୟ ଭାଷା - ମାଲାୟାଲାମ୍, ଇଂରାଜୀ, ଜେସେରୀ, ଦିବେହୀ
୧୧. ଜନସଂଖ୍ୟା - ୬୪,୪୭୩ (୨୦୧୧)
୧୨. ଜନସଂଖ୍ୟା ଘନତ୍ୱ - ୧୯୭୬/ବର୍ଗ କି.ମି
୧୩. ଲିଙ୍ଗ ଅନୁପାତ - ୯୪୭ ମହିଳା/ ୧୦୦୦ ପୁରୁଷ
୧୪. ସାକ୍ଷରତା ହାର - ୯୧.୮୫%
୧୫. ପର୍ଯ୍ୟଟନ ସ୍ଥଳୀ - ସମସ୍ତ ଦ୍ୱୀପ ଭ୍ରମଣ ସହିତ ମିନିକୟ ବେଳାଭୂମି, ସ୍କୁବା ଡ଼ାଇଭିଂ, ଜଳ କ୍ରୀଡ଼ା, ସାମୁଦ୍ରିକ ମ୍ୟୁଜିୟମ୍, ବତୀଘର, ବିଳାସମୟ ନୌକା ବିହାର, ପାରାସେଲିଂ, ବିଚ୍ କ୍ୟାମ୍ପିଂ

## ସମ୍ମାନ/ପୁରସ୍କାର

୧. ଆଲୋକ ଶୁକ୍ଳା - ଗୋଲ୍ଡମ୍ୟାନ୍ ପରିବେଶ ପୁରସ୍କାର ୨୦୨୪
୨. ପାଭୁଲୁରୀ ସୁବ୍ବା ରାଓ - ଆର୍ଯ୍ୟଭଟ୍ଟ ପୁରସ୍କାର
୩. ଅଦ୍ୱୈତ ନାୟର - ଯୁବ ଗ୍ଲୋବାଲ୍ ଲିଡର୍ ୨୦୨୪
୪. ମମତା ସାଗର - ବିଶ୍ୱ ସାହିତ୍ୟ ପୁରସ୍କାର
୫. ରତନ ଟାଟା - କିସ୍ ମାନବିକତା ପୁରସ୍କାର ୨୦୨୧

## ନିଯୁକ୍ତି

୧. ସର୍ବଦାନନ୍ଦ ବର୍ଣ୍ଣୱାଲ - ନୂତନ ନିର୍ଦ୍ଦେଶକ, ଭାରତୀୟ ଜମି ସମ୍ବଳ ବିଭାଗ
୨. ଦୀନେଶ କୁମାର ତ୍ରିପାଠୀ - ନୂତନ ମୁଖ୍ୟ, ଭାରତୀୟ ନୌସେନା
୩. ନରସିଂହ ଯାଦବ - ନୂତନ ଅଧ୍ୟକ୍ଷ - ରେସଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆ ଆଥଲେଟ୍ସ କମିଶନ
୪. ସନ୍ତୋଷ ବିଶ୍ୱନାଥନ୍ - ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ଇଣ୍ଟେଲ୍ (ଭାରତ)
୫. ନଳୀନ ପ୍ରଭାତ - ମହାନିର୍ଦ୍ଦେଶକ, ଜାତୀୟ ସୁରକ୍ଷା କର୍ମୀ

## ଦେହାନ୍ତ

୧. ସୁବ୍ରହ୍ମଣ୍ୟ ଧରେଶ୍ୱର (୬୬) - ଯକ୍ଷଗାନ ପ୍ରଦର୍ଶକ
୨. ସୁଧୀର କକର (୮୫) - ଭାରତୀୟ ମନୋବିଜ୍ଞାନର ଜନକ
୩. ରମଣ ସୁବ୍ବା ରୋ (୯୨) - ଇଂଲଣ୍ଡର ପୂର୍ବତନ ଟେଷ୍ଟ ବ୍ୟାଟ୍ସମ୍ୟାନ୍
୪. କେ ଜି ଜୟନ୍ (୯୦) - ଜଣାଶୁଣା କର୍ଣ୍ଣାଟକୀ ସଂଗୀତଜ୍ଞ
୫. ଗଙ୍ଗୁ ରାମସେ (୮୩) - କିମ୍ବଦନ୍ତୀ ସିନେମାଟୋଗ୍ରାଫର

## ଓଡ଼ିଶା

୧. ଓଡ଼ିଶାର କେଉଁ ଜିଲ୍ଲାରେ ବିମାନ ପ୍ରଶିକ୍ଷଣ ଏବଂ ପାଇଲଟ୍ ଶିକ୍ଷା ଯୋଗାଇବା ପାଇଁ 'ବିଜୁ ପଟ୍ଟନାୟକ ବିମାନ ଚଳାଚଳ କେନ୍ଦ୍ର' ପ୍ରତିଷ୍ଠା କରିବାକୁ ଯୋଜନା କରାଯାଇଛି ?
(କ) ଭୁବନେଶ୍ୱର (ଖ) କଟକ (ଗ) ପୁରୀ (ଘ) ଢେଙ୍କାନାଳ

୨. ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ସହଯୋଗରେ କେଉଁ ଅନୁଷ୍ଠାନ, ସହଯୋଗ ଭିତ୍ତିକ ପୂର୍ବାନୁମାନ ଏବଂ ତ୍ୱରିତ ଚେତାବନୀ ବ୍ୟବସ୍ଥା ମାଧ୍ୟମରେ ନିଜର ବିପର୍ଯ୍ୟୟ ପରିଚାଳନାକୁ ମଜବୁତ କରିବାକୁ ଯାଉଛି ?
(କ) IIT, ଦିଲ୍ଲୀ (ଖ) NIT, ରାଉରକେଲା
(ଗ) RIMES, ବ୍ୟାଙ୍କକ୍ (ଘ) ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ

୩. ସମସ୍ତ ବ୍ୟାଙ୍କ୍ ପଞ୍ଚାୟତକୁ ବ୍ୟାଙ୍କ ସେବା ଯୋଗାଇବା ପାଇଁ ଓଡିଶାର 'ଆମ ବ୍ୟାଙ୍କ' ପଦକ୍ଷେପ ଅନୁଯାୟୀ କେତେ ଗ୍ରାହକ ସେବା କେନ୍ଦ୍ର ଆରମ୍ଭ କରାଯାଇଥିଲା ?
(କ) ୧୫୦୦ (ଖ) ୧୮୦୦ (ଗ) ୨୦୦୦ (ଘ) ୨୫୦୦

୪. କୁଳଡିହା ବନ୍ୟପ୍ରାଣୀ ଅଭୟାରଣ୍ୟ ଓଡିଶାର କେଉଁ ଜିଲ୍ଲାରେ ଅବସ୍ଥିତ ?
(କ) କଟକ (ଖ) ପୁରୀ (ଗ) ବାଲେଶ୍ୱର (ଘ) ଭଦ୍ରକ

୫. କେଉଁ ମସିହା ପର୍ଯ୍ୟନ୍ତ ଓଡିଶା ସରକାର ଏହାର ନିର୍ଦ୍ଦେଶିତ କ୍ଷେତ୍ର ବିକାଶ ଏବଂ ଜଳ ପରିଚାଳନା ଯୋଜନାକୁ ୭୬୩.୪୭ କୋଟି ଟଙ୍କା ବ୍ୟୟ ଅଟକଳରେ ବୃଦ୍ଧି କରିଛନ୍ତି ?
(କ) ୨୦୨୫ (ଖ) ୨୦୨୭ (ଗ) ୨୦୨୯ (ଘ) ୨୦୩୧

୬. ଶକ୍ତି, ପରିବେଶ ଏବଂ ଜଳ ପରିଷଦ ତରଫରୁ କିଏ କ୍ଷୁଦ୍ର ଜଳସେଚନ ପ୍ରଣାଳୀ ଗ୍ରହଣ କରି କୃଷି ପ୍ରଣାଳୀ ବଦଳାଇ ମହାନଦୀ ନଦୀ ଅବବାହିକାରେ ଜଳ ଅଭାବକୁ ହ୍ରାସ କରିବାକୁ ପରାମର୍ଶ ଦେଇଛନ୍ତି ?
(କ) ଡ. ଅରୁଣଭ ଘୋଷ (ଖ) ଅନିଲ କାକୋଦକର
(ଗ) ନିତିନ ବସ୍ସି (ଡି) ଜାମସେଦ ଗୋଦ୍ରେଜ

୭. କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିପୋର୍ଟ ଅନୁଯାୟୀ ଓଡିଶାର କେଉଁ ସହରରେ ବାୟୁ ଗୁଣବତ୍ତା ସୂଚକାଙ୍କ ମୂଲ୍ୟ ୩୦୪ ରହିଛି ?
(କ) ଭୁବନେଶ୍ୱର (ଖ) ବଡ଼ବିଲ (ଗ) କଟକ (ଘ) ରାଉରକେଲା

୮. କଣିହାରେ ଅବସ୍ଥିତ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର କେଉଁ ଜଳ ଉତ୍ସ ଉପରେ ନିର୍ଭର କରେ ?
(କ) ହିରାକୁଦ ଜଳଭଣ୍ଡାର (ଖ) ଚିଲିକା ହ୍ରଦ
(ଗ) ସମଲ ବ୍ୟାରେଜ୍ ଜଳଭଣ୍ଡାର (ଘ) ଅଂଶୁପା ହ୍ରଦ

୯. ଦକ୍ଷିଣ ଓଡିଶାର ନଦୀଗୁଡିକରେ ଜଳ ଅଭାବର ମୁଖ୍ୟ କାରଣ କ'ଣ ?
(କ) ଅତିନିମ୍ନ ବୃଷ୍ଟିପାତ (ଖ) ପ୍ରବଳ ବାୟୁ ପ୍ରବାହ
(ଗ) ମୌସୁମୀ ବର୍ଷା ହ୍ରାସ ଏବଂ ବର୍ଷା ଢାଞ୍ଚାରେ ପରିବର୍ତ୍ତନ
(ଘ) ସମୁଦ୍ର ପତ୍ତନ ବୃଦ୍ଧି

୧୦. ଛୋଟନାଗପୁର ମାଳଭୂମିରୁ ଉତ୍ପନ୍ନ କେଉଁ ନଦୀ ସୁନ୍ଦରଗଡ ଜିଲ୍ଲା ଦେଇ ଓଡିଶାରେ ପ୍ରବାହିତ ?
(କ) ବ୍ରାହ୍ମଣୀ (ଖ) ବୈତରଣୀ (ଗ) ସୁବର୍ଣ୍ଣରେଖା (ଘ) ମହାନଦୀ

## ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. କରେଣ୍ଟ : ସରକିଟ :: ପୃଥିବୀ: ?
(କ) ଗ୍ରହ (ଖ) ସୂର୍ଯ୍ୟ (ଗ) କକ୍ଷ (ଘ) ପଥ

୨. ଭଲ : ଖରାପ :: ଛାତ :
(କ) ଝରକା (ଖ) ଚଟାଣ (ଗ) କାନ୍ଥ (ଘ) ଖୁଣ୍ଟ

୩. ହରି ଦକ୍ଷିଣ-ପୂର୍ବ ଦିଗକୁ ମୁହଁ କରି ଠିଆ ହୋଇଥିଲା । ହଠାତ୍ ସେ ୯୦°ଘଣ୍ଟା କଣ୍ଟା ଦିଗରେ ବୁଲିଲା ଏବଂ ଘଣ୍ଟା କଣ୍ଟାର ବିପରିତ ଦିଗରେ ସେଠାରୁ ୧୩୫° ବୁଲି ଫେରିଲା ପରେ ତା' ମୁହଁ କେଉଁ ଦିଗକୁ ରହିବ ?
(କ) ପୂର୍ବ (ଖ) ପଶ୍ଚିମ (ଗ) ଦକ୍ଷିଣ (ଘ) ଉତ୍ତର

୪. KMF : LLH :: RMS
(କ) SLR (ଖ) SLU (ଗ) SSU (ଘ) SUS



୫. DE : ୧୦ :: HI : ?
(କ) ୧୮ (ଖ) ୨୦ (ଗ) ୩୬ (ଘ) ୪୬

୬. କେଉଁଟି ଅଲଗା ଅଟେ ?
ଜାନୁଆରୀ, ମଇ, ଜୁଲାଇ, ନଭେମ୍ବର
(କ) ଜାନୁଆରୀ (ଖ) ମଇ (ଗ) ଜୁଲାଇ (ଘ)ନଭେମ୍ବର

୭. ଯଦି POPULAR ଅକ୍ଷରଗୁଡ଼ିକୁ QPQVMBS ବୁଝାଏ, ତେବେ EZLNTR କାହାକୁ ବୁଝାଇବ ?
(କ)FARMER (ଖ)FAMOUS (ଗ)FRAMES (ଘ)FAMOTH

୮. ଗୋଟିଏ ପରିବାରରେ ଜଣେ ପୁରୁଷ, ତା'ର ସ୍ତ୍ରୀ, ସେମାନଙ୍କର ୪ଟି ପୁତ୍ର ଏବଂ ସେମାନଙ୍କର ସ୍ତ୍ରୀ । ପ୍ରତ୍ୟେକ ପୁତ୍ରଙ୍କର ୩ଟି ପୁତ୍ର ୧ଟି ଝିଅ । ତେବେ ପରିବାରେ କେତୋଟି ପୁରୁଷ ଲୋକ ଅଛନ୍ତି?
(କ) ୪ (ଖ) ୮ (ଗ) ୧୨ (ଘ) ୧୭

୯. ଯଦି ବିୟୋଗ ଗୁଣନ ହୁଏ, ଗୁଣନ ଯୋଗ ହୁଏ, ଯୋଗ ହରଣ ହୁଏ ଏବଂ ହରଣ ବିୟୋଗ ହୁଏ, ତେବେ ୫+୫x୨୦ ୭x୧୫=?
(କ) ୨୯ (ଖ) ୩୦ (ଗ) ୨୫ (ଘ) ୩୧

୧୦. ପଶୁ, ଓଟ, ଜିରାଫ - ଏଗୁଡିକୁ ଭେନ୍ ଚିତ୍ର ଦ୍ୱାରା ଦର୍ଶାଅ ।
(କ)  (ଖ)  (ଗ)  (ଘ) 

**ଉତ୍ତର**

୧.(ଘ) ଢେଙ୍କାନାଳ, ୨.(ଗ) RIMES, ବ୍ୟାଙ୍କକକ୍, ୩.(ଗ) ୨୦୦୦, ୪.(ଗ) ବାଲେଶ୍ୱର, ୫.(ଗ) ୨୦୨୯, ୬.(ଗ) ନିତିନ ବସ୍ସି, ୭.(ଖ) ବଡ଼ବିଲ, ୮.(ଗ) ସମଲ ବ୍ୟାରେଜ୍ ଜଳଭଣ୍ଡାର, ୯.(ଗ) ମୌସୁମୀ ବର୍ଷା ହ୍ରାସ ଏବଂ ବର୍ଷା ଢାଞ୍ଚାରେ ପରିବର୍ତ୍ତନ, ୧୦.(କ) ବ୍ରାହ୍ମଣୀ

୧.(ଗ) କକ୍ଷ, ୨.(ଖ) ଚଟାଣ, ୩.(ଖ) ପଶ୍ଚିମ, ୪.(ଖ) SLU, ୫.(କ) ୧୮, ୬.(ଘ) ନଭେମ୍ବର, ୭.(ଖ)FAMOUS, ୮.(ଘ) ୧୭, ୯.(କ) ୨୯, ୧୦.(ଖ) 



କରୁଣା ହେଉଛି ଏକମାତ୍ର ଗୁଣ ଯାହା ମନୁଷ୍ୟକୁ ଦେବତାଙ୍କ ସ୍ତରକୁ ନେଇଯାଇପାରେ ।

## ଇତିହାସ

୧. ପ୍ରସ୍ତର ଯୁଗରେ ଆଦିମାନବ ପାଇଁ ମନୋରଞ୍ଜନର ମାଧ୍ୟମ କ'ଣ ଥିଲା ?
(କ) ଜୁଆ ଖେଳ (ଖ) ସଂଗୀତ
(ଗ) ଶିକାର (ଘ) ଘୋଡା ଦୌଡ

୨. ଇତିହାସରେ ମାନବ ଦ୍ୱାରା ପାଳିତ ପ୍ରଥମ ପଶୁ କିଏ ଥିଲା ?
(କ) ଘୋଡା (ଖ) କୁକୁର (ଗ) ମେଣ୍ଢା (ଘ) ଛେଳି

୩. ସିନ୍ଧୁ ସଭ୍ୟତାର କେଉଁ ସ୍ଥଳଟି ପ୍ରଥମେ ଆବିଷ୍କୃତ ହୋଇଥିଲା ?
(କ) ସୁକ୍ରୋଙ୍ଗେଁଦର୍ (ଖ) ହରପ୍ପା
(ଗ) ଲୋଥଲ୍ (ଘ) ମହେଞ୍ଜୋଦାରୋ

୪. କେଉଁ ଧାତୁ ପ୍ରଥମେ ମଣିଷ ଦ୍ୱାରା ବ୍ୟବହୃତ ହୋଇଥିଲା ?
(କ) ରୂପା (ଖ) କଂସା (ଗ) ପିତ୍ତଳ (ଘ) ତମ୍ବା

୫. ଭାରତକୁ ଆର୍ଯ୍ୟମାନେ କେଉଁଠାରୁ ଆସିଥିଲେ ?
(କ) ଅଷ୍ଟ୍ରେଲିଆ (ଖ) ମଧ୍ୟ ଏସିଆ
(ଗ) ଦକ୍ଷିଣ-ପୂର୍ବ ଏସିଆ (ଘ) ପୂର୍ବ ୟୁରୋପ

୬. ଋକବେଦରେ କେଉଁ ନଦୀକୁ ସବୁଠାରୁ ପବିତ୍ର ରୂପେ ଉଲ୍ଲେଖ କରାଯାଇଛି ?
(କ) ଗଙ୍ଗା (ଖ) ସିନ୍ଧୁର (ଗ) ସରସ୍ୱତୀ (ଘ) ଯମୁନା

୭. ହିନ୍ଦୁ ରୀତିନୀତି ଉପରେ ଲେଖାଯାଇଥିବା ପୁସ୍ତକ 'ମିତାକ୍ଷରା'ର ଲେଖକ କିଏ ?
(କ) ନୟଚନ୍ଦ୍ର (ଖ) ବିଜ୍ଞାନେଶ୍ୱର
(ଗ) କମ୍ବନ୍ (ଘ) ଆମୋଘବର୍ଷ

୮. ଭାରତର ପ୍ରତୀକର ଚିହ୍ନରେ ଦର୍ଶାଯାଇଥିବା 'ସତ୍ୟମେବ ଜୟତେ' ଉକ୍ତି କେଉଁଠାରୁ ନିଆଯାଇଛି ?
(କ) ରାମାୟଣ (ଖ) ମୁଣ୍ଡକ ଉପନିଷଦ
(ଗ) ଋକବେଦ (ଘ) ସତ୍‌ପଥ ବ୍ରାହ୍ମଣ

୯. କେଉଁମାନେ ଜାତକକୁ ଏକ ପବିତ୍ର ପୁସ୍ତକ ରୂପେ ସମ୍ମାନ ଦିଅନ୍ତି ?
(କ) ବୌଦ୍ଧ (ଖ) ଜୈନ (ଗ) ଶୈବ (ଘ) ବୈଷ୍ଣବ

୧୦. ଭାରତୀୟ ସଭ୍ୟତା ସହିତ କାହାର ନାମ ଜଡିତ ?
(କ) ଡି. ଡି. ଗୋସ୍ୱାମୀ
(ଖ) ସାର୍ ମୋର୍ଟିମର୍ ହ୍ୱିଲର୍
(ଗ) ସାର୍ ଭିସେଣ୍ଟେ ସ୍ମିଥ୍
(ଘ) ସାର୍ ଆଲେକ୍ସଜାଣ୍ଡର୍ କନିଙ୍ଗହମ୍

## ବାଣିଜ୍ୟ

୧. ଭାରତର ଏକ କମ୍ପାନୀ ଦ୍ୱାରା ସର୍ବାଧିକ କେତେ ସମୟ ପାଇଁ ନିଜ ପସନ୍ଦର ଅଂଶଧନ ପ୍ରଦାନ କରାଯାଇପାରିବ ?
(କ) ୧୦ ବର୍ଷ (ଖ) ୧୫ ବର୍ଷ (ଗ) ୨୦ ବର୍ଷ (ଘ) ଅସୀମିତ ଅବଧି

୨. ଉତ୍ପାଦ ଶୃଙ୍ଖଳା ଆଧାରରେ କାର୍ଯ୍ୟକଳାପର ଗୋଷ୍ଠୀକରଣ କାହାର ଅଂଶ ?
(କ) ପ୍ରତିନିଧି ସଂଗଠନ (ଖ) ବିଭାଗୀୟ ସଂଗଠନ
(ଗ) କାର୍ଯ୍ୟକ୍ଷମ ସଂଗଠନ (ଘ) ସ୍ୱୟଂଶାସିତ ସଂଗଠନ

୩. ୧୯୭୦ ମସିହାରେ ଜାପାନର ଏକ କମ୍ପାନୀ ଦ୍ୱାରା ବିକଶିତ ହୋଇଥିବା 'ଜଷ୍ଟ୍ ଇନ୍ ଟାଇମ୍' କ'ଣ ଥିଲା ?
(କ) ହୋଣ୍ଡା ଉତ୍ପାଦନ ପ୍ରଣାଳୀ (ଖ) ଇସୁଜୁ ଉତ୍ପାଦନ ପ୍ରଣାଳୀ
(ଗ) ଟୋୟୋଟା ଉତ୍ପାଦନ ପ୍ରଣାଳୀ (ଘ) କାୱାସାକି ଉତ୍ପାଦନ ପ୍ରଣାଳୀ

୪. କେବେ ସୁଦ୍ଧା ଭାରତର ଇ-କମର୍ସ ମାର୍କେଟ ବିଶ୍ୱର ତୃତୀୟ ବୃହତ୍ତମ ଦେଶ ହେବାକୁ ଆକଳନ କରାଯାଇଛି ?
(କ) ୨୦୨୬ (ଖ) ୨୦୨୭ (ଗ) ୨୦୨୯ (ଘ) ୨୦୩୦

୫. ଦୁବାଇ ନିର୍ମାଣ କରୁଥିବା ବିଶ୍ୱର ସର୍ବବୃହତ ଅନ୍ତର୍ଜାତୀୟ ବିମାନବନ୍ଦରର ନାମ କ'ଣ, ଯେଉଁଥିରେ ୪୦୦ ଫାଟକ, ୫ଟି ରନୱେ ଏବଂ ୨୬୦ ନିୟୁତ ଯାତ୍ରୀଙ୍କ କ୍ଷମତା ରହିଛି ?
(କ) ଅଲ ମକତୁମ୍ (ଖ) ଅଲ ମୁଲ୍ଲା (ଗ) ଅଲ ମନର (ଘ) ଅଲ ମସୁଦି

୬. ଭାରତର ଡିଜିଟାଲ ଅର୍ଥନୀତି ୨୦୩୦ ସୁଦ୍ଧା କେତେ ଗୁଣ ବଢିବ ବୋଲି ଆଶା କରାଯାଉଛି ?
(କ) ୪ ଗୁଣ (ଖ) ୫ ଗୁଣ (ଗ) ୬ ଗୁଣ (ଘ) ୭ ଗୁଣ

୭. ୨୦୨୪ରେ ବିଶ୍ୱର କେଉଁ ଦେଶ ସର୍ବବୃହତ ତୈଳ ଉତ୍ପାଦନକାରୀ ଭାବରେ ନିଜର ସ୍ଥିତି ବଜାୟ ରଖିଛି ?
(କ) ଚୀନ (ଖ) ଆମେରିକା (ଗ) ରୁଷ (ଘ) ସାଉଦି ଆରବ

୮. ଭାରତର ମହାରାଷ୍ଟ୍ରରେ ଅବସ୍ଥିତ କେଉଁ ସହର 'କପାର ସହର' ଭାବରେ ପ୍ରସିଦ୍ଧ, ଯେଉଁଠାରେ ଐତିହାସିକ ରେମଣ୍ଡ ମିଲ ଅଛି ?
(କ) ଅକୋଲା (ଖ) ସତାରା (ଗ) ଭୂଷାବଲ (ଘ) ୟବତମାଲ

୯. ଗତ ୧୫ ବର୍ଷ ମଧ୍ୟରେ ଚୀନର ଶିଳ୍ପ ସାମଗ୍ରୀ ଉପରେ ଭାରତର ନିର୍ଭରଶୀଳତା କେତେ ପ୍ରତିଶତ ବୃଦ୍ଧି ପାଇଛି ?
(କ) ୨୧ରୁ ୩୦ (ଖ) ୨୧ରୁ ୨୫ (ଗ) ୨୧ରୁ ୩୫ (ଘ) ୨୧ରୁ ୧୫

୧୦. ଭାରତ ସରକାର କାହାକୁ କେରଳର ଭିଜିଞ୍ଜମ୍ ବନ୍ଦରକୁ ଭାରତର ଉଦଘାଟନୀ ପରିବହନ ବନ୍ଦର ଭାବରେ ପରିଚାଳନା କରିବାକୁ ଅନୁମତି ଦେଇଛନ୍ତି ?
(କ) ରିଲାୟାନ୍ସ (ଖ) ଜିନ୍ଦଲ (ଗ) ଅଦାନୀ (ଘ) ଗୁଜରାତ ପିପାଭବ

**ଉତ୍ତର**

**୧.(ଗ) ଶିକାର, ୨.(ଗ) ମେଣ୍ଢା, ୩.(ଖ) ହରପ୍ପା, ୪.(ଘ) ତମ୍ବା, ୫.(ଖ) ମଧ୍ୟ ଏସିଆ, ୬.(ଗ) ସରସ୍ୱତୀ, ୭.(ଖ) ବିଜ୍ଞାନେଶ୍ୱର, ୮.(ଖ) ମୁଣ୍ଡକ ଉପନିଷଦ, ୯.(କ) ବୌଦ୍ଧ, ୧୦.(ଘ) ସାର୍ ଆଲେକ୍ସଜାଣ୍ଡର୍ କନିଙ୍ଗହମ୍**

**୧.(ଗ) ୨୦ ବର୍ଷ, ୨.(ଖ) ବିଭାଗୀୟ ସଂଗଠନ, ୩.(ଗ) ଟୋୟୋଟା ଉତ୍ପାଦନ ପ୍ରଣାଳୀ, ୪.(ଘ) ୨୦୩୦, ୫.(କ) ଅଲ ମକତୁମ୍, ୬.(ଗ) ୬ ଗୁଣ, ୭.(ଖ) ଆମେରିକା, ୮.(ଘ) ୟବତମାଲ, ୯.(କ) ୨୧ରୁ ୩୦, ୧୦.(ଗ) ଅଦାନୀ**

## ଅର୍ଥନୀତି

୧. ଆର୍ଥିକ ସର୍ବେକ୍ଷଣ ୨୦୨୨-୨୩ ଅନୁଯାୟୀ, ଭାରତର ଶିକ୍ଷାକ୍ଷେତ୍ର ଉପରେ ମୋଟ ଘରୋଇ ଉତ୍ପାଦନର କେତେ ପ୍ରତିଶତ ବ୍ୟୟ କରାଯାଏ ?
(କ) ପ୍ରାୟ ୨% (ଖ) ପ୍ରାୟ ୩% (ଗ) ପ୍ରାୟ ୪% (ଘ) ପ୍ରାୟ ୫%

୨. ଉପଭୋକ୍ତାର ତତ୍କାଳ ଆବଶ୍ୟକତା ପୂରଣ କରିବା ପାଇଁ ନୁହେଁ ବରଂ ଅନ୍ୟ ବସ୍ତୁଗୁଡିକର ଉତ୍ପାଦନ ପାଇଁ ବସ୍ତୁଗୁଡିକୁ କ'ଣ କୁହାଯାଏ ?
(କ) ଉପଭୋକ୍ତା ବସ୍ତୁ (ଖ) ପୁଞ୍ଜିଗତ ବସ୍ତୁ
(ଗ) ଉପଭୋଗ ବସ୍ତୁ (ଘ) ଅନ୍ତିମ ବସ୍ତୁ

୩. ଉପଭୋକ୍ତା ମୂଲ୍ୟ ସୂଚକାଙ୍କର ଉପଯୋଗ ଦ୍ୱାରା ଏକ ଦେଶର କ'ଣ ଗଣନା କରାଯାଏ ?
(କ) ବିଦେଶୀ ମୁଦ୍ରା (ଖ) ଘରୋଇ ଉତ୍ପାଦନ
(ଗ) ଆୟକର (ଘ) ଖୁଚୁରା ମୁଦ୍ରାସ୍ଫୀତି

୪. ଭାରତୀୟ ଅର୍ଥ ବ୍ୟବସ୍ଥାରେ ମୋଟ ଘରୋଇ ଉତ୍ପାଦନରେ ପ୍ରଧାନତଃ କେଉଁ କ୍ଷେତ୍ରର ପ୍ରମୁଖତା ଅଧିକ ?
(କ) ସେବା କ୍ଷେତ୍ର (ଖ) ଉଦ୍ୟୋଗ କ୍ଷେତ୍ର
(ଗ) କୃଷି କ୍ଷେତ୍ର (ଘ) ଶିକ୍ଷା କ୍ଷେତ୍ର

୫. ବିଗତ ୧୦ ବର୍ଷରେ ଭାରତର କେଉଁ ପ୍ରମୁଖ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ଆର୍ଥିକ ଅନୁଦାନ କ୍ରମଶଃ ହ୍ରାସ ପାଇଛି ?
(କ) ନିର୍ମାଣ (ଖ) ସ୍ୱାସ୍ଥ୍ୟ (ଗ) କୃଷି (ଘ) ଶିକ୍ଷା

୬. ଭାରତୀୟ ସମ୍ବିଧାନରେ ପଞ୍ଚବାର୍ଷିକ ଯୋଜନାଗୁଡିକର ଅବଧାରଣା କାହାଠାରୁ ନିଆଯାଇଛି ?
(କ) ରୁଷ (ଖ) ଇଂଲଣ୍ଡ (ଗ) ଆମେରିକା (ଘ) ଚୀନ

୭. 'ସୁବର୍ଣ୍ଣ କ୍ରାନ୍ତି' କାହା ସହିତ ସମ୍ବନ୍ଧିତ ?
(କ) ଖଣିଜ ଉତ୍ପାଦନ (ଖ) ଡାଲି ଚାଷ
(ଗ) ଝୋଟ ଚାଷ (ଘ) ମହୁ ଚାଷ

୮. ଦୁଗ୍ଧଜାତୀୟ ବ୍ୟବସାୟ, ଆର୍ଥିକ ଗତିବିଧିର କେଉଁ କ୍ଷେତ୍ରରେ ଅନ୍ତର୍ଗତ ?
(କ) ତୃତୀୟକ (ଖ) ପ୍ରାଥମିକ (ଗ) ମାଧ୍ୟମିକ (ଘ) ଚତୁରାର୍ଦ୍ଧକ

୯. ଭାରତୀୟ ଯୋଜନା ଆୟୋଗର ସ୍ଥାପନା କେବେ କରାଗଲା ?
(କ) ୨୦୧୯ (ଖ) ୨୦୦୦ (ଗ) ୧୯୪୭ (ଘ) ୧୯୫୦

୧୦. ଭାରତ କେଉଁ ପଞ୍ଚବାର୍ଷିକ ଯୋଜନାରେ ମିଶ୍ରିତ ଅର୍ଥବ୍ୟବସ୍ଥାକୁ ଆପଣାଇଲା ?
(କ) ୪ର୍ଥ (ଖ) ୨ୟ (ଗ) ୩ୟ (ଘ) ୧ମ

## କ୍ରୀଡ଼ା

୧. ବିଶ୍ୱ ଚେସ୍ ଚାମ୍ପିଆନଶିପ ଚାଲେଞ୍ଜର ନିର୍ଣ୍ଣୟପାଇଁ ଉଦ୍ଦିଷ୍ଟ କ୍ୟାଣ୍ଡିଡେଟ୍ସ ପ୍ରତିଯୋଗିତା ଏବେ କାନାଡ଼ାର କେଉଁଠାରେ ହୋଇଥିଲା ?
(କ) ଓଟାଓ୍ୱା (ଖ) କାଲଗାରୀ (ଗ) ଟରୋଣ୍ଟୋ (ଘ) ୱିନିପେଗ୍

୨. ୨୦୨୪ର ଏହି କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟର ଓପନ୍ ଓ ମହିଳା ୨ଟି ବିଭାଗରେ ଭାରତର ମୋଟ କେତେଜଣ ଖେଳାଳି ଖେଳୁଥିଲେ ?
(କ) ୨ଜଣ (ଖ) ୩ଜଣ (ଗ) ୪ଜଣ (ଘ) ୫ଜଣ

୩. ୨୦୨୪ର କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟର ଓପନ୍ ବିଭାଗରେ ଏମାନଙ୍କ ମଧ୍ୟରୁ କେଉଁ ଭାରତୀୟ ଖେଳାଳି ଅଂଶଗ୍ରହଣ କରିନଥିଲେ ?
(କ) ଅର୍ଜୁନ ଏରିଗେସୀ (ଖ) ରମେଶବାବୁ ପ୍ରଜ୍ଞାନନ୍ଦ
(ଗ) ବିଦିତ୍ ଗୁଜରାଟୀ (ଘ) ଡି. ଗୁକେଶ

୪. ୨୦୨୪ର କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟର ଓପନ୍ ବିଭାଗରେ ଚାମ୍ପିଆନ ହୋଇଥିବା ତାରକାଙ୍କ ନାମ କଣ ?
(କ) ହିକାରୁ ନାକାମୁରା (ଖ) ଇଆନ୍ ନେପୋମ୍ନିଆଚି
(ଗ) ଡି. ଗୁକେଶ (ଘ) ଫାବିୟାନୋ କାରୁଆନା

୫. ୨୦୨୪ର କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟର ମହିଳା ବିଭାଗରେ ଚୀନର ଟାନ୍ ଝୋଙ୍ଗୟିଙ୍କ ପଛକୁ ରହି କିଏ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି ?
(କ) କୋନେରୁ ହମ୍ପି (ଖ) ଲେଇ ତିଙ୍ଗଜିଏ
(ଗ) ଆର. ବୈଶାଳୀ (ଘ) କାଟେରିନା ଲାଗାନୋ

୬. ଏବେ କ୍ଲାସିକାଲ ଫର୍ମାଟ୍‌ରେ ବିଶ୍ୱ ଚେସ୍ ଚାମ୍ପିଆନ କିଏ ଅଛନ୍ତି ?
(କ)ମ୍ୟାଗନସ୍ କାର୍ଲସନ୍ (ଖ)ଫାବିୟାନୋ କାରୁଆନା
(ଗ) ଡିଙ୍ଗ୍ ଲିରେନ୍ (ଘ) ଇଆନ୍ ନୋପିମ୍ନିଆଚି

୭. ଏବେ କ୍ଲାସିକାଲ ଫର୍ମାଟ୍‌ରେ ମହିଳା ବିଶ୍ୱ ଚେସ୍ ଚାମ୍ପିଆନ କିଏ ?
(କ) ହୋଉ ୟିଫାନ୍ (ଖ) ଜୁ ୱେନ୍‌ଜୁନ୍
(ଗ) ମାରିୟା ମୁଜିଚୁକ୍ (ଘ) ଟାନ୍ ଝୋଙ୍ଗୟି

୮. ୨୦୨୪ର ପ୍ୟାରିସ୍ ଅଲିମ୍ପିକ୍‌ରେ ୩୨ଟି ଖେଳରେ ମୋଟ କେତୋଟି ସ୍ୱର୍ଣ୍ଣପଦକ ସକାଶେ ପ୍ରତିଦ୍ୱନ୍ଦ୍ୱିତା ହେବ ?
(କ) ୩୦୯ଟି (ଖ) ୩୧୯ଟି (ଗ) ୩୨୩ଟି (ଘ) ୩୨୯ଟି

୯. ୨୦୨୩-୨୪ର ପ୍ରୋ କବାଡ଼ି ଲିଗ୍‌ରେ କିଏ ଚାମ୍ପିଆନ ହୋଇଛି ?
(କ) ପୁନେରୀ ପଲଟନ୍ (ଖ) ହରିୟାଣା ଷ୍ଟିଲର୍ସ
(ଗ) ପାଟନା ପାଇରେଟ୍ସ (ଘ) ଜୟପୁର ପିଙ୍କ୍ ପାନ୍ଥର୍ସ

୧୦. ୨୦୨୩-୨୪ର ପ୍ରୋ କବାଡ଼ି ଲିଗ୍‌ରେ ସର୍ବାଧିକ ପଏଣ୍ଟ ହାସଲ କରିଥିବା ଖେଳାଳିଙ୍କ ନାମ କଣ ?
(କ) ଅର୍ଜୁନ ଦେଶୱାଲ (ଖ) ଆଶୁ ମଲିକ
(ଗ) ମନିନ୍ଦର ସିଂହ (ଘ) ପୱନ ସେହରାୱତ

### ଉତ୍ତର

**୧.(ଖ) ପ୍ରାୟ ୩%, ୨.(ଖ) ପୁଞ୍ଜିଗତ ବସ୍ତୁ, ୩.(ଘ) ଖୁଚୁରା ମୁଦ୍ରାସ୍ଫୀତି, ୪.(କ) ସେବା କ୍ଷେତ୍ର, ୫.(ଗ) କୃଷି, ୬.(କ) ରୁଷ, ୭.(ଘ) ମହୁ ଚାଷ, ୮.(ଖ) ପ୍ରାଥମିକ, ୯.(ଘ) ୧୯୫୦, ୧୦.(ଖ) ୨ୟ**

**୧.(ଗ) ଟରୋଣ୍ଟୋ, ୨.(ଘ) ୫ଜଣ, ୩.(କ) ଅର୍ଜୁନ ଏରିଗେସୀ, ୪.(ଗ) ଡି. ଗୁକେଶ, ୫.(କ) କୋନେରୁ ହମ୍ପି, ୬.(ଗ) ଡିଙ୍ଗ୍ ଲିରେନ୍, ୭.(ଖ) ଜୁ ୱେନ୍‌ଜୁନ୍, ୮.(ଘ) ୩୨୯ଟି, ୯.(କ) ପୁନେରୀ ପଲଟନ୍, ୧୦.(ଖ) ଆଶୁ ମଲିକ**

## ସାହିତ୍ୟ, କଳା ଓ ସଂସ୍କୃତି

୧. ଏବେ ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ଥିବା ହୋର୍ମୁସ୍‌ଜୀ ଏନ. କାମା ନିକଟରେ କେଉଁ ପ୍ରମୁଖ ପୁରସ୍କାର ଲାଭ କରିଛନ୍ତି ?
(କ) ପଦ୍ମଭୂଷଣ (ଖ) ରମଣ ମାଗାସେସେ
(ଗ) ପଦ୍ମବିଭୂଷଣ (ଘ) ସାହିତ୍ୟ ଅକାଦେମୀ

୨. ୨୦୨୪ରେ କୁନ୍ଦନ ବ୍ୟାସଙ୍କୁ କେଉଁ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରାଯାଇଛି ?
(କ) ବିଜ୍ଞାନ ଗବେଷଣା (ଖ) ସାହିତ୍ୟ ଓ ଶିକ୍ଷା
(ଗ) ସମାଜସେବା (ଘ) କଳା ଓ ସଂସ୍କୃତି

୩. ବିଶ୍ୱପ୍ରସିଦ୍ଧ ଭାଷାବିତ୍ ତଥା 'ଲିଙ୍ଗୁଇଷ୍ଟିକ୍ ସର୍ଭେ ଅଫ୍ ଇଣ୍ଡିଆ' ପୁସ୍ତକର ରଚୟିତା ଜର୍ଜ ଗ୍ରିୟର୍ସନ୍ କେଉଁ ଦେଶରେ ଜନ୍ମଗ୍ରହଣ କରିଥିଲେ ?
(କ) ଆୟର୍ଲାଣ୍ଡ (ଖ) ଇଂଲାଣ୍ଡ (ଗ) ଜର୍ମାନୀ (ଘ) ଫ୍ରାନ୍ସ

୪. ୨୦୨୪ରେ କେଉଁ ପ୍ରସିଦ୍ଧ ଚଳଚିତ୍ର ଅଭିନେତ୍ରୀ ତଥା ନୃତ୍ୟଶିଳ୍ପୀଙ୍କୁ ଭାରତ ସରକାରଙ୍କ ଦ୍ୱାରା ପଦ୍ମବିଭୂଷଣ ଉପାଧି ଦିଆଯାଇଛି ?
(କ) ହେମାମାଲିନୀ (ଖ) ବୈଜୟନ୍ତୀମାଳା ବାଲି
(ଗ) ୱହିଦା ରେହମାନ୍ (ଘ) ମୀନାକ୍ଷୀ ଶେଷାଦ୍ରି

୫. ୨୦୨୪ରେ ପଦ୍ମବିଭୂଷଣ ସମ୍ମାନ ଲାଭ କରିଥିବା ପ୍ରସିଦ୍ଧ ତେଲୁଗୁ ଚଳଚ୍ଚିତ୍ର ଅଭିନେତା ତଥା ରାଜନୀତିଜ୍ଞଙ୍କ ନାମ କଣ ?
(କ) ଅଲ୍ଲୁ ଅର୍ଜୁନ (ଖ) ପବନ କଲ୍ୟାଣ
(ଗ) କେ. ଚିରଞ୍ଜୀବୀ (ଘ) ମୋହନ ବାବୁ

୬. ଏ ବର୍ଷ ଭାରତ ସରକାରଙ୍କ ଦ୍ୱାରା ପଦ୍ମବିଭୂଷଣ ସମ୍ମାନରେ ଭୂଷିତ ହୋଇଥିବା ପଦ୍ମା ସୁବ୍ରମଣ୍ୟମ୍ କେଉଁ ଶାସ୍ତ୍ରୀୟ ନୃତ୍ୟପାଇଁ ପ୍ରସିଦ୍ଧ ?
(କ) ମୋହିନୀଅଟ୍ଟମ୍ (ଖ) କୁଚିପୁଡ଼ି (ଗ) କଥକ (ଘ) ଭାରତନାଟ୍ୟମ

୭. ୨୦୨୪ରେ ପଦ୍ମଭୂଷଣ ସମ୍ମାନ ଲାଭ କରିଥିବା ହିନ୍ଦୀ ଓ ବଙ୍ଗଳା ଚଳଚ୍ଚିତ୍ର ଅଭିନେତାଙ୍କ ନାମ କଣ ?
(କ) ପ୍ରସନଜୀତ (ଖ) ମିଥୁନ ଚକ୍ରବର୍ତ୍ତୀ
(ଗ) ଭିକ୍ଟର ବାନାର୍ଜୀ (ଘ) ଯୀଶୁ ସେନଗୁପ୍ତ

୮. ଏ ବର୍ଷ ପ୍ରସିଦ୍ଧ ଗାୟିକା ଉଷା ଉଥୁପ୍‌ଙ୍କୁ କେଉଁ ପୁରସ୍କାର ମିଳିଛି ?
(କ) ବଙ୍ଗଭୂଷଣ (ଖ) ପଦ୍ମଶ୍ରୀ (ଗ) ପଦ୍ମଭୂଷଣ (ଘ)ପଦ୍ମବିଭୂଷଣ

୯. ୨୦୨୪ରେ ଓଡ଼ିଶାର କେତେଜଣ ବ୍ୟକ୍ତିଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିଛି ?
(କ) ୩ଜଣ (ଖ) ୪ଜଣ (ଗ) ୫ଜଣ (ଘ) ୬ଜଣ

୧୦. ଇସଲାମ୍ ଧର୍ମାବଲମ୍ବୀମାନେ ପବିତ୍ର ରମଜାନ୍ ମାସର ସମାପ୍ତି ପରେ କେଉଁ ପର୍ବ ପାଳନ କରନ୍ତି ?
(କ) ଇଦ-ଉଲ୍-ଜୁହା (ଖ) ଇଦ-ଉଲ୍-ଫିତର୍
(ଗ) ମହରମ୍ (ଘ) ଇଦେ-ମିଲାଦୁଲ୍-ନବି

## ଭୂଗୋଳ

୧. କେଉଁଟି ପୂରଣୀୟ ସମ୍ବଳ ନୁହେଁ ?
(କ) ସୌରଶକ୍ତି (ଖ) ଖଣିଜ ତୈଳ
(ଗ) ଜୁଆର ଶକ୍ତି (ଘ) ଭୂ-ତାପ ଶକ୍ତି

୨. କେଉଁଟି ଗୋଷ୍ଠୀଗତ ସମ୍ବଳ ନୁହେଁ ?
(କ) ଗୋଚର ଭୂମି (ଖ) ଶ୍ମଶାନ
(ଗ) ପ୍ରମୋଦ ଉଦ୍ୟାନ (ଘ) ମୋଟର ସାଇକେଲ୍

୩. ଭାରତରେ କ୍ଷୟିତ ଭୂମିର ପରିମାଣ କେତେ ନିୟୁତ ହେକ୍ଟର ?
(କ) ୯୬.୪ (ଖ) ୯୫.୪
(ଗ) ୯୮.୪ (ଘ) ୯୭.୪

୪. କେଉଁଟି ଅରଣ୍ୟ କ୍ଷୟ ରୋକିବାର ପଦକ୍ଷେପ ନୁହେଁ ?
(କ) ସାମାଜିକ ବନୀକରଣ (ଖ) ପୁନଃ ବନୀକରଣ
(ଗ) ବାସଗୃହ ନିର୍ମାଣ (ଘ) ଅରଣ୍ୟ ସଂରକ୍ଷଣ

୫. କେଉଁ ମୃତ୍ତିକାରେ ଜଳଧାରଣ ଶକ୍ତି କମ୍ ?
(କ) ଲାଟେରାଇଟ୍ (ଖ) ପାର୍ବତ୍ୟ
(ଗ) ମରୁସ୍ଥଳୀ (ଘ) ଅରଣ୍ୟ

୬. ଭାରତର ଦକ୍ଷିଣତମ ସ୍ଥାନ କେଉଁଟି ?
(କ) ଇନ୍ଦିରା କଲ (ଖ) ଇନ୍ଦିରା ପଏଣ୍ଟ
(ଗ) କନ୍ୟାକୁମାରୀ (ଘ) କିବିଥୁ

୭. ଓଡ଼ିଶାର କେଉଁ ଜିଲ୍ଲାରେ କୃଷ୍ଣ କାର୍ପାସ୍ ମୃତ୍ତିକା ଦେଖାଯାଏ ?
(କ) କୋରାପୁଟ (ଖ) କଳାହାଣ୍ଡି
(ଗ) କଟକ (ଘ) ବୌଦ୍ଧ

୮. ଦୋରସା ମୃତ୍ତିକା କେଉଁ ଚାଷ ପାଇଁ ଉପଯୋଗୀ ?
(କ) ରବର (ଖ) ଆଖୁ
(ଗ) ଚାହା (ଘ) ଧାନ

୯. କାହାକୁ ସମ୍ବଳ ସ୍ରଷ୍ଟା, ଉପଭୋକ୍ତା ଓ କ୍ଷୟକାରୀ ଶକ୍ତି ଭାବେ ବିଚାର କରାଯାଏ ?
(କ) ଦେବତା (ଖ) ପଶୁ
(ଗ) ମାନବ (ଘ) ଯନ୍ତ୍ରପାତି

୧୦. ଗର୍ତ୍ତକ୍ଷୟ ଦ୍ୱାରା କେଉଁ ଭୂମି ସୃଷ୍ଟି ହୁଏ ?
(କ) ପ୍ଳାବନ ଭୂମି (ଖ) ସମତଳ ଭୂମି
(ଗ) ତ୍ରିକୋଣ ଭୂମି (ଘ) ଦୁର୍ଗମ ଭୂମି

**ଉତ୍ତର**

**୧.(କ) ପଦ୍ମଭୂଷଣ, ୨.(ଖ) ସାହିତ୍ୟ ଓ ଶିକ୍ଷା, ୩.(କ) ଆୟର୍ଲାଣ୍ଡ, ୪.(ଖ) ବୈଜୟନ୍ତୀମାଳା ବାଲି, ୫.(ଗ) କେ. ଚିରଞ୍ଜୀବୀ, ୬.(ଘ) ଭାରତନାଟ୍ୟମ, ୭.(ଖ) ମିଥୁନ ଚକ୍ରବର୍ତ୍ତୀ, ୮.(ଗ) ପଦ୍ମଭୂଷଣ, ୯.(ଖ) ୪ଜଣ, ୧୦.(ଖ) ଇଦ-ଉଲ୍-ଫିତର୍**

**୧.(ଖ) ଖଣିଜ ତୈଳ, ୨.(ଘ) ମୋଟର ସାଇକେଲ୍, ୩.(କ) ୯୬.୪, ୪.(ଗ) ବାସଗୃହ ନିର୍ମାଣ, ୫.(ଗ) ମରୁସ୍ଥଳୀ, ୬.(ଖ) ଇନ୍ଦିରା ପଏଣ୍ଟ, ୭.(ଘ) ବୌଦ୍ଧ, ୮.(ଖ) ଆଖୁ, ୯.(ଗ) ମାନବ, ୧୦.(ଘ) ଦୁର୍ଗମ ଭୂମି**

## ରାଷ୍ଟ୍ରଶାସନ ବ୍ୟବସ୍ଥା

୧.ସମ୍ବିଧାନର କେଉଁ ଧାରା ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଲେ ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବାପାଇଁ ନିର୍ଦ୍ଦେଶ ରହିଛି ?
(କ) ଧାରା ୨୪ (ଖ) ଧାରା ୨୭ (ଗ) ଧାରା ୨୯ (ଘ) ଧାରା ୩୨

୨. ଲୋକସଭାରେ କିଏ ଅଧକ୍ଷତା କରନ୍ତି ?
(କ) ପ୍ରଧାନମନ୍ତ୍ରୀ (ଖ) ବାଚସ୍ପତି
(ଗ) ଉପରାଷ୍ଟ୍ରପତି (ଘ) ସଂସଦୀୟ ବ୍ୟାପାର ମନ୍ତ୍ରୀ

୩. ସଂସଦର ମିଳିତ ଅଧିବେଶନରେ କିଏ ଅଧକ୍ଷତା କରନ୍ତି ।
(କ) ଉପରାଷ୍ଟ୍ରପତି (ଖ) ରାଷ୍ଟ୍ରପତି
(ଗ) ଲୋକସଭାର ବାଚସ୍ପତି (ଘ) ପ୍ରଧାନମନ୍ତ୍ରୀ

୪.ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ କିଏ ନିଯୁକ୍ତି ଦିଅନ୍ତି ?
(କ) ରାଷ୍ଟ୍ରପତି (ଖ) ଉପରାଷ୍ଟ୍ରପତି
(ଗ) ସଂସଦ (ଘ) ପ୍ରଧାନମନ୍ତ୍ରୀ

୫.ସମ୍ବିଧାନର କେଉଁ ଧାରା ମଧ୍ୟରେ ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର ବର୍ଣ୍ଣନା କରାଯାଇଛି ?
(କ) ଧାରା ୨୬ ଓ ୨୮ (ଖ) ଧାରା ୨୭ ଓ ୨୯
(ଗ) ଧାରା ୨୮ ଓ ୩୧ (ଘ) ଧାରା ୨୯ ଓ ୩୦

୬.ଭାରତର ରାଷ୍ଟ୍ରପତିଙ୍କୁ ବହିଷ୍କାର କରିବାର କ୍ଷମତା କାହାର ରହିଛି ?
(କ) ପ୍ରଧାନମନ୍ତ୍ରୀ (ଖ) ସର୍ବୋଚ୍ଚ ନ୍ୟାୟାଳୟ
(ଗ) ସଂସଦ (ଘ) ମୁଖ୍ୟ ନିର୍ବାଚନ କମିଶନ

୭.ରାଜ୍ୟସଭାର ଉପାଧକ୍ଷଙ୍କୁ ନିର୍ବାଚିତ କରିବାର କ୍ଷମତା କାହାର ରହିଛି ?
(କ) ରାଷ୍ଟ୍ରପତି (ଖ) ପ୍ରଧାନମନ୍ତ୍ରୀ
(ଗ) ଲୋକସଭାର ସଦସ୍ୟ (ଘ) ରାଜ୍ୟସଭାର ସଦସ୍ୟ

୮. ଲୋକସଭାର ସଦସ୍ୟମାନଙ୍କର କାର୍ଯ୍ୟକାଳ କେତେ ବର୍ଷ ?
(କ) ୨ ବର୍ଷ (ଖ) ୩ ବର୍ଷ (ଗ) ୪ ବର୍ଷ (ଘ) ୫ ବର୍ଷ

୯.ଯଦି ଲୋକସଭାର କୌଣସି ସଦସ୍ୟଙ୍କ ଦେହାନ୍ତ ହୁଏ, ତେବେ ସେ ସ୍ଥାନଟି କିପରି ପୂରଣ ହୁଏ ?
(କ) ପ୍ରତ୍ୟକ୍ଷ ନିର୍ବାଚନ (ଖ) ପରୋକ୍ଷ ନିର୍ବାଚନ
(ଗ) ଉଭୟ (ଘ) କୌଣସିଟି ନୁହେଁ

୧୦. ରାଜ୍ୟସଭାର ସଦସ୍ୟ ହେବା ପାଇଁ ସର୍ବନିମ୍ନ ବୟସସୀମା କେତେ ?
(କ) ୨୫ (ଖ) ୩୦ (ଗ) ୩୫ (ଘ) ୪୦

## କମ୍ପ୍ୟୁଟର ଶିକ୍ଷା

୧. MICRରେ 'C' କ'ଣ ସୂଚାଉ ଅଛି ?
(କ) Colour (ଖ) Code (ଗ) Character (ଘ) Coding

୨. Dot Matrix print କାହା ସାହାଯ୍ୟରେ ହୁଏ ?
(କ) Dots (ଖ) Squares (ଗ) Circles (ଘ) Triangles

୩. Printed Copyକୁ କ'ଣ କୁହାଯାଏ ?
(କ) Soft Copy (ଖ) Blank Copy
(ଗ) Hard Copy (ଘ) Cloud Copy

୪. Facts ଏବଂ Figuresକୁ କ'ଣ କୁହାଯାଏ ?
(କ) Data (ଖ) Analysis (ଗ) Process (ଘ) Execution

୫. କୌଣସି Textକୁ Select କରି Copy କରିବା ପାଇଁ କେଉଁ Shortcut command ବ୍ୟବହାର କରାଯାଏ ?
(କ) Ctrl+X (ଖ) Ctrl+V (ଗ) Ctrl+C (ଘ) Ctrl+D

୬. Word Documentsର Top Marginର default size କେତେ ?
(କ) ୧ ଇଞ୍ଚ (ଖ) ୨ ଇଞ୍ଚ (ଗ) ୩ ଇଞ୍ଚ (ଘ) ୧.୫ ଇଞ୍ଚ

୭. Wordରେ Speling check କରିବା ପାଇଁ କେଉଁ Shortcut command ବ୍ୟବହାର କରାଯାଏ ?
(କ) F1 (ଖ) F3 (ଗ) F6 (ଘ) F7

୮. Document ଉପରେ blink କରୁଥିବା vertical lineଟି କ'ଣ ?
(କ) Blinker (ଖ) Anchor (ଗ) Cursor (ଘ) Tinker

୯. Keyboardରେ ସବୁଠାରୁ ଲମ୍ବା keyଟି କ'ଣ ?
(କ) Enter (ଖ) Space Bar (ଗ) Backspace (ଘ) Shift

୧୦.ଭାରତୀୟ Computerର ଜନକ କିଏ ?
(କ) ବିଜୟ ସବରକର (ଖ) ବିଜୟ ଭଟକର
(ଗ) ରାଜୀବ ଗାନ୍ଧୀ (ଘ) ରାଜୀବ ମେହେଟ୍ଟା

**ଉତ୍ତର**

**୧.(ଘ) ଧାରା ୩୨, ୨.(ଖ) ବାଚସ୍ପତି, ୩.(ଗ) ଲୋକସଭାର ବାଚସ୍ପତି, ୪.(କ)ରାଷ୍ଟ୍ରପତି, ୫.(ଗ) ଧାରା ୨୮ଓ ୩୧, ୬.(ଗ) ସଂସଦ, ୭.(ଘ) ରାଜ୍ୟସଭାର ସଦସ୍ୟ, ୮.(ଘ) ୫ ବର୍ଷ, ୯.(କ) ପ୍ରତ୍ୟକ୍ଷ ନିର୍ବାଚନ, ୧୦.(ଖ) ୩୦**

**୧.(ଗ) Character, ୨.(କ) Dots, ୩.(ଗ) Hard Copy, ୪.(କ) Data, ୫.(ଗ) Ctrl+C, ୬.(କ) ୧ ଇଞ୍ଚ, ୭.(ଘ) F7, ୮.(କ) Cursor, ୯.(କ) Space Bar, ୧୦. (ଖ) ବିଜୟ ଭଟକର**



 କ୍ଷମତାଧାରୀକୁ ଯଦି ଅନ୍ଧତ୍ୱ ଗ୍ରାସେନାହିଁ, ତେବେ ସେ ସ୍ୱର୍ଗର ସର୍ଜନା କରିପାରେ ।

## ସାଧାରଣ ବିଜ୍ଞାନ

୧.ଗୋଟିଏ ଅବତଳ ଦର୍ପଣ ସମ୍ମୁଖରେ ବସ୍ତୁ କେଉଁଠି ରହିଲେ, ସମାନ ଆକାରର ବାସ୍ତବ ପ୍ରତିବିମ୍ବ ସୃଷ୍ଟି ହୁଏ ?
(କ) ଅନନ୍ତ ଦୂରତାରେ (ଖ) ଦର୍ପଣର ବକ୍ରତା କେନ୍ଦ୍ରଠାରେ
(ଗ) ଫୋକସ୍ ଠାରେ (ଘ) ଦର୍ପଣ ପଛପଟେ

୨. ଘରେ ବ୍ୟବହୃତ କେଉଁ ଉପକରଣଟି ଗାଲଭାନୋମିଟରର କାର୍ଯ୍ୟ କରେ ?
(କ) କଟ୍ଆଉଟ୍ (ଖ) ସୁଇଚ୍
(ଗ) ରେଗୁଲେଟର (ଘ) ସକେଟ୍ / ପ୍ଲଗ୍

୩. କେଉଁ ଦୁଇଟି ଲକ୍ଷଣ ଆରକିଓପ୍ଟେରିକ୍ସରେ ଦେଖାଯାଇଥାଏ ?
(କ) ଉଭୟଚର ଓ ସ୍ତନ୍ୟପାୟୀ (ଖ) ସରୀସୃପ ଓ ସ୍ତନ୍ୟପାୟୀ
(ଗ)ବିହଙ୍ଗ ଓ ସ୍ତନ୍ୟପାୟୀ (ଘ) ବିହଙ୍ଗ ଓ ସରୀସୃପ

୪. 'ଆପଦ୍‌କାଳୀନ ଗ୍ରନ୍ଥି' କାହାକୁ କୁହାଯାଏ ?
(କ) ପାରାଥାଇରଏଡ୍ (ଖ) ଥାଇରଏଡ୍
(ଗ) ପିନିଆଲ୍ (ଘ) ଏଡ୍ରିନାଲ୍

୫. ଲୋହିତ ରକ୍ତକଣିକାର ଆବରଣରେ ରହିଥିବା ପ୍ରୋଟିନ୍‌କୁ କ'ଣ କୁହାଯାଏ ?
(କ) ଏଂଟିଜେନ୍ (ଖ) ଏଂଟିବଡ଼ି
(ଗ) ଫ୍ରାଇବ୍ରିନ୍ (ଘ) ଥ୍ରମ୍ବୋପ୍ଲାଷ୍ଟିନ୍

୬. ମନୁଷ୍ୟ ଶରୀରରେ କେଉଁ ଅଂଶ ଏକ ପବନନିରୋଧି କୋଠରୀ ?
(କ) ଅଳିନ୍ଦ (ଖ) ନିଳୟ
(ଗ) ଉଦର ଗହ୍ୱର (ଘ) ବକ୍ଷ ଗହ୍ୱର

୭. ଲାଳରେ କେଉଁ ଏନ୍‌ଜାଇମ୍ ଥାଏ ?
(କ) ଲାଇପେଜ୍ (ଖ) ଟାୟାଲିନ୍
(ଗ) ପେପସିନ୍ (ଘ) ପାଚକ ରସ

୮. ଆଲୋକର କେଉଁ ଗୁଣ ଯୋଗୁଁ ଆକାଶର ବର୍ଣ୍ଣ ନୀଳ ଦେଖାଯାଏ ?
(କ) ଟିଣ୍ଡଲ ସିଦ୍ଧାନ୍ତ (ଖ) ପ୍ରତିସରଣ (ଗ) ପ୍ରକୀର୍ଣ୍ଣନ (ଘ) ବିଚ୍ଛୁରଣ

୯. ଲାକ୍ଟିକ୍ ଅମ୍ଳରେ କେତୋଟି ଅଙ୍ଗାରକ ଥାଏ ?
(କ) ୪ (ଖ) ୫ (ଗ) ୨ (ଘ) ୩

୧୦. ପ୍ରଶ୍ୱାସ ସମୟରେ କେଉଁ ଅବସ୍ଥା ଦେଖାଯାଏ ନାହିଁ ?
(କ) ବକ୍ଷ ଗହ୍ୱରର ବୃଦ୍ଧି
(ଖ) ଉଦରୀୟ ମାଂସପେଶୀର ସଙ୍କୋଚନ
(ଗ) ଅନ୍ତଃ-ପଞ୍ଜରା ମାଂସପେଶୀର ସଙ୍କୋଚନ
(ଘ) ଅନ୍ତଃ-ପଞ୍ଜରା ମାଂସପେଶୀର ଶିଥିଳନ

## ଗଣିତ

୧. ଏକ ଦୁଇ ଅଜ୍ଞାତରାଶି ବିଶିଷ୍ଟ ଏକଘାତୀ ସମୀକରଣର ଜ୍ୟାମିତିକ ରୂପଟି କ'ଣ ?
(କ) ସରଳରେଖା (ଖ) ବକ୍ରରେଖା (ଗ) ରେଖାଖଣ୍ଡ (ଘ) ରଶ୍ମି

୨. $4X^2-2x+K=$ ସମୀକରଣର ଗୋଟିଏ ବୀଜ, ଅନ୍ୟଟିର ବ୍ୟୁତ୍କ୍ରମ ହେଲେ, Kର ମାନ କେତେ ହେବ ?
(କ) -୮ (ଖ) ୮ (ଗ) -୪ (ଘ) ୪

୩. ଏକ ଅଧିବର୍ଷରେ ୫୨ଟି ରବିବାର ଆସିବା ଘଟଣାର ସମ୍ଭାବ୍ୟତା କେତେ ?
(କ) ୨/୭ (ଖ) ୪/୭ (ଗ) ୫/୭ (ଘ) ୬/୭

୪. ପ୍ରଥମ ୧୦୦ଟି ଗଣନ ସଂଖ୍ୟାର ମାଧ୍ୟମାନ କେତେ ?
(କ) ୫୦ (ଖ) ୫୧ (ଗ) ୫୦.୫ (ଘ) ୫୨

୫. ଗୋଟିଏ ତଥ୍ୟାବଳୀର ମାଧ୍ୟମାନ ୧୫ ଓ ଗରିଷ୍ଠକ ୧୨ ହେଲେ ମଧ୍ୟମା କେତେ ?
(କ) ୧୨ (ଖ) ୧୪ (ଗ) ୧୫ (ଘ) ୧୬

୬. $୨^{୩୦୦}$ ଓ $୩^{୨୦୦}$ ମଧ୍ୟରୁ ବଡ଼ କେଉଁଟି ?
(କ) $୨^{୩୦୦}$ (ଖ) $୩^{୨୦୦}$ (ଗ) ଉଭୟ ସମାନ

୭. ସୂର୍ଯ୍ୟଙ୍କର କୌଣିକ ଉନ୍ନତିର ପରିମାଣ ୪୫୦ ବେଳେ ଗଛର ଛାଇର ଦୈର୍ଘ୍ୟ ୧୫ମି. ଥିଲା । ଗଛର ଉଚ୍ଚତା କେତେ ମିଟର ?
(କ) ୧୫ (ଖ) ୧୦ (ଗ) ୧୨ (ଘ) ୧୬

୮. ଗୋଟିଏ ରୋଲରକୁ ୧୫୪୦ ବ.ମି. ଭୂମିରେ ୯୦ଥର ଗଡାଇବାକୁ ପଡେ । ତେବେ ଗୋଲାକାର ବକ୍ରପୃଷ୍ଠତଳର କ୍ଷେତ୍ରଫଳ କେତେ ବର୍ଗମିଟର ?
(କ) ୧୫୦ (ଖ) ୧୫୪/୩ (ଗ) ୧୫୪/୯ (ଘ) ୧୫୪୦/୯

୯. ଗୋଟିଏ ୯ମି. ଉଚ୍ଚତା ବିଶିଷ୍ଟ କୋନ୍‌ର ଭୂମିର ପରିଧି ୪୪ମି. ହେଲେ କୋନ୍‌ର ଆୟତନ କେତେ ଘନମିଟର ?
(କ) ୬୯୩ (ଖ) ୯୨୪ (ଗ) ୧୩୬୬ (ଘ) ୪୬୨

୧୦. ଏକ ବୃତ୍ତରେ ପରିଲିଖିତ ଚତୁର୍ଭୁଜର ଦୁଇ ବିପରୀତ ବାହୁଦ୍ୱୟର ସମଷ୍ଟି ୧୨ ସେ.ମି. ହେଲେ ଚତୁର୍ଭୁଜର ପରିସୀମା କେତେ ସେ.ମି ?
(କ) ୧୨ (ଖ) ୨୪ (ଗ) ୩୬ (ଘ) ୪୮

### ଉତ୍ତର

**୧.(ଖ) ଦର୍ପଣର ବକ୍ରତା କେନ୍ଦ୍ରଠାରେ, ୨.(ଗ) ରେଗୁଲେଟର, ୩.(ଘ) ବିହଙ୍ଗ ଓ ସରୀସୃପ, ୪.(ଘ) ଏଡ୍ରିନାଲ, ୫.(କ) ଏଂଟିଜେନ୍, ୬.(ଘ) ବକ୍ଷ ଗହ୍ୱର, ୭.(ଖ) ଟାୟାଲିନ୍, ୮.(ଘ) ବିଚ୍ଛୁରଣ, ୯.(ଘ) ୩, ୧୦.(ଘ) ଅନ୍ତଃ-ପଞ୍ଜରା ମାଂସପେଶୀର ଶୀଥିଳନ**

**୧.(କ) ସରଳରେଖା, ୨.(ଘ) ୪, ୩.(ଗ) ୫/୭, ୪.(ଗ) ୫୦.୫, ୫.(ଖ) ୧୪, ୬.(ଖ) $୩^{୨୦୦}$, ୭.(କ) ୧୫, ୮.(ଗ) ୧୫୪/୯, ୯.(ଗ) ୧୩୬୬, ୧୦.(ଖ) ୨୪**

# ପର୍ବପର୍ବାଣୀ

## ମଇ
(ମେଷ ଦି୧୮ନ-ବୃଷ ଦି୧୮ନ)

**(ବୈଶାଖ କୃଷ୍ଣ ସପ୍ତମୀ-ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ)**

ତା୦୪. ବରୁଥିନୀ ଏକାଦଶୀ ଉପବାସ, ଶରଣ ଶେଷ ଓ ହଳ ନିଷେଧ
ତା୦୬. ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢା
ତା୦୭. ସଚନ୍ଦ୍ରକ୍ଷୟ, ନିଶିପାଳନ ଓ ହ.ନି.
ତା୦୮. ରୁକ୍ମିଣୀ ଅମାବାସ୍ୟା
ତା୦୯. ଚନ୍ଦ୍ରଦର୍ଶନ
ତା୧୦. ଅକ୍ଷୟ ତୃତୀୟା, ଚନ୍ଦନ ଯାତ୍ରା ଆରମ୍ଭ ଓ ରଥ ଅନୁକୂଳ
ତା୧୪. ବୃଷ ସଂକ୍ରାନ୍ତି ଓ ହଳ ନିଷେଧ
ତା୧୫. ନୀଳାଦ୍ରୀ ମହୋଦୟାଷ୍ଟମୀ
ତା୧୬. ସୀତା ନବମୀ
ତା୧୯. ମୋହିନୀ ଏକାଦଶୀ ଉପବାସ, ରବିନାରାୟଣ ବ୍ରତ ଓ ହ.ନି.
ତା୨୨. ନୃସିଂହ ଜନ୍ମ, ଶିବଚତୁର୍ଦ୍ଦଶୀ ଉପବାସ
ତା୨୩. ଚନ୍ଦନ ପୂର୍ଣ୍ଣିମା, ଚନ୍ଦ୍ରପୂଜା, ବୁଦ୍ଧ ଜୟନ୍ତୀ,
ବୈଶାଖ ବ୍ରତ ସପାପନ ଓ ମହାବିଷ୍ଣୁ ଯଜ୍ଞର ପୂର୍ଣ୍ଣାହୁତ
ତା୨୭. ଶରଣ ଆରମ୍ଭ
ତା୨୯. ଶ୍ରୀକ୍ଷେତ୍ରେ ଭଉଁରୀ
ତା୩୦. ଉତ୍କଳେ ଭଉଁରୀ ଓ ଶ୍ରୀକ୍ଷେତ୍ରେ ହଳଦୀ ପାଣି
ତା୩୧. ଶରଣ ଶେଷ

## ଜୁନ
(ବୃଷ ଦି୧୮ନ-ମିଥୁନ ଦି୧୬ନ)

**(ଜ୍ୟେଷ୍ଠ କୃଷ୍ଣ ନବମୀ-ଆଷାଢ କୃଷ୍ଣ ନବମୀ)**

ତା୦୨. ଜଳକ୍ରୀଡ଼ା ଏକାଦଶୀ ଓ ହଳ ନିଷେଧ
ତା୦୫. ଚନ୍ଦ୍ରକ୍ଷୟ, ନିଶିପାଳନ, ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢା
ତା୦୬. ସାବିତ୍ରୀ ଅମାବାସ୍ୟା
ତା୦୭. ଚନ୍ଦ୍ରଦର୍ଶନ
ତା୦୮. ରମ୍ଭା ତୃତୀୟା
ତା୧୦. ଉମା ଚତୁର୍ଥୀ
ତା୧୧. ଶିବ ବିବାହୋତ୍ସବ
ତା୧୨. ସର୍ବତ୍ର ଶୀତଳ ଷଷ୍ଠୀ ଓ ଶ୍ରୀମନ୍ଦିରେ ଜଳକ୍ରୀଡ଼ା
ତା୧୪. ପହିଲି ରଜ
ତା୧୫. ମିଥୁନ (ରଜ) ସଂକ୍ରାନ୍ତି ଓ ହଳ ନିଷେଧ
ତା୧୬. ଗଙ୍ଗା ଦଶହରା ଓ ଭୂଦାହ
ତା୧୭. ବସୁମତୀ ସ୍ନାନ
ତା୧୮. ନିର୍ଜ୍ଜଳା ଏକାଦଶୀ ଉପବାସ ଓ ହଳ ନିଷେଧ
ତା୧୯. ଚମ୍ପକ ଦ୍ୱାଦଶୀ
ତା୨୦. ଶିବ ଚତିର୍ଦ୍ଦଶୀ ଉପବାସ
ତା୨୧. ଚନ୍ଦ୍ରପୂଜା
ତା୨୨. ଦେବସ୍ନାନ ପୂର୍ଣ୍ଣିମା
ତା୨୩. ଶରଣ ଆରମ୍ଭ
ତା୨୬. ଅଣସର ପଞ୍ଚମୀ
ତା୨୮. ଶରଣ ଶେଷ

# ଗୁରୁତ୍ୱପୂର୍ଣ୍ଣ ଦିବସ ପାଳନ

ତା୦୧. ମଇ ଦିବସ/ଅନ୍ତର୍ଜାତୀୟ ଶ୍ରମିକ ଦିବସ, ମହାରାଷ୍ଟ୍ର ଦିବସ,
ତା୦୩. ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ
ତା୦୪. ଆନ୍ତର୍ଜାତିକ ଅଗ୍ନିଶମ କର୍ମଚାରୀ ଦିବସ
ତା୦୫. ବିଶ୍ୱ ହସ ଦିବସ (ମଇର ପ୍ରଥମ ରବିବାର)
ତା୦୭. ବିଶ୍ୱ ଆଥଲେଟିକ୍ସ ଦିବସ, ରବୀନ୍ଦ୍ରନାଥ ଟାଗୋର ଜୟନ୍ତୀ,
ବିଶ୍ୱ ଆଜମା ଦିବସ (ମଇର ପ୍ରଥମ ମଙ୍ଗଳବାର)
ତା୦୮. ବିଶ୍ୱ ରେଡ୍‌କ୍ରସ୍ ଦିବସ, ବିଶ୍ୱ ଥାଲାସେମିଆ ଦିବସ
ତା୦୯. ପର୍ଶୁରାମ ଜୟନ୍ତୀ
ତା୧୧. ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ, ବିଶ୍ୱ ପ୍ରବାସୀ ପକ୍ଷୀ ଦିବସ (ମଇର ଦ୍ୱିତୀୟ ଶନିବାର)
ତା୧୨. ଅନ୍ତର୍ଜାତୀୟ ନର୍ସ ଦିବସ, ଅନ୍ତର୍ଜାତୀୟ ମାତୃ ଦିବସ,
କୋଇଲା ଖଣି ଦିବସ (ମଇର ଦ୍ୱିତୀୟ ରବିବାର)ଜଗଦ୍‌ଗରୁ ଆଦି ଶଙ୍କରାଚାର୍ଯ୍ୟଙ୍କ
ଜୟନ୍ତୀ
ତା୧୩. ଜାତୀୟ ସଂହତି ଦିବସ,ରାମାନୁଜାଚାର୍ଯ୍ୟ ଜୟନ୍ତୀ
ତା୧୪. ବିଶ୍ୱ ସ୍ଥାନାନ୍ତରଣ ଦିବସ
ତା୧୫. ବିଶ୍ୱ ପରିବାର ଦିବସ
ତା୧୫. ଅନ୍ତର୍ଜାତୀୟ ଆଲୋକ ଦିବସ, ସିକିମ୍ ଜାତୀୟ ଦିବସ
ତା୧୭. ବିଶ୍ୱ ଟେଲିକମ୍ ଦିବସ, ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ
ତା୧୮. ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ, ପୋଖରାନ ପରମାଣୁ ପରୀକ୍ଷଣ ଦିବସ
ବିଶ୍ୱ ଏଡସ୍ ଟିକା ଦିବସ, ସଶସ୍ତ୍ର ବାହିନୀ ଦିବସ (ମଇର ତୃତୀୟ ଶନିବାର)
ତା୨୦. ବିଶ୍ୱ ମହୁମାଛି ଦିବସ
ତା୨୧. ଆତଙ୍କବାଦ ବିରୋଧୀ ଦିବସ, ଅନ୍ତର୍ଜାତୀୟ ଚା ଦିବସ
ତା୨୨. ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ
ତା୨୪. ରାଜ୍ୟଗୋଷ୍ଠୀ ଦିବସ
ତା୨୮. ବିନାୟକ ଦାମୋଦର ସାବରକର ଜୟନ୍ତୀ
ତା୨୯. ମାଉଣ୍ଟ ଏଭରେଷ୍ଟ ଦିବସ
ତା୩୦. ହିନ୍ଦୀ ସାମ୍ବାଦିକତା ଦିବସ
ତା୩୧. ବିଶ୍ୱ ତମାଖୁ ବର୍ଜନ ଦିବସ

ତା୦୧. ଅନ୍ତର୍ଜାତୀୟ ଶିଶୁ ଦିବସ, ବିଶ୍ୱ ଦୁଗ୍ଧ ଦିବସ, ବିଶ୍ୱବ୍ୟାପି ପିତାମାତାଙ୍କ ଦିବସ
ତା୦୨. ଅନ୍ତର୍ଜାତୀୟ ଯୌନକର୍ମୀ ଦିବସ
ତା୦୩. ବିଶ୍ୱ ସାଇକେଲ୍ ଦିବସ
ତା୦୪. ଅନ୍ତର୍ଜାତୀୟ ନିର୍ଦ୍ଦୋଷ ଶିଶୁ ଆକ୍ରୋଶ ନିଷେଧ ଦିବସ
ତା୦୫. ବିଶ୍ୱ ପରିବେଶ ଦିବସ
ତା୦୭. ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ, ଅନ୍ତର୍ଜାତୀୟ ଲେଭଲ୍ କ୍ରସିଂ ସଚେତନତା ଦିବସ
ତା୦୮. ବିଶ୍ୱ ସମୁଦ୍ର ଦିବସ, ବିଶ୍ୱ ମସ୍ତିଷ୍କ ଟ୍ୟୁମର ଦିବସ
ତା୧୨. ବିଶ୍ୱ ଶିଶୁ ଶ୍ରମ ନିଷେଧ ଦିବସ
ତା୧୩. ଅନ୍ତର୍ଜାତୀୟ ଆଲବିନିଜିମ୍ ସଚେତନତା ଦିବସ
ତା୧୪. ବିଶ୍ୱ ରକ୍ତଦାତା ଦିବସ
ତା୧୫. ବିଶ୍ୱ ପୌଢ଼ ଦୁର୍ବ୍ୟବହାର ନିରୋଧ ସଚେତନତା ଦିବସ, ବିଶ୍ୱ ପବନ ଶକ୍ତି ଦିବସ
ତା୧୬. ବିଶ୍ୱ ପିତା ଦିବସ (ତୃତୀୟ ରବିବାର)
ତା୧୭. ମରୁଭୂମି ଏବଂ ମରୁଡ଼ି ମୁକାବିଲା ପାଇଁ ବିଶ୍ୱ ଦିବସ (ଅନ୍ତର୍ଜାତୀୟ)
ତା୨୦. ବିଶ୍ୱ ଶରଣାର୍ଥୀ ଦିବସ
ତା୨୧. ବିଶ୍ୱ ସଙ୍ଗୀତ ଦିବସ, ଅନ୍ତର୍ଜାତୀୟ ଯୋଗ ଦିବସ, ବିଶ୍ୱ ହାଇଡ୍ରୋଗ୍ରାଫି ଦିବସ
ତା୨୩. ଅନ୍ତର୍ଜାତୀୟ ଅଲିମ୍ପିକ୍ ଦିବସ, ଅନ୍ତର୍ଜାତୀୟ ବିଧବା ଦିବସ,
ମିଳିତ ଜାତିସଂଘର ଜନସେବା ଦିବସ ,ମହାବୀର ଜୟନ୍ତୀ
ତା୨୪. ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ
ତା୨୬. ଅନ୍ତର୍ଜାତୀୟ ନିଶା ବିରୋଧୀ ଦିବସ
ତା୨୯. ଜାତୀୟ ପରିସଂଖ୍ୟାନ ଦିବସ



ଯେତେ ସାମର୍ଥ୍ୟ ଥିଲେ ମଧ୍ୟ ଧୈର୍ଯ୍ୟ ବିନା କୌଣସି ସଫଳତା ମିଳେନାହିଁ।

# ମହାବିଷୁବ ମିଳନ ଉତ୍ସବ ୨୦୨୪








ଗତ ତା୧୪.୦୪.୨୦୨୪ରିଖ ରବିବାର ଦିନ 'ଆମରି ସତ୍ୟ ବିକାଶ ପରିଷଦ, ଜଟଣୀ'ର ମହାବିଷୁବ ମିଳନ ଉତ୍ସବ ଶ୍ରୀଯୁକ୍ତ ଜବାହରଲାଲ ସୁବୁଦ୍ଧିଙ୍କ ସଭାପତିତ୍ୱରେ ରାମଚନ୍ଦ୍ରପୁର ବଜାର ସ୍ଥିତ କ୍ରିଷ୍ଣା ଟାୱାର ପଛପାଖରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସାରସ୍ୱତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଶିକ୍ଷାବିତ୍ ଡ. ବିଷ୍ଣୁ ଚରଣ ସାହୁ ଯୋଗଦେଇ ଆମ ସଂସ୍କୃତି, ପରମ୍ପରା ଓ ମହାବିଷୁବ ସଂକ୍ରାନ୍ତିର ମହାନତା ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ । 'ଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦ, ଓଡ଼ିଶା'ର ସଭାପତି ଶ୍ରୀଯୁକ୍ତ ବିନାୟକ ରଥ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଉକ୍ତ ଦିବସର ତାତ୍ପର୍ଯ୍ୟତା ବର୍ଣ୍ଣନା କରିବା ସହିତ ଓଡ଼ିଆ ନବବର୍ଷର ଐତିହାସିକ ବିଶେଷତ୍ୱ, ଝାମୁଯାତ୍ରା, ଦଣ୍ଡଯାତ୍ରା ବିଷୟରେ ତଥ୍ୟ ଉପସ୍ଥାପନା କରିଥଲେ । ସମ୍ମାନୀତ ଅତିଥି ବରିଷ୍ଠ ପାଲାଗାୟକ ପଣ୍ଡିତ ରମାକାନ୍ତ ମିଶ୍ର ମହାବିଷୁବ ସଂକ୍ରାନ୍ତିର ଧାର୍ମିକ ଓ ସାମାଜିକ ବିଶେଷତା ବ୍ୟାଖ୍ୟା ପ୍ରଦାନ କରିବା ସହିତ ତୁଳସୀ ବୃକ୍ଷର ପୂଜା ଓ କାବ୍ୟ ସାହିତ୍ୟରେ ଗ୍ରୀଷ୍ମ ଋତୁ ବିଷୟରେ ବର୍ଣ୍ଣନା କରିଥଲେ । 'ଆମରି ସତ୍ୟ'ର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ମହାବିଷୁବ ସଂକ୍ରାନ୍ତିକୁ ଓଡିଆ ନବବର୍ଷ, ପଣାସଂକ୍ରାନ୍ତି ଭାବରେ ଓଡ଼ିଶାର ପୁରପଲ୍ଲୀରେ କିପରି ଧୁମଧାମରେ ପାଳନ କରାଯାଏ ଚର୍ଚ୍ଚା କରିଥିଲେ । ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ ତଥା ପ୍ରାକ୍ତନ ଅଧକ୍ଷ ଡ. ଭାବଗ୍ରାହୀ ବିଶ୍ୱାଳ ମଧ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ଏହି ଅବସରରେ ଓଡ଼ିଶା ଭାଷା ସାହିତ୍ୟ ଗବେଷଣା ପ୍ରତିଷ୍ଠାନ ବିପିନ ବିହାରୀ ପାଠାଗାର, ଜଟଣୀର ପ୍ରତିଷ୍ଠାତା ଶ୍ରୀଯୁକ୍ତ ବିପିନ ବିହାରୀ ମହାନ୍ତି, ଜଟଣୀ ସାହିତ୍ୟ ସଂସଦର ସଭାପତି ଶ୍ରୀଯୁକ୍ତ ଶ୍ୟାମ ସୁନ୍ଦର ତ୍ରିପାଠୀ ଏବଂ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ଶ୍ରୀମତୀ ଗୀତାଞ୍ଜଳି ମହାପାତ୍ରଙ୍କୁ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଉକ୍ତ ଉତ୍ସବର ପ୍ରଥମ ପର୍ଯ୍ୟାୟରେ ଏକ କବିତା ପାଠ କାର୍ଯ୍ୟକ୍ରମ ଶ୍ରୀଯୁକ୍ତ ପଦ୍ମଲୋଚନ ସାହୁଙ୍କ ସଭାପତିତ୍ୱରେ ତଥା ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀ, ଶ୍ରୀମତୀ ରଶ୍ମିତା ନାୟକ ଏବଂ ଶ୍ରୀଯୁକ୍ତ ସମରଜିତ ପଟ୍ଟନାୟକଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ପରିଷଦର ସମ୍ପାଦକ ଶ୍ରୀଯୁକ୍ତ ଆଦିନାରାୟଣ ଖଣ୍ଡୁଆଳ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ ଏବଂ ଡ. ସୁକାନ୍ତି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ମହାବିଷୁବ ମିଳନ ଉତ୍ସବରେ କାହ୍ନୁ ଚରଣ ମିଶ୍ର, ଗଗନ ପଟ୍ଟନାୟକ, କିଶୋର ଚନ୍ଦ୍ର ପାଇକରାୟ, ବ୍ରଜବନ୍ଧୁ ନାୟକ, ଜଗନ୍ନାଥ ନାୟକ, ପ୍ରମୋଦ ମହାନ୍ତି, ସୁରେଶ ରଥ, ସତ୍ୟବାଦୀ ସାହୁ, ସୁଦର୍ଶନ ମହାପାତ୍ର, ଜ୍ଞାନ ଦାଶ, ଆରତୀ ସେନ୍, ବାସୁଦେବ ସାହୁ, ହେମଲତା ସାହୁ, ପ୍ରଭାସ ଚନ୍ଦ୍ର ମଙ୍ଗରାଜ, ରଜନୀ ରଣସିଂହ, ସୌଦାମିନୀ ବେହେରା ପ୍ରମୁଖ ସହଯୋଗ କରିଥଲେ ।

# ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ୨୦୨୪







ଗତ ତା୨୯.୦୪.୨୦୨୪ରିଖ ଦିନ 'ଆମରି ସତ୍ୟ' ତରଫରୁ ମୁକୁନ୍ଦପ୍ରସାଦ, ଖୋର୍ଦ୍ଧାରେ ଐତିହାସିକ ସତ୍ୟବାଦୀ ବଳିୟାରସିଂହଙ୍କ ଅଧକ୍ଷତାରେ ମଧୁସୂଦନ ଜୟନ୍ତୀ ପାଳନ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳସଚିବ ଡ. ନାରାୟଣ ରାଓ ମହୋଦୟ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନର ମୁଖ୍ୟ ଘଟଣାବଳୀଗୁଡ଼ିକୁ ସୁନ୍ଦର ଭାବରେ ଉପସ୍ଥାପନା କରିଥଲେ । ମୁଖ୍ୟବକ୍ତା ଭାବରେ ସରକାରୀ ମହିଳା ମହାବିଦ୍ୟାଳୟ, ପୁରୀର ପ୍ରାକ୍ତନ ଅଧକ୍ଷ ଡ.ଶରଚ୍ଚନ୍ଦ୍ର ମହାପାତ୍ର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଉତ୍କଳ ଗୌରବ ମଧୁସୂଦନ ଦାସ ଏବଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଭୂମିକା ସମ୍ବନ୍ଧରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବରେ ସଦାଶିବ ସଂସ୍କୃତ ମହାବିଦ୍ୟାଳୟ, ପୁରୀର ପ୍ରାକ୍ତନ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମଧୁବାବୁ କିପରି ପୁରୀ ଗଜପତି ମହାରାଜାଙ୍କ ସମ୍ମାନ ରକ୍ଷା ପାଇଁ ନ୍ୟାୟାଳୟରେ ଜୟଯୁକ୍ତ ହୋଇଥିଲେ, ତାହା ବଖାଣିଥିଲେ । ସମ୍ମାନିତ ଅତିଥି ଭାବରେ 'ଆମରି ସତ୍ୟ'ର ପ୍ରତିଷ୍ଠାତା ଡ.ପ୍ରମୋଦ ଚନ୍ଦ୍ର ଦାଶ ମଧୁସୂଦନ ଦାସଙ୍କ ସାହିତ୍ୟ କୃତୀ ଓ କବିତା ମାଧ୍ୟମରେ ଓଡ଼ିଆ ଜାତିକୁ କିପରି ଅନୁପ୍ରାଣିତ କରୁଥିଲେ, ତାହା ବର୍ଣ୍ଣନା କରିଥିଲେ । ସମସ୍ତ ବକ୍ତାମାନେ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ସେବାରେ ନିଯୋଜିତ ହେବା ପାଇଁ ନବ ଯୁବପିଢିକୁ ଦୃଢ ଆହ୍ୱାନ ଦେଇଥିଲେ ।

ଏହି ଅବସରରେ ଶ୍ରୀଯୁକ୍ତ ବିଜୟ ଚନ୍ଦ୍ର ମହାପାତ୍ରଙ୍କ ଦୁଇଟି ସଦ୍ୟ ପ୍ରକାଶିତ ପୁସ୍ତକ 'ଭଗବାନ ଭରସା' ଏବଂ 'ସବୁ ଭିନ୍ନ ସ୍ୱାଦର' ଉନ୍ମୋଚିତ ହେବା ସହିତ ବିଜୟ ଚନ୍ଦ୍ର ମହାପାତ୍ରଙ୍କୁ 'ଆମରି ସତ୍ୟ ସମ୍ମାନ ପତ୍ର' ପ୍ରଦାନ କରାଯାଇଥିଲା ।

ଏକ କବିତା ପାଠୋତ୍ସବ ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ଦାଶଙ୍କ ସଭାପତିତ୍ୱରେ ତଥା ଶ୍ରୀଯୁକ୍ତ ଆଦିନାରାୟଣ ଖଣ୍ଡୁଆଳ ଏବଂ ପଣ୍ଡିତ ରମାକାନ୍ତ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ପ୍ରଭାସ କୁମାର ମଙ୍ଗରାଜ, ସୁରେଶ କୁମାର ବିଶ୍ୱାଳ, ନାରାୟଣ ଦାସ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଅଶୋକ କୁମାର ରାୟସିଂହ, ପଦ୍ମନାଭ ପାଣିଗ୍ରାହୀ, ଆଦିନାରାୟଣ ଖଣ୍ଡୁଆଳ, ଜବାହାରଲାଲ ସୁବୁଦ୍ଧି, ପଦ୍ମଲୋଚନ ସାହୁ, ଜଗନ୍ନାଥ ନାୟକ ପ୍ରମୁଖ କବିତା ପାଠ କରିଥିଲେ । ଶ୍ରୀଯୁକ୍ତ ଜାବାହାରଲାଲ ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ ।

Volume - 14 ● Issue No. 11 ● Monthly ● May - 2024 ● Pages - 36 ● RNI Regn. No. ODI/ODI/2010/350521 ● Postal Regd. No. PURI-33/2022-24

AAA

ARYAVART ANCIENT ACADEMY,KHORDHA

A day cum residential CBSE Affiliated School

ADMISSION OPEN FOR AY 2024-2025

Avail 100% Scholarship on Admission and up to 100% Scholarship on Session Fee through A-TAT Aryavart Talent Acquisition Test

Date of Entrance:

20th May, 2024

Time: 9 am-11 am

EXAM

Seats Available:
- Std 3- 50 Seats
- Std 5- 50 Seats
- Std 7- 50 Seats

SCAN THE QR CODE FOR REGISTRATION

For more details Contact
9124654094

Visit our website
www.aaaschool.in

Printed & Published by Dr. Prasanna Kumar Jena Owned by "AMARISATYA", M-1/5, Mukunda Prasad Housing Board Colony, Post - P. N. College, Dist - Khordha, Printed at Webline, D2/19, Mancheswar Industrial Estate, BBSR-10,
Published From - "AMARISATYA", Mukunda Prasad Housing Board Colony, Post - P. N. College, Dist - Khordha, Pin - 752057
Editor : Dr. Prasanna Kumar Jena
Founder : Dr. Pramod Chandra Dash